## ସଂକ୍ଷେପରେ

### ନାଳରେ ପଡ଼ି ବୃଦ୍ଧ ମୃତ

ପ୍ରୀତିପୁର, ୨।୮ (ସୁଶାନ୍ତ ବେହୁରିଆ):

ଦଶରଥପୁର ବ୍ଲକ୍ ଶୁଶୁଆ ପଞ୍ଚାୟତ ସଦାବ୍ରତ ଗ୍ରାମ ଦଳିତ ସାହିର ଶ୍ୟାମସୁନ୍ଦର ଜେନା ବୁଧବାର ନାଳରେ ପଡ଼ି ମୃତ୍ୟୁବରଣ କରିଛନ୍ତି। ସେ ଗ୍ରାମ ନିକଟସ୍ଥ ନାଳରେ ଶୌଚ ହେବାକୁ ଯାଇଥିବା ବେଳେ ଅସାବଧାନତାବଶତଃ ନାଳରେ ପଡ଼ି ଯାଇଥିଲେ। ଦୀର୍ଘ ସମୟ ଧରି ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ। ଏହାପରେ କାଣୀର ଶାଖା ଭାଟିଆ ନାଳରୁ ତାଙ୍କୁ ଉଦ୍ଧାର କରାଯାଇଥିଲା। ଗ୍ରାମବାସୀଙ୍କ ସହାୟତାରେ ତାଙ୍କୁ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ।

### ଗଣ୍ଡାନାଳରେ ଭାସି ଯାଇ ଯୁବକ ମୃତ

କଳିଙ୍ଗନଗର, ୨।୮ (ଶୁଭାଶିଷ ରାଉତ):

ଦାନଗଦି ବ୍ଲକ ରଣାଗୁଣ୍ଡି ପଞ୍ଚାୟତ ବାରାଖାଇ ଗ୍ରାମର ଜଣେ ଯୁବକ ଗଣ୍ଡାନାଳରେ ଭାସିଯାଇ ମୃତ୍ୟୁବରଣ କରିଛନ୍ତି। ମୃତକ ହେଲେ ଗ୍ରାମର ଶେଷଦେବ କରଙ୍କ ପୁଅ ଦୀପ୍ତିରଞ୍ଜନ କର(୨୮)। ବୁଧବାର ସେ ଗଣ୍ଡାନାଳରେ ଗାଧୋଇବାକୁ ଯାଇଥିବାବେଳେ ଭାସି ଯାଇଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ କୋଳିପାଳ ଗାଁ ନିକଟ ତୁଠର ଏକ ଗଛରେ ଲାଗି ଥିବା ଦେଖିଥିଲେ। ସେଠାରୁ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସରେ ଦାନଗଦି ଡାକ୍ତରଖାନାକୁ ଆଣିଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। କଳିଙ୍ଗନଗର ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଦୀପ୍ତିରଞ୍ଜନ ନିକଟସ୍ଥ ଏକ ଘରୋଇ କାରଖାନାରେ ଶ୍ରମିକ ଭାବେ କାମ କରୁଥିଲେ।

### ଥାନାରେ ନିଆଁ

ରୂପସା, ୨।୮ (ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ବସ୍ତା ଥାନା ପରିସରରେ ବୁଧବାର ମଧ୍ୟାହ୍ନରେ ଅକସ୍ମାତ ନିଆଁ ଲାଗିଯାଇଥିଲା। ଥାନା କର୍ମଚାରୀ ସମେତ ଥାନାକୁ ଏତଲା ଦେବାକୁ ଆସିଥିବା ଅଭିଯୋଗକାରୀ ଏଣେତେଣେ ଦୌଡ଼ି ପଳାଇବାରୁ ଅଳ୍ପକେ ବର୍ତ୍ତିଯାଇଥିଲେ।

ଥାନା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖ ଟେବୁଲରେ ବସି ପୋଲିସ ଅଧିକାରୀମାନେ ଲୋକଙ୍କଠାରୁ ଏତଲା ଗ୍ରହଣ କରୁଥିଲେ। ଏହି ସମୟରେ ଥାନାର କାନ୍ଥ ଦେଇଯାଇଥିବା ବିଦ୍ୟୁତ ତାରରେ ହଠାତ୍ ନିଆଁ ଲାଗିଯାଇଥିଲା। ନିଆଁକୁ ଦେଖି ଥାନା କର୍ମଚାରୀ ସମେତ ଥାନାକୁ ଏତଲା ଦେବାକୁ ଆସିଥିବା ଲୋକେ ଏଣେତେଣେ ଦୌଡ଼ି ପଳାଇଥିଲେ। ପରେ ମୁଖ୍ୟ ବିଦ୍ୟୁତ ତାର ସହ ସଂଯୁକ୍ତ ମେନ୍ ସୁଇଚକୁ ଅଫ କରିଦେବାରୁ ନିଆଁ ଆୟତ୍ତ ହୋଇଥିଲା। ଏହାପରେ ବିଦ୍ୟୁତ୍ ବିଭାଗକୁ ଖବର ଦିଆଯାଇଥିଲା। ବିଦ୍ୟୁତ କର୍ମଚାରୀ ପହଞ୍ଚି ତ୍ରୁଟି ସଜାଡ଼ିଥିଲେ। ସଟ ସର୍କିଟରୁ ଏହି ଅଗ୍ନିକାଣ୍ଡ ଘଟିଥିବା ବିଦ୍ୟୁତ ବିଭାଗ କର୍ମଚାରୀ କହିଛନ୍ତି।

# ଯାଜପୁର ଜିଲାପାଳଙ୍କୁ ଲୋକାୟୁକ୍ତଙ୍କ ନୋଟିସ

**ମାଙ୍କଡ଼ିଆ ଜନଜାତି କଲୋନି ନିର୍ମାଣ ପ୍ରସଙ୍ଗ**

- ୮୭ ପ୍ରତିଶତ ଖର୍ଚ୍ଚ, ୩୦% କାମ ହୋଇନି
- ଆଦିବାସୀଙ୍କ ପକ୍କା ଘରେ ରହିବା ସ୍ୱପ୍ନ

ଯାଜପୁର, ୨।୮ (ହର୍ଷବର୍ଦ୍ଧନ ବେହେରା):




ଅଧାପନ୍ତରିଆ ଭାବେ ପଡି ରହିଥିବା ମାଙ୍କଡ଼ିଆ କଲୋନି।

ସମାଜରେ ସବୁଠାରୁ ଅବହେଳିତ ଯାଯାବର ମାଙ୍କଡ଼ିଆ ସମ୍ପ୍ରଦାୟ ଜନଜାତିଙ୍କ ପାଇଁ ଉଦ୍ଦିଷ୍ଟ ୮୭ କଲୋନୀ ନିର୍ମାଣରେ ବ୍ୟାପକ ଅନିୟମିତତା ହୋଇଛି। ଯାଜପୁର ଜିଲା ସୁକିନ୍ଦା ବ୍ଲକ ଗାଁସୋଲ ପଞ୍ଚାୟତ କୁସୁମୁଣ୍ଡିଆ ଗ୍ରାମରେ ହୋଇଥିବା ଏଭଳି ଅଭିଯୋଗ ଉପରେ ଯାଜପୁର ଜିଲାପାଳଙ୍କ ସମେତ, ସୁକିନ୍ଦା ବିଡିଓ, ଯାଜପୁର ଗ୍ରାମ୍ୟ ନିର୍ମାଣ ଡିଭିଜନ-୧ର ଅଧୀକ୍ଷଣ ଯନ୍ତ୍ରୀ ଓ ଠିକାଦାର ଭାଗବତ ଖଟୁଆଙ୍କୁ ୪ ସପ୍ତାହ ମଧ୍ୟରେ ଜବାବ୍ ଦାଖଲ କରିବାକୁ ଲୋକାୟୁକ୍ତଙ୍କ ପକ୍ଷରୁ ଅଧ୍ୟକ୍ଷ ଓ ସଦସ୍ୟ ନିର୍ଦ୍ଦେଶ ଦେଇଛନ୍ତି। ଏହାର ପରବର୍ତ୍ତୀ ଶୁଣାଣୀ ୭।୯।୨୦୨୩ରେ ହେବ ବୋଲି ଉକ୍ତ ନିର୍ଦ୍ଦେଶ ପତ୍ରରେ ସୂଚନା ଦିଆଯାଇଛି।

ଅଭିଯୋଗ ଅନୁଯାୟୀ, ଜଙ୍ଗଲ ଜମି ଅଧିକାର ଆଇନ ମାଧ୍ୟମରେ ୮୭ ମାଙ୍କଡ଼ିଆ ସମ୍ପ୍ରଦାୟ ପରିବାରବର୍ଗଙ୍କୁ ଜମି ଯୋଗାଇ ଗୃହ ନିର୍ମାଣ ବାବଦକୁ ୩ କୋଟି ୨୫ ଲକ୍ଷ ୧୮ ହଜାର ୩୯୨ ଟଙ୍କା ଡିଏମ୍ଏଫ୍(ଜିଲା ଖଣିଜ ପ୍ରତିଷ୍ଠାନ) ପାଣ୍ଠିରୁ ମଞ୍ଜୁର ହୋଇଥିଲା। ସେଥିରୁ ୨୦୨୧-୨୨ ସୁଦ୍ଧା ୨ କୋଟି ୮୧ ଲକ୍ଷ ୨୦ ହଜାର ଟଙ୍କା ପ୍ରଦାନ କରାଯାଇଥିବାବେଳେ ପ୍ରାୟ ସମସ୍ତ ଟଙ୍କା ଖର୍ଚ୍ଚ ହୋଇ ସାରିଛି। ଏପରି କି ଯାଜପୁର ଗ୍ରାମ୍ୟ ନିର୍ମାଣ ଡିଭିଜନ-୧ର ନିର୍ବାହୀ ଯନ୍ତ୍ରୀ ଖର୍ଚ୍ଚ ପରିମାଣର ବିନିଯୋଗ ପତ୍ର(ୟୁସି) ଦାଖଲ ମଧ୍ୟ କରି ସାରିଛନ୍ତି। ଯାଜପୁର ଜିଲାପାଳ ତଥା ଡିଏମ୍ଏଫ୍ ଟ୍ରଷ୍ଟିଙ୍କୁ ଏହି ୟୁସି ଦାଖଲ ସମ୍ପର୍କରେ ନିର୍ବାହୀ ଯନ୍ତ୍ରୀ ଗତ ୨୦।୭।୨୦୨୩ରେ ରିପୋର୍ଟ ମଧ୍ୟ ପ୍ରଦାନ କରି ସାରିଛନ୍ତି। ହେଲେ ଅଧିକାଂଶ ଘର ଅଧାପନ୍ତରିଆ ଅବସ୍ଥାରେ ପଡି ରହିଥିବାବେଳେ କେତେକ ଘର ଭିତରେ ଫାଟ ସୃଷ୍ଟି ହୋଇ ସାରିଛି। ସାମାଜିକ କର୍ମୀ ମଣ୍ଟୁ ଦାସଙ୍କ ଅଭିଯୋଗ କ୍ରମେ ଲୋକାୟୁକ୍ତ ୩୪୬/୨୦୨୩ ନମ୍ବରରେ ଏକ ମାମଲା ରୁଜୁ ହୋଇଛି। ଅଭିଯୋଗ ଆହୁରି ଦର୍ଶାଯାଇଛି, ମାଙ୍କଡ଼ିଆ ଜନଜାତି ଜଙ୍ଗଲ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ। ଯାଜପୁର, ମୟୂରଭଞ୍ଜ, ସମ୍ବଲପୁର ଓ କଳାହାଣ୍ଡି ଜିଲାରେ ଏହି ଜନଜାତିମାନେ ବସବାସ କରିଥାନ୍ତି। ଏମାନେ ପାର୍ଟିକୁଲାର ଭୁଲନେରେବୁଲ ଟ୍ରାଇବାଲ ଗ୍ରୁପ(ପିଭିଟିଜି) କ୍ୟାଟେଗୋରୀ ଅଧୀନରେ ଆସୁଛନ୍ତି। ବର୍ତ୍ତମାନ ଏହି ସମ୍ପ୍ରଦାୟର ୮୭ ପରିବାର କାଳିଆପାଣି ଖଣି ନିକଟସ୍ଥ ମଲ୍ଲାରସାହି ଗ୍ରାମରେ ବସବାସ କରୁଛନ୍ତି। ଏମାନଙ୍କୁ ଡିଏମ୍ଏଫ୍ ପାଣ୍ଠିରୁ ପ୍ରତ୍ୟେକ ପରିବାରଙ୍କୁ ଘର ସମେତ ପାନୀୟ ଜଳ, ବାଥରୁମ, ବିଦ୍ୟୁତ୍ ଯୋଗାଇ ଦେବାକୁ ପାଣ୍ଠି ମଞ୍ଜୁର ହୋଇଛି। ହେଲେ ମଞ୍ଜୁର ପାଣ୍ଠିରୁ ପ୍ରାୟ ୮୭ ପ୍ରତିଶତ ଖର୍ଚ୍ଚ ହୋଇ ସାରିଛି। ଏହାସହ ଘର ଯୋଗାଇ ଅନ୍ୟାନ୍ୟ ଅନୁଷଙ୍ଗିକ ସୁବିଧା ୨୧।୨।୨୦୨୦ ସୁଦ୍ଧା ଶେଷ ହେବା କଥା। କିନ୍ତୁ ୩ ବର୍ଷ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ ମାତ୍ର ୩୦% କାମ ସରିଛି। ଫଳରେ ଏହିସବୁ ପ୍ରତିଶ୍ରୁତି ନୀରିହ ମାଙ୍କଡ଼ିଆ ଜନଜାତି ପରିବାରଙ୍କ ପାଇଁ ସ୍ୱପ୍ନ ହୋଇଛି। ଶେଷ ହୋଇଥିବା ଘରଗୁଡିକ ଏତେ ନିମ୍ନମାନର ହୋଇଛି ଯେ, ସେଥିରେ ମଣିଷ ରହିବା ଅସମ୍ଭବ। ତେଣୁ ଲୋକାୟୁକ୍ତଙ୍କ ନିକଟରେ ଏହି ଦୁର୍ନୀତି ଉପରେ ଉପଯୁକ୍ତ ତଦନ୍ତ କରି ଦୋଷୀମାନଙ୍କ ବିରୋଧରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରାଯାଇଛି। ତେବେ ସଂପୃକ୍ତ ଠିକାଦାର ଜିଲାର ଜଣେ ପ୍ରଭାବଶାଳୀ ରାଜନେତାଙ୍କ ପାଖ ଲୋକ ହୋଇଥିବାରୁ ସହଜରେ ଖସିଯିବେ ବୋଲି ଅଞ୍ଚଳବାସୀଙ୍କ ମଧ୍ୟରେ ଚର୍ଚ୍ଚା ହେଉଛି। ଏ ସଂକ୍ରାନ୍ତରେ ଯାଜପୁର ଗ୍ରାମ୍ୟ ନିର୍ମାଣ ଡିଭିଜନର ନିର୍ବାହୀ ଯନ୍ତ୍ରୀ ଜ୍ଞାନରଞ୍ଜନ ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, ଲୋକାୟୁକ୍ତଙ୍କ ନିର୍ଦ୍ଦେଶ ଅନୁସାରେ ଠିକ ସମୟରେ ରିପୋର୍ଟ ଦାଖଲ କରାଯିବ।

## ଭାରତକୁ ବିଶ୍ୱଗୁରୁ କରିବାକୁ ଆହ୍ୱାନ

ଯାଜପୁର ସଦର, ୨।୮ (ସମର ବିଜୟ ଶରଣ):

ଯାଜପୁର ବ୍ଲକ ଅନ୍ତର୍ଗତ ମହେଶ୍ୱରପୁର ଗ୍ରାମର ଆରାଧ୍ୟ ବାବା ମୁକ୍ତେଶର ମନ୍ଦିର ପରିସରରେ ଆତ୍ମା ଭଗବାନ ଭକ୍ତ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ପରମଜ୍ୟୋତି ଧର୍ମ ମାର୍ଗଦର୍ଶିକା ବନ୍ଦନାଜୀଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଭାରତକୁ ବିଶ୍ୱଗୁରୁ କରିବା ପାଇଁ ଆହ୍ୱାନ କରାଯିବା ସହ ପୁରାତନ ମନ୍ଦିରର ପୁନରୁଦ୍ଧାର କରି ସନାତନ ଧର୍ମକୁ ପୁନର୍ଜୀବିତ କରିବାର ପ୍ରୟାସ ହେଉଛି ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ବୋଲି ମତପ୍ରକାଶ ପାଇଥିଲା।

ଉକ୍ତ କାର୍ଯ୍ୟକ୍ରମ ଦେଶର ପ୍ରାୟ ଚାରି ହଜାରରୁ ଊର୍ଦ୍ଧ୍ୱ ମନ୍ଦିରରେ ଅନୁଷ୍ଠିତ ହୋଇଥିଲା। ଉପସ୍ଥିତ ଶ୍ରଦ୍ଧାଳୁମାନେ ପୂଜା ପାଠପରେ ନିଜର ପ୍ରାର୍ଥନା ପୂର୍ଣ୍ଣ ହେବାର ଅନୁଗ୍ରହ ଲାଭ କରିଥିଲେ। ଭାତୃଭାବ ସୃଷ୍ଟି ସହ ଶାନ୍ତି, ମୈତ୍ରୀ ଓ ସଦଭାବ ଜରିଆରେ ପ୍ରଭୁକୃପା ଲାଭ କରିବାକୁ ସମ୍ମିଳନୀରେ ଅଂଶଗ୍ରହଣ କରିଥିବା ପରମଜ୍ୟୋତି ସେବକ ପ୍ରମୋଦ କୁମାର ସିଂହ, କନକଲତା ସାହୁ, ମୋହନ ସିଂହ, ପ୍ରଭାତୀ ସିଂହ ଓ ଶୁଭମ ବରାଳ ପ୍ରମୁଖ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମକୁ ସେବକ ରାଜେଶ କୁମାର ପାତ୍ର, ବିଜୟ ପାତ୍ର ଓ ଅଶୋକ ଦାସ ପରିଚାଳନା କରିଥିଲେ।

## ବ୍ୟାଙ୍କ ଋଣ ସଚେତନତା ଶିବିର




ବ୍ୟାଙ୍କ ଋଣ ସଚେତନତା ଶିବିରରେ ମଞ୍ଚାସୀନ ଅତିଥି।

ଧର୍ମଶାଳା, ୨।୮ (ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ବ୍ଲକ୍ ମିଶନ ଶକ୍ତି ଆନୁକୂଲ୍ୟରେ ବ୍ଲକ ସଭାଗୃହରେ ସ୍ୱୟଂସହାୟକ ଗୋଷ୍ଠୀମାନଙ୍କ ପାଇଁ ଏକ ବ୍ୟାଙ୍କ ଋଣ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ର୍ମଶାଳା ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବ୍ୟାଙ୍କ ଋଣ ନେଇ ମା'ମାନେ ବିଭିନ୍ନ ବ୍ୟବସାୟ କରି ନିଜେ ସ୍ୱାବଲମ୍ବୀ ହେବା ସହିତ ନିଜ ପରିବାର ପ୍ରତିପୋଷଣ କରିପାରିବେ। ମହିଳାମାନେ ଚାହିଁଲେ ଛତୁ ଚାଷ, ବଡ଼ି, ଧୂପ, ଚାନ୍ଦୁଆ, କାଇଁଚ, ଗୋପାଳନ, କୁକୁଡା, ଛେଳି, ବତକ ଆଦି ଅନେକ ବ୍ୟବସାୟ କରି ସ୍ୱାବଲମ୍ବୀ ହୋଇପାରିବେ ବୋଲି ଅତିଥିମାନେ ଆଲୋକପାତ କରିଥିଲେ।

ମଣ୍ଡଳ ଉନ୍ନୟନ ଅଧିକାରୀ ଦେବେନ୍ଦ୍ର ପ୍ରସାଦ ବଳ ସମ୍ମାନିତ ଅତିଥିଭାବେ ଯୋଗଦେଇ ଏସ୍ଏଚ୍‌ଜି ମହିଳାମାନଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଓ ବ୍ୟାଙ୍କ ଋଣ ବିଷୟରେ ସଚେତନ କରାଇଥିଲେ। ମହିଳା ଓ ଶିଶୁବିକାଶ ଅଧିକାରୀ ସଞ୍ଜୁଲତା ନାୟକ ଅତିଥି ଭାବରେ ଯୋଗଦେଇ ମମତା ଯୋଜନା ବିଷୟରେ ମତବ୍ୟକ୍ତ କରିବା ସହିତ ବାଲ୍ୟବିବାହ ନିଷେଧ ଉପରେ ମହିଳାମାନଙ୍କୁ ସଚେତନ କରାଇଥିଲେ। ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ଅସିତ କୁମାର ପାତ୍ର ଅନ୍ୟତମ ଅତିଥି ଭାବେ ଯୋଗଦେଇ ବ୍ୟାଙ୍କରୁ ଋଣ ନେବା ଓ ଠିକ ସମୟରେ ପରିଶୋଧ କରିବା ଉପରେ କହିଥିଲେ। ପ୍ରାରମ୍ଭରେ ଛାତ୍ରୀ ଲିପ୍ସାରାଣୀ ରାଉତ ଓ ମୌସୁମୀ କରଙ୍କ ଦ୍ୱାରା ସ୍ୱାଗତ ନୃତ୍ୟ ପରିବେଷଣ କରାଯାଇଥିଲା। ଓଡ଼ିଶା ଜୀବିକା ମିଶନ(ଓଏଲ୍ଏମ୍)ର ବିପିଏମ୍ ସସ୍ମିତା ମହାପାତ୍ର ଓ ମିଶନଶକ୍ତି ବିପିସି ନିର୍ମଳ କୁମାର ଦାସ ସଭା ପରିଚାଳନା କରିଥିବାବେଳେ ବିଏଲ୍ଏଫ୍‌ର ସଭାନେତ୍ରୀ ଓ ସମ୍ପାଦିକା ପ୍ରଶିକ୍ଷଣ ପ୍ରଦାନରେ ସହଯୋଗ କରିଥିଲେ। ଓଡ଼ିଶା ମିଶନ ଶକ୍ତିର ବିଏଲ୍‌ସି ସଂଯୁକ୍ତା ସାମଲ, ଅନୁପମା ଖିଲାର, ଇତିଶ୍ରୀ ସାହୁ, ଲଳିତ ମୋହନ ବେହେରା, ଲକ୍ଷ୍ମୀଧର ମହାନ୍ତି ଓ ଲୋପାମୁଦ୍ରା ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

## ପାଟପୁର ସରପଞ୍ଚଙ୍କ ବିଜେଡିରେ ଯୋଗଦାନ

ଧର୍ମଶାଳା, ୨।୮ (ବଟକୃଷ୍ଣ ପରିଡ଼ା):

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି, ଆଦର୍ଶ ଓ ବିକାଶମୂଳକ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ବୁଧବାର ଭାଜପାର ଜୋନସ୍ତରୀୟ ସଭାପତି, ପାଟପୁର ସରପଞ୍ଚ ଓ ତାଙ୍କର ବହୁ ସମର୍ଥକ ବିଜେଡିରେ ସାମିଲ ହୋଇଛନ୍ତି। ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମ ହଲରେ ଆୟୋଜିତ ଏହି ମିଶ୍ରଣ ପର୍ବରେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଯୋଗଦେଇ ଦଳରେ ସାମିଲ ହୋଇଥିବା ଧର୍ମଶାଳା ନିର୍ବାଚନମଣ୍ଡଳୀ ୧୪ନଂ. ଜୋନ ଭାଜପା ମଣ୍ଡଳ ସଭାପତି ଅର୍ଜୁନ ନାୟକ, ପାଟପୁର ଭାଜପା ସମର୍ଥିତ ସରପଞ୍ଚ ସନ୍ଧ୍ୟାରାଣୀ ନାୟକ ଓ ତାଙ୍କ ପ୍ରତିନିଧି ଦୁଃଶାସନ ନାୟକଙ୍କ ସହ ବହୁ ଭାଜପା କର୍ମୀମାନଙ୍କୁ ଦଳୀୟ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ମିଶ୍ରଣପର୍ବରେ ଧର୍ମଶାଳା ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ଧର୍ମଶାଳା ବ୍ଲକ୍ ସଭାପତି ଜଳଧର ମହାନ୍ତି, ପାଟପୁର ପଞ୍ଚାୟତ ବିଜେଡି ସଭାପତି ଅକ୍ଷୟ ସାହୁ, ସମିତିସଭ୍ୟଙ୍କ ପ୍ରତିନିଧି ଗୌରାଙ୍ଗ ପାଣିଗ୍ରାହୀ, ନଗେନ ଦାସ, ବ୍ଲକ୍ ଯୁବ ବିଜେଡି ସଭାପତି କ୍ଷୀତିଶ ନାୟକ, ସୁବ୍ରତ ଧଳ, ବିଧାୟକଙ୍କ ପ୍ରତିନିଧି ନିର୍ମଳ ପ୍ରଧାନ, ଯୁବସଙ୍ଗଠକ ପ୍ରତାପ ପ୍ରଧାନ ଓ ପୂର୍ଣ୍ଣଚନ୍ଦ୍ର ତରାଇ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



## ୭ରୁ ପିଇଓଙ୍କ କଳାବ୍ୟାଜ୍ ପରିଧାନ



ବିଡିଓଙ୍କୁ ପିଇଓ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

ରସୁଲପୁର, ୨।୮ (ରଞ୍ଜିତ ରାଉତ):

ରସୁଲପୁର ବିଡିଓ ଅବନିକାନ୍ତ ସାହୁଙ୍କ ଜରିଆରେ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ) ସଂଘ ରସୁଲପୁର ଶାଖା ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯିବ। ଜିଲାପାଳଙ୍କ କାର୍ଯ୍ୟାଳୟରୁ ସରକାରଙ୍କୁ ଅବଗତ କରାଯିବ ବୋଲି ସଂଘ ପକ୍ଷରୁ ସୂଚନା ମିଳିଛି। ଏହିକ୍ରମରେ ୭ଅଗଷ୍ଟରୁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀମାନେ କଳାବ୍ୟାଜ୍ ପରିଧାନ କରିବେ। ଏସବୁ ପରେ ସରକାର ଦାବିପୂରଣ ଦିଗରେ ପଦକ୍ଷେପ ଗ୍ରହଣ ନ କଲେ ଚଳତି ମାସ ୧୮ତାରିଖରୁ ପଞ୍ଚାୟତସ୍ତର ସମସ୍ତ ଅଧିକାରୀ ସମୂହ ଛୁଟିରେ ଯିବା ସହ ଧାରଣାରେ ବସିବେ ବୋଲି ନିଖିଳ ଉତ୍କଳ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

ସଂଘ ଦାବି ମୁତାବକ, ଗ୍ରାମାଞ୍ଚଳରେ କାର୍ଯ୍ୟକାରୀ ହେଉଥିବା ୧୪ ବିଭାଗର ୨୯ ଦାୟିତ୍ୱ ଗ୍ରାମ ପଞ୍ଚାୟତକୁ ହସ୍ତାନ୍ତର କରାଯାଇଛି। ତୃଣମୂଳସ୍ତରରୁ ଦାରିଦ୍ର୍ୟ ଦୂରୀକରଣ ସକାଶେ ଏମ୍‌ଜିଏନ୍‌ଆର୍‌ଇଜିଏସ୍, ଗ୍ରାମୀଣ ଆବାସ, ମୋ ଘର, ହରିଶ୍ଚନ୍ଦ୍ର ସହାୟତା, ସାଧାରଣ ବଣ୍ଟନ, ସାମାଜିକ ସୁରକ୍ଷା ଯୋଜନା, ଗ୍ରାମପଞ୍ଚାୟତ ଉନ୍ନୟନ ଯୋଜନା ପାଇଁ ଉଦ୍ଦିଷ୍ଟ ଏସ୍ଏଫ୍‌ସି ଓ ସିଏଫସି, ପାନୀୟଜଳ, ରାସ୍ତା ଆଲୋକୀକରଣ, ଗ୍ରାମ ପଞ୍ଚାୟତର ଭିତ୍ତିଭୂମି ପ୍ରତିଷ୍ଠା, ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀମାନେ ତୁଲାଉଛନ୍ତି। ମାତ୍ର ସରକାର ସେମାନଙ୍କ ଦାବିକୁ ପୂରଣରେ ଟାଳଟୁଳ ନୀତି ଅବଲମ୍ବନ କରିଆସୁଛନ୍ତି।

ଅଧିକାରୀମାନଙ୍କ ସ୍ୱାର୍ଥ ଦୃଷ୍ଟିରୁ ସଂଘ ପକ୍ଷରୁ ସରକାରଙ୍କ ସମ୍ମୁଖରେ କେତେକ ଦାବି ଉପସ୍ଥାନ କରାଯାଇଛି। ସେଗୁଡିକ ହେଲା ଅଧିକାରୀମାନଙ୍କୁ ପ୍ରବେଶିକା ପରୀକ୍ଷା ଶିକ୍ଷାଗତ ଯୋଗ୍ୟତା ଯୁକ୍ତ ୨ରୁ ଯୁକ୍ତ ୩କୁ ବୃଦ୍ଧି କରିବା, ଦରମାସ୍ତର-୫ର ଅର୍ଥରାଶି ୨୧,୭୦୦ରୁ ବୃଦ୍ଧିଘଟାଇ ସ୍ତର-୯ ଦରମା ହାର ୩୫,୪୦୦କୁ ମଞ୍ଜୁର କରିବା, ୧୦ବର୍ଷ ଚାକିରି ପୂରଣ କରିଥିବା ଅଧିକାରୀ ସମୂହ ପାଇଁ ସ୍ୱତନ୍ତ୍ର ପଦବୀ ସୃଷ୍ଟି କରାଯାଇ ଉଚ୍ଚତରସ୍ତରରେ ଅବସ୍ଥାପିତ କରିବା ଏବଂ ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ପଦବୀକୁ ଶତପ୍ରତିଶତ ପଦୋନ୍ନତି ବ୍ୟବସ୍ଥା କରିବା ଓ ଓପିଆର୍‌ଏସ କ୍ୟାଡରରେ ଅଧିକାରୀଙ୍କୁ ଅନ୍ତର୍ଭୁକ୍ତ କରିବା ଭଳି ଦାବି କରିଆସୁଛନ୍ତି। ଏହିଦାବି ଗୁଡିକୁ ପୂରଣ କରିବାରେ ସରକାର କାଳକ୍ଷେପଣ ନୀତି ଅବଲମ୍ବନ କରୁଥିବା ଆଚରଣକୁ ବିରୋଧ କରାଯାଇ ସଂଘ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଛି ବୋଲି ଜିଲା ସଂଘ ସମ୍ପାଦକ ଅଧିକାରୀ ନିକୁଞ୍ଜ ବିହାରୀ ରାଉତ, ସୁଧୀର ମହାନ୍ତି, ସସ୍ମିତା ମଲିକ, ଅକ୍ଷୟ ସାମଲ, ଅନିଲ ଅଙ୍ଗରାଇ, ଦେବପ୍ରସାଦ ଧଳ, ରମେଶ ଚନ୍ଦ୍ର ରଣା, ସତ୍ୟଜିତ୍ ରାଉତ, ସନ୍ତୋଷ ମିଶ୍ର, ନିରଞ୍ଜନ ବଳ, ଭଦ୍ରଶିଳା ଦେଓ, ଅଭିମନ୍ୟୁ ବିଶ୍ୱାଳ, ଶତ୍ରୁଘ୍ନ ଜେନା, ତିଳୋତ୍ତମା ସାହୁ ପ୍ରମୁଖ କହିଛନ୍ତି।

## ଗଛଡାଳ ପଡ଼ି ରାଜମିସ୍ତ୍ରିଙ୍କ ଜୀବନ ଗଲା

ବନ୍ତ, ୨।୮ (ହରିନାରାୟଣ ମହାନ୍ତି)

ଗଛ ଡାଳ ପଡ଼ି ଭଦ୍ରକ ଜିଲା ବନ୍ତ ବ୍ଲକ ଅଧୀନ ଟିଲୋ ପଞ୍ଚାୟତ ବଉଳସାହି ଗ୍ରାମର ରାଜମିସ୍ତ୍ରି ନରୋତ୍ତମ ରାଉତ(୬୫)ଙ୍କ ମୃତ୍ୟୁ ଘଟିଛି। ଗତ ୩ ଦିନ ଧରି ବ୍ଲକରେ ଲଘୁଚାପଜନିତ ବର୍ଷା ସହ ପବନ ଯୋଗୁ ବିଭିନ୍ନ ସ୍ଥାନରେ ଗଛ ଭାଙ୍ଗି ପଡ଼ିଛି। ନରୋତ୍ତମ ନିକଟସ୍ଥ ମନ୍ଦିରକୁ ପୂଜା କରିବାକୁ ଯାଉଥିବା ବେଳେ ରାସ୍ତାପାର୍ଶ୍ୱରେ ଥିବା ଏକ ଆମ୍ବ ଗଛ ଡାଳ ତାଙ୍କ ଉପରେ ଭାଙ୍ଗି ପଡ଼ିଥିଲା। ସେ ରାସ୍ତା ଉପରେ ଅଚେତ ହୋଇ ପଡ଼ିଥିଲେ। ପରିବାର ଲୋକ ପହଞ୍ଚି ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇ ଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସରପଞ୍ଚ ସଂଗ୍ରାମ କେଶରୀ ଜେନା, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ହରମୋହନ ବେହେରା, ପ୍ରାକ୍ତନ ସରପଞ୍ଚ ନିହାରିକା ରାଉତ, ସାମାଜିକ କର୍ମୀ ଇଂ. ଲକି ମାଷ୍ଟର ସ୍ୱାଇଁ, ଅବସରପ୍ରାପ୍ତ ଫାର୍ମାସିଷ୍ଟ ଉଦୟନାଥ ପଣ୍ଡା ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ତାଙ୍କ ପରିବାରକୁ ସହାୟତା ଯୋଗାଇବାକୁ ଦାବି ହୋଇଛି।

## ପତ୍ରିକା 'ପାଦୁକା' ଉନ୍ମୋଚିତ

ଛତିଆ, ୨।୮ (ସୌମ୍ୟରଞ୍ଜନ ସାହୁ):



ଅତିଥି ପତ୍ରିକା ଉନ୍ମୋଚନ କରୁଛନ୍ତି।

ବଡ଼ଚଣା ବ୍ଲକ ଧାନମଣ୍ଡଳସ୍ଥିତ ଉଦ୍ଦୀୟମାନ ପାଠାଗାରଠାରେ ବ୍ରାହ୍ମଣୀଦେବୀ ସାହିତ୍ୟ ସଂସଦର ପତ୍ରିକା 'ପାଦୁକା'ର ଚତୁର୍ଥ ସଂଖ୍ୟା ଉନ୍ମୋଚିତ ହୋଇଯାଇଛି। ଏହାକୁ ସାହିତ୍ୟିକ କାହ୍ନୁଚରଣ ଦାସ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ପ୍ରାଧ୍ୟାପକ ତଥା ପ୍ରାବନ୍ଧିକ ମନୋରଞ୍ଜନ ମହାନ୍ତି ଯୋଗଦେଇ କହିଥିଲେ, ପଢ଼ିଲେ ଜାଣିବେ, ଜାଣିଲେ ଜିଣିବେ। ମୁଖ୍ୟବକ୍ତା ସାହିତ୍ୟିକ ପ୍ରଶାନ୍ତ ସ୍ୱାଇଁ ଯୋଗଦେଇ କହିଥିଲେ, ସାହିତ୍ୟ ଜନଜୀବନର କଥା କହେ। ସମ୍ମାନିତ ବକ୍ତା ଅଧ୍ୟାପକ ପ୍ରଶାନ୍ତ କୁମାର ସାହୁ ଯୋଗଦେଇ ସାହିତ୍ୟ ମାଟିଠାରୁ ଆକାଶ ପର୍ଯ୍ୟନ୍ତ ବିସ୍ତୃତ ବୋଲି ଆଲୋଚନା ରଖିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଡ. ଅଜୟ କୁମାର ଲେଙ୍କା, ଉଦ୍ଦୀୟମାନ ମହିଳା ସଂଗଠନର ସଭାପତି ଦେବଯାନୀ ପ୍ରଧାନ ପ୍ରମୁଖ ଯୋଗଦେଇ ସାହିତ୍ୟ ଏକୁଡିଶାଳରୁ ମଶାଣି ଭୂଇଁ ପର୍ଯ୍ୟନ୍ତ ଲମ୍ବିଯାଇଛି ବୋଲି ମତ ରଖିଥିଲେ। ପରେ ଶ୍ରାବଣର ଶ୍ରାବଣୀ କବିତା ଆସର ବେଶ୍ ଜମିଥିଲା। ଏହାକୁ ସରୋଜିନୀ ପଣ୍ଡା, କାଦମ୍ବିନୀ ମିଶ୍ର ସଞ୍ଚାଳନ କରିଥିଲେ। କବି ନଟବର ପ୍ରଧାନ, ଚକ୍ରଧର ବିଶ୍ୱାଳ, ଅନନ୍ତ ପ୍ରସାଦ ମାହାଲା, ହିମାଂଶୁ ପଣ୍ଡା, ଗାୟତ୍ରୀ ରାଉତ, ବିନୋଦିନୀ ଦାସ,ମମତା ରାଉତ, ସୁନନ୍ଦା ରାଉତ ଓ ରଘୁନାଥ ସାହୁ ପ୍ରମୁଖ ଯୋଗଦେଇ ବର୍ଷା ଉପରେ କବିତା ପାଠ କରିଥିଲେ। ଏହି ପରିପ୍ରେକ୍ଷୀରେ ଗାନ୍ଧୀ ପ୍ରବର୍ତ୍ତକ ରାମଚନ୍ଦ୍ର ଶୁକ୍ଳ, ସାମାଜିକ କର୍ମୀ ହରପ୍ରିୟା ମହାନ୍ତି, ଅନୁଷ୍ଠାନ ସଭାପତି ଅବିନାଶ ଜେନା ଓ କାର୍ତ୍ତିକ ଚନ୍ଦ୍ର ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏନେଇ ଅନୁଷ୍ଠିତ ଆଲୋଚନାଚକ୍ରରେ ପତ୍ରିକା ସମ୍ପାଦକ କାହ୍ନୁଚରଣ ସାହୁ ସଭାପତିତ୍ୱ କରିଥିବାବେଳେ ଖବରଦାତା ରଶ୍ମିତା ସାହୁ ପୁସ୍ତକ ସମୀକ୍ଷା କରିଥିଲେ। ଅନିଲ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ହେମାମାଳିନୀ ସିଂହ, ଅନିତା ସାମଲ, ମଧୁମାଳିନୀ ସିଂହ, ଅନିଲ କୁମାର ପାତ୍ର, ଶିବ ମଲ୍ଲିକ, ଅଜିତ କିଶୋର ନାୟକ, ସୋନାଲି ଦାସ, କ୍ରିଷ୍ଣା ଭୂୟାଁ, ମୋନାଲିସା ପ୍ରଧାନ ଓ ବେଣୁଧର ପ୍ରଧାନ ପରିଚାଳନା କରିଥିଲେ। ଡ.କୈବଲ୍ୟ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷକ ପ୍ରତାପ ଚନ୍ଦ୍ର ଦାସ ଧନ୍ୟବାଦ ଦେଇଥିଲେ।

## ଚାଷୀ ମୁହଁରେ ହସ ଫୁଟାଇଲା ଲଗାଣବର୍ଷା

ଚଣ୍ଡିଖୋଲ, ୨।୮ (ପ୍ରଦୀପ୍ତ କୁମାର ପୃଷ୍ଟି):



ବର୍ଷା ପରେ ଚାଷକାର୍ଯ୍ୟ ଆରମ୍ଭ ହୋଇଛି।

ଚାଷୀ ମୁହଁରେ ହସ ଫୁଟାଇଛି ଲଗାଣ ବର୍ଷା। ୩ ଦିନ ଧରି ବର୍ଷା ଲାଗି ରହିଥିବାରୁ ଦୀର୍ଘଦିନ ଧରି ଅପେକ୍ଷା କରିଥିବା ଚାଷୀମାନେ ଚାଷ କାର୍ଯ୍ୟରେ ବ୍ୟସ୍ତ ହୋଇପଡ଼ିଛନ୍ତି। ଜୁନ୍‌ରୁ ଧାନ ଚାଷର ରୁଆପୋତା ଆରମ୍ଭ ହେବାକୁଥିବାବେଳେ ଚଳିତ ବର୍ଷ ବର୍ଷାର ଅଭାବ ଯୋଗୁ ଚାଷ କାର୍ଯ୍ୟରେ ବହୁ ବିଳମ୍ବ ହୋଇଥିଲା। ଜୁଲାଇ ଶେଷ ସପ୍ତାହରେ ବର୍ଷା ହେବାରୁ ଚାଷୀ ଧାନ ଫସଲ ପାଇଁ ତତ୍ପର ହୋଇ ଉଠିଛନ୍ତି। ଲଗାଣ ବର୍ଷାଯୋଗୁ ବଡ଼ଚଣା ବ୍ଲକ୍ ଅଞ୍ଚଳର କେତେକ ତଳିଆ ଅଞ୍ଚଳରେ ପାଣି ଜମି ରହି ଅସୁବିଧା ସୃଷ୍ଟି କରୁଥିବାବେଳେ ଚାଷୀମାନେ କିନ୍ତୁ ଖୁସି ଅଛନ୍ତି। ବ୍ଲକରେ ସୋମବାର ୫୦ ମିଲିମିଟର ବର୍ଷା ହୋଇଛି। ଅଗଷ୍ଟ ୧ ସୁଧା ଗତ ବର୍ଷ ଅପେକ୍ଷା ଦେଢ଼ଶହ ମିଲିମିଟର ବର୍ଷା କମ ହୋଇଥିବା ସରକାରୀ ରେକର୍ଡରୁ ଜଣାପଡ଼ିଛି। ପାଣିପାଗ ବିଭାଗ ଆକଳନ ଅନୁଯାୟୀ ଆଗାମୀ ୩ଦିନ ପ୍ରବଳ ବର୍ଷା ହେବା ସମ୍ଭାବନା ରହିଛି। ଯଦି ଏହା ହୁଏ ତେବେ ଚାଷୀମାନେ ଅଧିକ ଆନନ୍ଦିତ ହେବେ। ପାଖାପାଖି ଏକମାସ ହେଲା ପଛେଇ ଯାଇଥିବା ଚାଷ କାର୍ଯ୍ୟ ତ୍ୱରାନ୍ୱିତ ହେବ ବୋଲି ବହୁ ଚାଷୀ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କଲେ ବିଧାୟକ



ରାଜନଗର,୨।୮ (ଭାସ୍କର ରାଉତରାୟ)

ରାଜନଗର ବିଧାୟକ ଧ୍ରୁବ ସାହୁ ରାଜନଗର ବ୍ଲକ ଓସ୍ତିଆ ପଞ୍ଚାୟତରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ବିଧାୟକ ସାହୁ ବନ୍ଧପାଟଣା ଆରଡି ରାସ୍ତାଠାରୁ ଅମରେଶ୍ୱର ମନ୍ଦିର ପର୍ଯ୍ୟନ୍ତ ରାସ୍ତାକୁ ପକ୍କା ରାସ୍ତାରେ ପରିଣତ କରିବା ପାଇଁ ଶିଳାନ୍ୟାସ କରିଛନ୍ତି। ସେହିପରି ୧୨ ଲକ୍ଷ ଟଙ୍କା ବ୍ୟୟ ବରାଦରେ ନିର୍ମାଣ ହେବାକୁ ଥିବା ନଗଡ ଗ୍ରାମର ଠାକୁର ବାସୁଦେବ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ନୂତନ ଗୃହର ଶିଳାନ୍ୟାସ କରିଛନ୍ତି। ବିଦ୍ୟାଳୟ ପରିସରରେ ସରପଞ୍ଚ ବୈଦେହୀ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ସାହୁଙ୍କ ସମେତ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ରାଜନଗର ନିର୍ବାଚନମଣ୍ଡଳୀ ସୋସିଆଲ ମିଡିଆ ସଂଯୋଜକ ବିଜୟ ନାୟକ, ନାଏବ ସରପଞ୍ଚ ସର୍ବେଶ୍ୱର ବଳ, ପଞ୍ଚାୟତ ସଭାପତି ପ୍ରସନ୍ନ କୁମାର ଦାସ, ଯୁବନେତା ବୈବର୍ତ୍ତ ନାରାୟଣ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ।

# ନୂତନ ବାଇପାସ୍ ରାସ୍ତା ନିର୍ମାଣରେ ଅନିୟମିତତା

■ ପଙ୍କ ମାଟି ପଡୁଥିବା ନେଇ ଜନ ଅସନ୍ତୋଷ
■ ଜଳ ସମ୍ପଦ ବିଭାଗ ଅଜାଣତରେ ଖୋଳା ହେଉଛି ନୟନଯୋରୀ

କେନ୍ଦ୍ରାପଡ଼ା,୨।୮ (ଜଗନ୍ନାଥ ଧଳ)

କ୍ରମବର୍ଦ୍ଧିଷ୍ଣୁ ସହରର ଗମନାଗମନ ସୁବିଧା ପାଇଁ ସରକାର ରାସ୍ତା ନିର୍ମାଣକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ଏ ନେଇ ରାଜକୋଷରୁ ଅର୍ଥ ବ୍ୟୟ କରାଯାଉଛି। ପଟ୍ଟାମୁଣ୍ଡାଇରେ ଟ୍ରାଫିକ ସମସ୍ୟା ଦୂର ପାଇଁ ପ୍ରଶାସନ ବାଇପାସ୍‌ଠାରୁ କଖାରୁଣୀ ପୋଲ ପର୍ଯ୍ୟନ୍ତ ହାଇଲେଭଲ ନୂଆ ବାଇପାସ ରାସ୍ତା କାର୍ଯ୍ୟ ପାଇଁ ୧୯ କୋଟି ଟଙ୍କା ବ୍ୟୟ ବାରାଦ କରାଯାଇଛି। ପୂର୍ତ୍ତ ବିଭାଗ ପକ୍ଷରୁ ଟେଣ୍ଡର କରାଯାଇ ଏକ ଠିକାସଂସ୍ଥା ଦ୍ୱାରା କାମ ଆରମ୍ଭ ହୋଇଛି। ମାତ୍ର ଏହି କାର୍ଯ୍ୟ ନିମ୍ନମାନର ହେଉଥିବା ସାଧାରଣରେ ଅଭିଯୋଗ ହୋଇଛି।

ସାମାଜିକ କର୍ମୀ ପ୍ରଧାନ ନାରାୟଣ ଗୌରାଙ୍ଗ କହିଛନ୍ତି, ପଟ୍ଟାମୁଣ୍ଡାଇ ଜଳସେଚନ ବିଭାଗ ଅଧୀନରେ ଥିବା ବାଇପାସ୍‌ଠାରୁ କଖାରୁଣୀ ପୋଲ ପର୍ଯ୍ୟନ୍ତ କେନାଲ ବନ୍ଧର ଦକ୍ଷିଣ ପାର୍ଶ୍ୱରେ ନୂତନ ବାଇପାସ୍ ରାସ୍ତା ନିର୍ମାଣ କାମ ଚାଲିଛି। ଏହି ନିର୍ମାଣ କାମ ପଟ୍ଟାମୁଣ୍ଡାଇ ପୂର୍ତ୍ତ ବିଭାଗ ଅଧୀନରେ ହେଉଥିବା ଜଣାପଡ଼ିଛି। ଏହି ରାସ୍ତା ନିର୍ମାଣ କରୁଥିବା ଠିକାଦାର ସରକାରୀ ନିୟମକୁ ନ ମାନି ଜଳସମ୍ପଦ ନୟନଯୋରି ତାଡ଼ି ମନମୁଖି ଭାବେ ପଙ୍କ ମାଟି ପକାଇ କାମ କରୁଛନ୍ତି। ନୂତନ ବାଇପାସ୍ ରାସ୍ତା



ନୟନଜୋରୀକୁ ଖୋଳି ବାଇପାସ୍ ରାସ୍ତାରେ ମାଟି ପକା ଯାଉଛି।



ରାସ୍ତାକାମ ଚାଲିଛି।

ନିର୍ମାଣ କାମ ନିମ୍ନମାନର କରାଯାଉଥିବାରୁ ରାସ୍ତାର ସ୍ଥାୟିତ୍ୱ ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଆଇନଜୀବୀ ଭବାନୀ ପଣ୍ଡା କହିଛନ୍ତି, କେନ୍ଦ୍ରାପଡ଼ା ପୂର୍ତ୍ତ ବିଭାଗ ଡିଭିଜନ-୧ ପକ୍ଷରୁ ଟେଣ୍ଡର କରାଯାଇ ପଟ୍ଟାମୁଣ୍ଡାଇ ବାଇପାସ୍ ରାସ୍ତା ନିର୍ମାଣ କାମ ଆରମ୍ଭ ହୋଇଛି। ଏହି ବନ୍ଧ ଜଳସମ୍ପଦ ବିଭାଗ ଅଧୀନରେ ଅଛି। ପୂର୍ତ୍ତ ବିଭାଗକୁ ହସ୍ତାନ୍ତର ହୋଇ ନାହିଁ। କିନ୍ତୁ ପୂର୍ତ୍ତ ବିଭାଗ ପକ୍ଷରୁ ବାଇପାସଠାରୁ କଖାରୁଣୀ ପର୍ଯ୍ୟନ୍ତ ୪ କି.ମି. ୨୦୦ ମିଟର ରାସ୍ତାକୁ ୧୯ କୋଟି ବ୍ୟୟ ଅଟକଳରେ ହାଇଲେଭଲ ରାସ୍ତା କାମ ଆରମ୍ଭ ହୋଇଛି। ୯ ମାସ ମଧ୍ୟରେ କାର୍ଯ୍ୟ ଶେଷ କରାଯିବ ବୋଲି ବିଭାଗ ପକ୍ଷରୁ ସ୍ଥିରୀକୃତ କରାଯାଇ ଠିକା ସଂସ୍ଥା ସହ ଚୁକ୍ତି ହୋଇଛି। କେବଳ ସେତିକି ନୁହେଁ ଏହି ରାସ୍ତା ପ୍ରଶସ୍ତୀକରଣ ପାଇଁ ବାହାରୁ ବାଲି, ମାଟି ବ୍ୟବହାର କରିବାର ନିୟମ ରହିଛି। ମାତ୍ର ଠିକାଦାର ପଙ୍କ ମାଟି ଲଦି କାମ କରି ଚାଲିଛନ୍ତି, ଯାହା ରାସ୍ତାର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେହିପରି ବୁଦ୍ଧିଜୀବୀ ପ୍ରବୀର ନାୟକ କହିଛନ୍ତି, ଏହି କାମ ପାଇଁ ଠିକାଦାର ବାହାରୁ ମାଟି ଆଣିବା ପାଇଁ ବ୍ୟୟ ଅଟକଳ କରାଯାଇଛି। ତେବେ ଆଶ୍ଚର୍ଯ୍ୟର କଥା ଠିକାଦାର ରୋଡ କଡରୁ ଜେସିବିରେ ମାଟି ଉଠାଇ ପକାଇ ଚାଲୁଛନ୍ତି। ପୂର୍ବରୁ ଏହି ରାସ୍ତାର ଓସାର ୩.୭୫ ମିଟର ଥିବାବେଳେ ନୂତନ ଭାବେ କରାଯାଇଥିବା ଟେଣ୍ଡରରେ ଏହାର ଓସାର ୭.୭ ମିଟର କରାଯିବ ବୋଲି ସ୍ଥିର କରାଯାଇଛି। ରାସ୍ତାର ବାମପାର୍ଶ୍ୱରେ କେନାଲ ରହିଥିବା ହେତୁ ରାସ୍ତା ଓସାର ଦକ୍ଷିଣ ପାର୍ଶ୍ୱରେ ହେବ ବୋଲି ସ୍ଥିର କରାଯାଇଛି। କିନ୍ତୁ ଠିକାଦାର ବାମପାର୍ଶ୍ୱ କେନାଲ ଆଡ଼କୁ କାଟି ରାସ୍ତା କରି ଚାଲିଛନ୍ତି। ଏହି ରାସ୍ତାକୁ ପିଚୁ କରାଯିବା ସହ ଉଭୟ ପାର୍ଶ୍ୱ ମାଟି ଓ ମୋରମ ରାସ୍ତା ହେବ ବୋଲି ବିଭାଗ ପକ୍ଷରୁ ଆକଳନ କରାଯାଇଛି। ରାସ୍ତା ନିର୍ମାଣ ସମୟରେ ଜଳସେଚନ ପାଇଁ ବକ୍ସ କଲଭର୍ଟ ନିର୍ମାଣ କରାଯିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହା ମଧ୍ୟରେ ଠିକା ସଂସ୍ଥା ନିର୍ମାଣ କାମ ୪୦ରୁ ୫୦ ପ୍ରତିଶତ ମାଟି କାର୍ଯ୍ୟ କରି ସାରିଲେଣି। ରାସ୍ତାର ମାଟି ବଦଳରେ ପଙ୍କ ଲଦି କାମ କରି ଚାଲିଥିବା ଦେଖାଯାଇଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ବୃଦ୍ଧି ପାଇଛି। ଅପରପକ୍ଷରେ ପୂର୍ତ୍ତ ବିଭାଗ ଜଣେ ସହକାରୀ ଯନ୍ତ୍ରୀ ୨ଟି ସବ୍‌ଡିଭିଜନର ଦାୟିତ୍ୱ ତୁଲାଉଛନ୍ତି। ଏଥିସହ ୨ଟି ସେକ୍‌ସନ ଦାୟିତ୍ୱ ଦେଖୁଛନ୍ତି। ଆଉ ଏବେ କେନ୍ଦ୍ରାପଡ଼ା ପୂର୍ତ୍ତ ଡିଭିଜନ ନିର୍ବାହୀ ଯନ୍ତ୍ରୀ ବିନା ଡିଭିଜନରେ ଚାଲିଛି। ଫଳରେ ଠିକା ସଂସ୍ଥା ମନମୁଖି କାର୍ଯ୍ୟ କରୁଛନ୍ତି ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ରାଜଶ୍ରୀ ବେହେରାଙ୍କୁ ପଚାରିବାରେ ଏଇ କିଛିଦିନ ହେବ କାମରେ ଯୋଗ ଦେଇଛି। ଆଗରୁ ଯାହା ହୋଇଛି ଆଉ ହେବ ନାହିଁ। ପ୍ରତ୍ୟେକ ସମୟରେ କାମ ତଦାରଖ କରୁଛୁ। ଅନିୟମିତତା ହେବାକୁ ଦେବୁନାହିଁ ବୋଲି ସେ କହିଛନ୍ତି।

## ଉତ୍ତମ ଶିକ୍ଷା ପରିବର୍ତ୍ତନର ମାର୍ଗଦର୍ଶକ

### ବଡ଼ପଡ଼ା ଉପ୍ରା ବିଦ୍ୟାଳୟର ପୁରସ୍କାର ବିତରଣୀ ଉତ୍ସବ

କେନ୍ଦ୍ରାପଡ଼ା,୨।୮ (ଜଗନ୍ନାଥ ଧଳ)

ଉତ୍ତମ ଶିକ୍ଷା ଛାତ୍ରୀଛାତ୍ରଙ୍କ ଜୀବନରେ ବ୍ୟାପକ ପରିବର୍ତ୍ତନର ମାର୍ଗଦର୍ଶକ । ସେଥିପାଇଁ ଛାତ୍ରୀଛାତ୍ରମାନେ ନିଷ୍ଠାର ସହ ଅଧ୍ୟୟନ କରି ଜୀବନର ଲକ୍ଷ୍ୟ ହାସଲ କରିବାକୁ ରାଜନଗର ବିଧାୟକ ଧ୍ରୁବ ସାହୁ ବଡପଡା ଉପ୍ରା ବିଦ୍ୟାଳୟ ପୁରସ୍କାର ଓ ପୋଷାକ ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଆହ୍ୱାନ କରିଛନ୍ତି । ପ୍ରଧାନ ଶିକ୍ଷକ ବିଦ୍ୟୁଭୂଷଣ ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ କେନ୍ଦ୍ରାପଡ଼ା ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ଏଫ୍‌ସି ସୂର୍ଯ୍ୟ ନାରାୟଣ ମିଶ୍ର ମୁଖ୍ୟବକ୍ତା, ରାଜ୍ୟସ୍ତରୀୟ ଶିକ୍ଷକନେତା ସିଆରସିସି ମଳୟ କୁମାର ଜେନା, ବଡ଼ପଡା ସରପଞ୍ଚ ପ୍ରତିନିଧି ପାରେଶ୍ୱର ସେଠୀ, ପୂର୍ବତନ ସରପଞ୍ଚ କୈଳାସ ସିଂ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସତ୍ୟବ୍ରତ ରାଉତ, ଉତ୍କଳମଣି ବିଦ୍ୟାପୀଠ କ୍ଲଷ୍ଟର ସିଆରସିସି ମହମ୍ମଦ ମସିଉଲ୍ଲା ଓ ସ୍କୁଲ ପରିଚାଳନା କମିଟି ସଦସ୍ୟା ସସ୍ମିତା ଲେଙ୍କା ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ମୁଖ୍ୟଅତିଥି ବିଧାୟକ ସାହୁ ସ୍କୁଲର କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ ଓ ପୋଷାକ ବିତରଣ କରିବା ସହିତ ସ୍କୁଲରେ ନୂତନ ଭାବେ ଯୋଗ ଦେଇଥିବା ଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ପ୍ରମୋଦ ସ୍ୱାଇଁ, ରଶ୍ମିରେଖା ମହାରଣା, ଅନ୍ନପୂର୍ଣ୍ଣା ରାଉତ, ମମତା ପୃଷ୍ଟି ଓ ସ୍କୁଲ ପରିଚାଳନା କମିଟି ସଦସ୍ୟମାନେ ପରିଚାଳନା କରିଥିଲେ ।

# ସିଭିଲ ସୋସାଇଟି,ଓସା କର୍ମକର୍ତ୍ତାଙ୍କ ଗଣଧାରଣା




ଧାରଣାରେ ସାମିଲ ହୋଇଥିବା ସିଭିଲ୍ ସୋସାଇଟିର ଓ ଓସାର କର୍ମକର୍ତ୍ତା।

କେନ୍ଦ୍ରାପଡ଼ା,୨।୮ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ସିଭିଲ ସୋସାଇଟି ଓ ଓଡ଼ିଶା ସୂଚନା ଅଧିକାର ଅଭିଯାନ (ଓସା) ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ବୁଧବାର ଆରମ୍ଭ ହୋଇଛି । ଜିଲା ପୋଲିସର ଡିଏସ୍‌ପି ତଥା ପୂର୍ବତନ ମାର୍ଶାଘାଇ ଥାନା ଅଧିକାରୀ ଜ୍ୟୋତିରଞ୍ଜନ ସାମନ୍ତରାୟଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସେମାନଙ୍କ ଦାବି ରହିଛି। ଏସମ୍ପର୍କରେ ଓସାର ଜିଲା ଆବାହକ ପ୍ରତାପ କୁମାର ମହାନ୍ତି କହିଛନ୍ତି, ମାର୍ଶାଘାଇ ଥାନା ଅଧୀନ ଆଶ୍ରମ ବାଲିକୁଦାର ଆକାଶ ମିଶ୍ର, ମାର୍ଶାଘାଇ ଗ୍ରାମର ଦଳିତ ଯୁବକ ମନୋରଞ୍ଜନ ଦଳାଇ, ତାଳସଙ୍ଗା ଗ୍ରାମର ସୁନୀତା ବେହେରା, ଖବରଦାତା ଆଳୟ ସାମନ୍ତରାୟ, ମଣିକୁଣ୍ଡାର ଶାରଦା ପ୍ରସନ୍ନ ସ୍ୱାଇଁ ଏହି ପୋଲିସ ଅଧିକାରୀଙ୍କ ଅତ୍ୟାଚାରର ଶୀକାର ହୋଇଛନ୍ତି। ସେହିପରି କରଞ୍ଜି ଗ୍ରାମର ଜନକର ଜେନା ଓ ମାନସ ଆଚାର୍ଯ୍ୟଙ୍କ ନାମରେ ତତ୍କାଳୀନ ଥାନାଧିକାରୀ ସାମନ୍ତରାୟ ମିଥ୍ୟା ମାମଲା ରୁଜୁ କରିଛନ୍ତି। ଏନେଇ ହୋଇଥିବା ଅଭିଯୋଗ ସତ୍ତ୍ୱେ ସଂପୃକ୍ତ ପୋଲିସ ଅଧିକାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ପୋଲିସ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ସ୍ଥାନାନ୍ତର ଓ ଅନ୍ୟ ଦାବି ରହିଥିବା ସେ ସୂଚନା ଦେଇଛନ୍ତି । ଏହି ଗଣଧାରଣାରେ ଓସା ଓ ସିଭିଲ ସୋସାଇଟିର କର୍ମକର୍ତ୍ତା ଦୁଷ୍ମନ୍ତ କୁମାର ଆଚାର୍ଯ୍ୟ, ମନୋରଞ୍ଜନ ଦଳାଇ, ଭାଗିରଥି ଜେନା, ଆଳୟ ସାମନ୍ତରାୟ ପ୍ରମୁଖ ସାମିଲ ହୋଇଛନ୍ତି । ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ କୌଣସି ପ୍ରଶାସନିକ ଅଧିକାରୀ ଧାରଣାସ୍ଥଳରେ ପହଞ୍ଚି ନ ଥିବା ସେମାନେ ପ୍ରକାଶ କରିଛନ୍ତି।

## ଜଳବନ୍ଦୀରେ ବଳରାମପୁର ପଞ୍ଚାୟତର ୩ ଗାଁ

କେନ୍ଦ୍ରାପଡ଼ା,୨।୮ (ଜଗନ୍ନାଥ ଧଳ)



କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ବଳରାମପୁର ଗ୍ରାମ ପଞ୍ଚାୟତରେ ଜଳ ନିଷ୍କାସନ କ୍ଷେତ୍ରରେ ଅଚଳାବସ୍ଥା କାରଣରୁ ଇଚ୍ଛାପୁର, ସାତଘରିଆ, ଗୋବିନ୍ଦପୁର ଆଦି ଗ୍ରାମର ଶତାଧିକ ପରିବାର ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। ଗତ ୩ ଦିନ ହେଲା ଲାଗି ରହିଥିବା ଲଗାଣ ବର୍ଷା ଯୋଗୁ ଗାଁ ଦାଣ୍ଡରେ ବର୍ଷାଜଳ ଲହଡ଼ି ଭାଙ୍ଗୁଛି । ଓଲାଭର ମାର୍କେଟ ଏବଂ ସ୍କୁଲ, କଲେଜକୁ ଦୈନିକ ଯାତାୟାତ କରୁଥିବା ଏହି ସବୁ ଗ୍ରାମର ଶତାଧିକ ଜନସାଧାରଣ ଓ ଛାତ୍ରଛାତ୍ରୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏ ସମ୍ପର୍କରେ ଦାବି ହେବା ପରେ କନିକା ତହସିଲଦାର ଅଶୋକ କୁମାର ଦେହୁରୀ ଘଟଣାସ୍ଥଳ ପରିଦର୍ଶନ କରି ଏକ ସପ୍ତାହ ମଧ୍ୟରେ ସମସ୍ୟାର ସମାଧାନ ହେବ ବୋଲି ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ସୂଚନା ମୁତାବକ ଏହି ୩ଟି ଗାଁର ବର୍ଷାଜଳ ଏକ ପୁରୁଣା କଲଭର୍ଟ ଦ୍ୱାରା ନିଷ୍କାସନ ହେଉଥିଲା। ହେଲେ ଜଣେ ବ୍ୟକ୍ତି ବେଆଇନ ଭାବେ ଜବରଦଖଲ କରି କଲଭର୍ଟକୁ ଅକ୍ତିଆର କରିଥିବାରୁ ଦୀର୍ଘଦିନ ହେବ ଏଭଳି ସମସ୍ୟା ସୃଷ୍ଟି ହେଉଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତେବେ ଖୁବ୍‌ଶୀଘ୍ର ଏହି ଜବରଦଖଲ ହଟାଇ ଦିଆଯିବ ଏବଂ ବର୍ଷାଜଳ ଖୁବଶୀଘ୍ର ନିଷ୍କାସନ ହୋଇଯିବ ବୋଲି ତହସିଲଦାର ଦେହୁରୀ ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ଆଶସ୍ତି ପ୍ରକାଶ କରିଛନ୍ତି ।

## ଦିହୁଡିପୁର ଉପନିର୍ବାଚନ
# ପ୍ରଚାର ମଇଦାନକୁ ଓହ୍ଲାଇଲେ ବିଧାୟକ

କେନ୍ଦ୍ରାପଡ଼ା,୨।୮ (ଜଗନ୍ନାଥ ଧଳ)

ପଟ୍ଟାମୁଣ୍ଡାଇ ବ୍ଲକ ଦିହୁଡିପୁର ପଞ୍ଚାୟତର ସମିତି ସଭ୍ୟା ପଦବୀ ପାଇଁ ଆସନ୍ତା ୯ ତାରିଖରେ ଉପନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି । ଏଥି ପାଇଁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ କରାଯାଇଛି। ଏହି ପଞ୍ଚାୟତର କଂଗ୍ରେସ ସମର୍ଥିତ ସମିତି ସଭ୍ୟା ପୁଷ୍ପଲତା ସ୍ୱାଇଁଙ୍କ ଅକାଳ ବିୟୋଗ ଯୋଗୁ ଉପନିର୍ବାଚନ ଅନୁଷ୍ଠିତ ହେଉଛି । ଦିହୁଡିପୁର ସମିତିସଭ୍ୟ ପଦବୀ ହାସଲ ପାଇଁ ଶାସକ ବିଜେଡି ଓ ବିରୋଧୀ କଂଗ୍ରେସ ପୁରାଦମରେ ଲାଗିପଡିଛନ୍ତି । ଏହି ଉପନିର୍ବାଚନରେ ଶାସକ ବିଜେଡି ସମର୍ଥିତ ପ୍ରାର୍ଥୀନୀ ଭାବେ ନାରୀନେତ୍ରୀ ପ୍ରମିଳା ଖଟୁଆ ପ୍ରତିଦ୍ୱନ୍ଦିତା କରୁଛନ୍ତି । ବିଜେଡି ସମର୍ଥିତ ପ୍ରାର୍ଥୀନୀଙ୍କୁ ବିଜୟୀ କରିବା ପାଇଁ ପ୍ରାର୍ଥୀପତ୍ର ଦାଖଲ ପରଠାରୁ ଦଳର ନେତା ଓ କର୍ମୀମାନେ ପ୍ରଚାର ଅଭିଯାନରେ ଲାଗିପଡିଛନ୍ତି । ଉପନିର୍ବାଚନ ଆଉ ମାତ୍ର ୫ରୁ୬ ଦିନ ବାକି ଥିବାରୁ ନିର୍ବାଚନ ପ୍ରଚାର ସରଗରମ ହୋଇଛି । ବିଜେଡି ସମର୍ଥିତ ସମିତି ସଭ୍ୟା ପ୍ରାର୍ଥୀନୀଙ୍କ ପାଇଁ ଜୋରଦାର ନିର୍ବାଚନ ପ୍ରଚାର କରି ଦଳ ସପକ୍ଷରେ ଜନମତ ସୃଷ୍ଟି କରିବା ପାଇଁ ରାଜନଗର ବିଧାୟକ ଧ୍ରୁବ ସାହୁ ବୁଧବାର ଲଗାଣ ବର୍ଷା ସତ୍ତ୍ୱେ ପ୍ରଚାର ମଇଦାନକୁ ଓହ୍ଲାଇଛନ୍ତି। ବିଧାୟକଙ୍କ ସହିତ ପଟ୍ଟାମୁଣ୍ଡାଇ ବ୍ଲକ ବିଜେଡି ସଭାପତି କିଶୋର ସାହୁ, ଦିହୁଡିପୁର ପଞ୍ଚାୟତ ବିଜେଡି ସମର୍ଥିତ ସମିତି ସଭ୍ୟା ପ୍ରାର୍ଥୀନୀ ପ୍ରମିଳା ଖଟୁଆ, ବଡ଼ପଡା ସମବାୟ ସମିତି ସଭାପତି ଧନୁର୍ଜୟ ସ୍ୱାଇଁ, ଜିଲାପରିଷଦ ସଦସ୍ୟ ରଞ୍ଜନ ବିଶ୍ୱାଳ, ପୂର୍ବତନ ଜିଲାପରିଷଦ ସଦସ୍ୟ ପ୍ରଫୁଲ୍ଲ ପ୍ରଧାନ, ଯୁବନେତା ସୂର୍ଯ୍ୟକାନ୍ତ ରାଉତ (ବୁବୁ), ବିଜେଡି ପର୍ଯ୍ୟବେକ୍ଷକ ଆଡ଼ଭୋକେଟ କ୍ଷୀରୋଦ ପ୍ରଧାନ, ନଗର ବିଜେଡି ସଭାପତି ବୁଢ଼ା ଲେଙ୍କା ପ୍ରମୁଖ ବହୁ ବିଜେଡି ନେତା ଓ କର୍ମୀ ସାମିଲ ହୋଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ବର୍ଗର ଲୋକମାନଙ୍କ ପାଇଁ ଯୋଜନା ସମ୍ପର୍କରେ ଲୋକମାନଙ୍କୁ ବୁଝାଇବା ସହିତ ଦିହୁଡିପୁର ପଞ୍ଚାୟତ ବିକାଶକୁ ଆଗକୁ ନେବା ପାଇଁ ବିଜେଡି ସମର୍ଥିତ ସମିତିସଭ୍ୟା ପ୍ରାର୍ଥୀନୀଙ୍କୁ ଜୟଯୁକ୍ତ କରିବାକୁ ନିବେଦନ କରିଥିଲେ । ଏହି ଅବସରରେ ବିଜେଡି ପକ୍ଷରୁ ଏକ କର୍ମୀ ସମ୍ମିଳନୀ ଆୟୋଜନ କରାଯାଇଥିଲା। ଏଥିରେ ବିଧାୟକ ଓ ବ୍ଲକ ସଭାପତି ଦଳର ବିଜୟ ପାଇଁ ସବୁ କର୍ମୀ ମତଭେଦ ଭୁଲି ଏକ ହୋଇ ଲଢ଼ିବା ପାଇଁ ପରାମର୍ଶ ଦେବା ସହିତ ନିର୍ବାଚନୀ ମନ୍ତ୍ର ଦେଇଥିଲେ।

## ଏମ୍‌ଏନ୍ ହାଇସ୍କୁଲରେ ସଡ଼କ ସୁରକ୍ଷା ସଚେତନତା

କେନ୍ଦ୍ରାପଡ଼ା୨।୮ (ଜଗନ୍ନାଥ ଧଳ)

ପଟ୍ଟାମୁଣ୍ଡାଇ ଏମ୍‌ଏନ ହାଇସ୍କୁଲଠାରେ ସଡ଼କ ସୁରକ୍ଷା ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷୟିତ୍ରୀ ସସ୍ମିତା ସିଂଙ୍କ ପୌରେହିତ୍ୟରେ ଆୟୋଜିତ ସଭାରେ ସ୍କୁଲ ପରିଚାଳନା କମିଟି ସଭାପତି ତପନ ଦାଶ, ଉପସଭାପତି ଇତିଶ୍ରୀ ଦାଶ, ଅଭିଭାବକ ସଂଘ ସଭାପତି ଗୋପୀନାଥ ତ୍ରିପାଠୀ, ଦେବାଶିଷ ପ୍ରଧାନ, ମହେଶ୍ୱର ସାମଲ, ଶିକ୍ଷକ ଅଶୋକ ଦାଶ, ସରୋଜ ସ୍ୱାଇଁ ଓ ତାପସ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସେମାନେ କହିଥିଲେ ପ୍ରତିଟି ଜୀବନ ମୂଲ୍ୟବାନ ହୋଇଥିବାରୁ ଦୁର୍ଘଟଣାକୁ ଏଡେ଼ଇବା ପାଇଁ ସଡ଼କ ସୁରକ୍ଷା ଜରୁରୀ। ଟ୍ରାଫିକ ନିୟମ ମାନିବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ । ଶେଷରେ ଶିକ୍ଷକ ଅଶୋକ ଦାଶ ଧନ୍ୟବାଦ ଦେଇଥିଲେ ।

## ବର୍ଷା: ବିଲରେ ହଳକରି ଚାଷୀଙ୍କ ଆନନ୍ଦ

ଡେରାବିଶ ୨।୮ (ବେବର୍ତ୍ତା ଅଜୟ ଦାସ)

ଦୀର୍ଘଦିନ ହେବ ବର୍ଷା ଓ କେନାଲ ପାଣିକୁ ଅପେକ୍ଷା କରି ଚାଷ କାମରେ ବିଳମ୍ବ ହେଉଥିବା ନେଇ ଡେରାବିଶ ଅଞ୍ଚଳର ଚାଷୀ ଆଶା ଓ ଆଶଙ୍କା ମଧ୍ୟରେ ଦିନ କାଟୁଥିଲେ। ଚଳିତ ଖରିଫ୍ ଚାଷ ପାଇଁ ବିଲରେ ବୁଣା ଯାଇଥିବା ଧାନ ବିହନ ଏକ ପ୍ରକାର ଗଜା ମରୁଡ଼ି ହେବାକୁ ବସିଥିଲା। ସୋମବାର ଅପରାହ୍ନରୁ ଲଘୁଚାପ ଜନିତ ବର୍ଷା ପାଇଁ ବେହାଲ ହୋଇଯାଇଛି ବ୍ଲକ ଅଧୀନ ସମସ୍ତ ଗାଁ ଗଣ୍ଡା । ବିଲରେ ଚାଷ ପାଇଁ ଆବଶ୍ୟକ କରୁଥିବା ପାଣି ଜମି ରହିବାରୁ ମଙ୍ଗଳବାରଠାରୁ ବ୍ଲକ ଅଞ୍ଚଳର ଚାଷୀମାନେ ବିଲରେ ହଳ କାମ ଆରମ୍ଭ କରି ଦେଇଛନ୍ତି। ଏ ନେଇ ଚାଷୀଙ୍କ ମନରେ ନାହିଁ ନ ଥିବା ଆନନ୍ଦ ଦେଖାଦେଇଛି ବୋଲି ଅଗ୍ରଣୀ ଚାଷୀ ତଥା କେନ୍ଦ୍ରାପଡ଼ା ଜିଲା ଚାଷୀ ଶ୍ରମିକ ସଂଘର ସମ୍ପାଦକ କୃତ୍ତିବାସ ଦାସ କହିଛନ୍ତି। କୃତ୍ତିବାସଙ୍କ ସୂଚନା ଅନୁଯାୟୀ, ବର୍ଷାକୁ ଅପେକ୍ଷା କରି ରହିଥିବା ଚାଷୀମାନେ କେନାଲ ପାଣିକୁ ଭରସା କରିଥିଲେ। ମାତ୍ର ଜଳ ସମ୍ପଦ ବିଭାଗର ମନମାନି ଯୋଗୁ ଚଳିତବର୍ଷ ବ୍ଲକ ଅଞ୍ଚଳ ଦେଇ ଯାଇଥିବା ସମସ୍ତ କେନାଲରେ ସଫେଇ ଓ ପାଣି ଛାଡ଼ିବା ନେଇ ବହୁ ବିଳମ୍ବ ହୋଇଥିଲା। ଏ ନେଇ ବିଭିନ୍ନ ଅଞ୍ଚଳର ଚାଷୀମାନେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ତୁରନ୍ତ କେନାଲରେ ପାଣି ଛାଡ଼ିବୁ ଦାବି କରି ଆସୁଥିଲେ। ବିଭାଗୀୟ ଅପାରଗତା ପାଇଁ ମଙ୍ଗଳବାର ସୁଦ୍ଧା ମଧ୍ୟ ପାଣି ଛଡ଼ା ଯାଇ ନ ଥିଲା। ତେବେ ଲଘୁଚାପ ଜନିତ ବର୍ଷା ପରେ ଡେରାବିଶ ଅଞ୍ଚଳର ଚାଷୀମାନେ ଚାଷ କାମ ଆରମ୍ଭ କରିଛନ୍ତି ବୋଲି ସେ କହିଛନ୍ତି।

# ଶିଶୁ ପାଇଁ ଦିନଟିଏ ଶୀର୍ଷକ ଆଲୋଚନାଚକ୍ର

ରାଜନଗର,୨।୮ (ଭାସ୍କର ରାଉତରାୟ)




ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିମାନେ।

ରାଜନଗର ବ୍ଲକ ସମନ୍ୱିତ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଶିଶୁ ସୁରକ୍ଷା କମିଟି ଏବଂ ଟାସ୍କଫୋର୍ସର ତ୍ରୈମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜାତି ଓ ଦେଶର ଆଗାମୀ କାଲିର ଭବିଷ୍ୟତ 'ଶିଶୁଙ୍କ ପାଇଁ ଦିନଟିଏ' ଶୀର୍ଷକ ଆଲୋଚନାଚକ୍ର ଆୟୋଜିତ କରାଯାଇଥିଲା। ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ରଙ୍କ ପୌରୋହିତ୍ୟ କରି କୋମଳମତି ଶିଶୁମାନଙ୍କ ସୁରକ୍ଷା ଏବଂ ବାଲ୍ୟ ବିବାହ ଭଳି କଳଙ୍କିତ ଏବଂ କୁପ୍ରଥାକୁ ରୋକିବା, ଶିଶୁ ଶ୍ରମିକ ପ୍ରଥା ଓ ଶିଶୁ ଚାଲାଣକୁ ରୋକାଯାଇ ଶିଶୁମାନଙ୍କୁ ସୁରକ୍ଷା ଯୋଗାଇ ଦେଇ ସେମାନଙ୍କୁ ଆମ ସାମାଜିକ ଜୀବନର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏଥିରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ରଶ୍ମୀ ରଞ୍ଜନ ମହାନ୍ତି, ଜିଲାସ୍ତରୀୟ ଶିଶୁ ସୁରକ୍ଷା କମିଟିର ପ୍ରତିନିଧି, ବ୍ଲକସ୍ତରୀୟ ଶିକ୍ଷା ସଂଯୋଜକ, ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସୁପରଭାଇଜର ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ରାଜନଗର ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ସୁଚିତ୍ରା ସାହୁ ସଂଯୋଜନା କରିବା ସହିତ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ପ୍ରତି ପଞ୍ଚାୟତ ଏବଂ ଗ୍ରାମ୍ୟସ୍ତରରେ ଥିବା ଶିଶୁ ସୁରକ୍ଷା କମିଟିକୁ ସୁଦୃଢ କରିବା ଏବଂ ଗାଁ ଗହଳିରେ ଘଟୁଥିବା ବାଲ୍ୟ ବିବାହକୁ ପ୍ରତିରୋଧ କରି ଗୋଟିଏ ମୁକ୍ତ ଗ୍ରାମ୍ୟ ଗଠନ କରିବା ପାଇଁ ପରାମର୍ଶ ଦେଇଥିଲେ।

# ପୁଣି ୫୦ଫୁଟ ଗର୍ଭକୁ ନେଲା ହଂସୁଆ

ରାଜନଗର,୨।୮ (ଭାସ୍କର ରାଉତରାୟ)



ହଂସୁଆ ନଦୀର ପାର୍ଶ୍ୱରୁ ମାଟି ଅତଡା ଖସିବାରୁ ଶୌଚାଳୟ ଭାଙ୍ଗି ଯିବାର ଆଶଙ୍କା ପ୍ରକାଶ ପାଇଛି।

୨ ଦିନ ଲଗାଣ ବର୍ଷା ସାଙ୍ଗକୁ ଶ୍ରାବଣ ପୂର୍ଣ୍ଣିମା ତିଥିରେ ସମୁଦ୍ର ଜୁଆରିଆ ରହିଥିବାରୁ ବଙ୍ଗୋପସାଗରକୁ ସଂଯୋଗ କରୁଥିବା ରାଜନଗରରେ ପ୍ରବାହିତ ହଂସୁଆ ନଦୀର ସ୍ରୋତ ପ୍ରଖର ହେବା ସହିତ କୂଳ ଲଂଘିବାରେ ଲାଗିଛି। ଦୁଇଦିନ ତଳେ ନଦୀର ପ୍ରଖରସ୍ରୋତ ଓ ପଟ ପରିବର୍ତ୍ତନ ଯୋଗୁ ୮୦ ଫୁଟ ଲମ୍ବ ଏବଂ ୧୫ଫୁଟ ଚଉଡ଼ାର ପଥର ପ୍ୟାକିଂକୁ ନିଜ ଗର୍ଭକୁ ନେଇଯାଇଛି। ମଙ୍ଗଳବାର ବିଳମ୍ବିତ ରାତିରେ ପୁଣି ସେହି ସ୍ଥାନରୁ ଅତଡା ଖସିବା ଯୋଗୁ ନଦୀ ଜନବସତି ଆଡକୁ ମାଡି ଆସୁଛି। ଏହାଛଡା ବିପଦସଙ୍କୁଳ ଅବସ୍ଥାରେ ଥିବା ନୂତନ ସୁଲଭ ଶୌଚାଳୟ କାନ୍ଥ ଏବଂ ପିଲାର ନିକଟରୁ ଅତଡା ଖସି ଯାଇଥିବାରୁ ଶୌଚାଳୟ ପ୍ରତି ବିପଦ ଦେଖାଦେଇଛି। ନଦୀ ରାଜନଗର ବଜାର ପାଖ ଏବଂ ହଂସୁଆ ସେତୁ ପ୍ରତି ବିପଦ ଘନେଇ ଆସିଛି। ବିରାଟକାୟ ଅତଡା ଖସିବା ସହିତ ନଦୀର ପ୍ରଖର ସ୍ରୋତ ରାଜନଗରବାସୀଙ୍କୁ ଆତଙ୍କିତ କରିଦେଇଛି। ଅତଡା ଖସିଥିବା ସ୍ଥାନରେ ନଦୀ ଗଭୀର ହୋଇଥିବାରୁ ସେଠାରେ ବାଲିବସ୍ତା ପକାଇଲେ ମଧ୍ୟ ପ୍ରଖର ସ୍ରୋତ ଭସାଇ ନେଇଯାଉଛି। ନଦୀ ଜୁଆରିଆ ଥିବାରୁ ଅତଡା ସ୍ଥାନକୁ ବାଲିବସ୍ତା ଦ୍ୱାରା ଅଟକାଇବା ସମ୍ଭବ ହୋଇପାରୁ ନ ଥିବାରୁ ବିଭାଗୀୟ ଅଧିକାରୀଙ୍କ ଆଖିରୁ ନିଦ ହଜି ଯାଇଛି। ଖବର ପାଇଁ ମଙ୍ଗଳବାର ଜଳସମ୍ପଦ ବିଭାଗର ବରିଷ୍ଠ ଇଞ୍ଜିନିୟରମାନେ ଅତଡା ସ୍ଥାନକୁ ପରିଦର୍ଶନ କରିବା ସହିତ ତୁରନ୍ତ ନଦୀ ସ୍ରୋତକୁ ପ୍ରତିହତ କରିବା ପାଇଁ ଯୋଜନା ପ୍ରସ୍ତୁତ କରିଛନ୍ତି। ବୁଧବାର ବିଭାଗ ପକ୍ଷରୁ ପଥର ଡମ୍ପିଂ କରାଯାଉଛି। ଖୁବଶୀଘ୍ର ସ୍ରୋତକୁ ରୋକିବା ପାଇଁ କାର୍ଯ୍ୟ ହାତକୁ ନିଆଯାଇଥିବା ନେଇ ରାଜନଗର ସହକାରୀ ଯନ୍ତ୍ରୀ ଇଂ. ଭଞ୍ଜ କିଶୋର ରାଉତ ସୂଚନା ଦେଇଛନ୍ତି। ଅପରପକ୍ଷେ ତୁହାକୁ ତୁହା ବର୍ଷା ଲାଗି ରହିଥିବାରୁ ପଥର ପ୍ୟାକିଂ କାର୍ଯ୍ୟରେ ବାଧା ଉପୁଜୁଛି।

## ଶେରଗଡ଼ରେ ନୂତନ ବିଇଓ

ଶେରଗଡ଼, (ସୂର୍ଯ୍ୟନାରାୟଣ ଦାଶ): ଶେରଗଡ ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟରେ ବୁଧବାର ନୂତନ ବିଇଓ ଯୋଗଦାନ କରିଛନ୍ତି। ସେ ହେଉଛନ୍ତି ଉପେନ୍ଦ୍ର କୁମାର ପାଢ଼ୀ। ସେ ପୂର୍ବରୁ ହୁଗୁଳାପଟା ସ୍ଥିତ କୃଷକ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟ କରୁଥିଲେ। ଗତକାଲି ପଦୋନ୍ନତି ମିଳିବା ପରେ ତାଙ୍କୁ ଶେରଗଡ ବିଇଓ ଭାବେ ବଦଳି କରାଯାଇଥିଲା। ଆଜି ସେ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଯୋଗଦେଇଛନ୍ତି।

# ବିପଦସଙ୍କେତ ଉପରେ ବଂଶଧାରା

ପାରଳାଖେମୁଣ୍ଡି(ଗିରିଧାରୀ ପରିଚ୍ଛା)/ କାଶୀନଗର (ଟି.କ୍ରିଷ୍ଣାରାଓ) ୨।୮:



ରାଜ୍ୟବ୍ୟାପୀ ଲଘୁଚାପ ଜନିତ ଲଗାଣ ବର୍ଷା ଲାଗିରହିଥିବା ବେଳେ ଗଜପତି ଜିଲାର ବିଭିନ୍ନ ସ୍ଥାନରେ ତିନି ଦିନ ଧରି ବର୍ଷା ଜାରିରହିଛି। କାଶୀନଗର ବ୍ଲକରେ ୧୧.୨ମି.ମି, ପାରଳାଖେମୁଣ୍ଡି ସହରରେ ୭.୮ମି.ମି, ରାୟଗଡ ବ୍ଲକରେ ୯.୦ମି.ମ, ଗୁମ୍ମା ବ୍ଲକରେ ୩୨.୦ମି.ମି, ନୂଆଗଡ ବ୍ଲକରେ ୩୧.୨ମି.ମି, ଆର. ଉଦୟଗିରି ବ୍ଲକରେ ୩୬.୨ମି.ମି, ମୋହନା ବ୍ଲକରେ ୪୨.୪ମି.ମି ଏବଂ ଗୋଷାଣି ବ୍ଲକରେ ୪.୨ମି.ମି ବର୍ଷା ହୋଇଛି। ଫଳରେ କାଶୀନଗର ବ୍ଲକ ଅଞ୍ଚଳ ଦେଇ ପ୍ରବାହିତ ହେଉଥିବା ବଂଶଧାରା ନଦୀରେ ଜଳସ୍ତର ବଢ଼ିବାରେ ଲାଗିଛି। ନଦୀର ବିପଦସଙ୍କେତ ଜଳସ୍ତର ୫୪.୬୦ ମିଟର ଥିବା ବେଳେ ବୁଧବାର ଭୋର ୫ଟା ସୁଦ୍ଧା ୫୫.୧୦ମିଟରରେ ପାଣି ପ୍ରବାହିତ ହେଉଛି। ନଦୀ ତଳମୁଣ୍ଡରେ ଥିବା ଆନ୍ଧ୍ର ପ୍ରଦେଶର ଗୋଟା ବ୍ୟାରେଜର ଫାଟକ ଖୋଲାଯାଇଥିବାରୁ ସାମାନ୍ୟ ଜଳସ୍ତର କମି ଅପରାହ୍ଣ ସୁଦ୍ଧା ୫୪.୦୫ମିଟରରେ ପ୍ରବାହିତ ହେଉଥିବା ସୂଚନା ମିଳିଛି। ବର୍ତ୍ତମାନ ବଂଶଧାରା ନଦୀ ବିପଦସଙ୍କେତ ତଳେ, ସତର୍କ ସଂକେତ ଉପରେ ପ୍ରବାହିତ ହେଉଛି। ଯଦି ଉପରମୁଣ୍ଡରେ ବର୍ଷା ଲାଗିରହେ ତେବେ ପୁଣି ଜଳସ୍ତର ବଢ଼ିବା ସମ୍ଭାବନା ରହିଛି। ବନ୍ୟା ଆଶଙ୍କାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ବ୍ୟାପକ ସତର୍କତା ଗ୍ରହଣ କରାଯାଇଛି। ବଂଶଧାରା ନଦୀ ଅବବାହିକା ପାଲସିଙ୍ଗ, ସାରା, ବାଡ଼ିଗାଁ, ଖାଣ୍ଡବା, ପୁରଟିଗୁଡ଼ା, ଭାନ୍ନା, କିଡିଗାଁ ଗ୍ରାମଗୁଡିକୁ ସର୍ତକ କରିବା ସହ ପାଖରେ ଥିବା ବିଦ୍ୟାଳୟରେ ଆଶ୍ରୟ ନେବା ପାଇଁ ଜନସାଧାରଣଙ୍କୁ ସୂଚନା ଦିଆଯାଇଥିବା କାଶୀନଗର ତହସିଲଦାର ଅଶୋକ କୁମାର ପ୍ରଧାନ କହିଛନ୍ତି। ତଳି ଅଞ୍ଚଳର ଲୋକଙ୍କୁ ଡାକବାଜି ଯନ୍ତ୍ର ସାହାଯ୍ୟରେ ସର୍ତକ କରାଯାଉଛି। ନଦୀର ତଳମୁଣ୍ଡ ତଥା ଆନ୍ଧ୍ର ପ୍ରଦେଶର ହିରମଣ୍ଡଳମ ନିକଟରେ ଥିବା ଗୋଟା ବ୍ୟାରେଜର ୧୭ଟି ଫାଟକକୁ ୪ଫୁଟ ଲେଖାଏଁ ଟେକି ଦିଆଯାଇଛି । ବ୍ୟାରେଜ ମଧ୍ୟକୁ ପ୍ରତି ସେକେଣ୍ଡରେ ୪୨୩୬୦ କ୍ୟୁସେକ ଜଳ ପ୍ରବେଶ କରୁଥିବାବେଳେ ୪୩୯୮୯ କ୍ୟୁସେକ ଜଳ ନିଷ୍କାସିତ ହେଉଛି। ସେହିପରି ଡ୍ୟାମ ତଥା ବ୍ୟାରେଜର ତଳମୁଣ୍ଡରେ ଥିବା ଲୋକଙ୍କୁ ୧ନଂ ବିପଦ ସାଇରନ ବଜାଇ ଲୋକଙ୍କୁ ସଚେତନ କରାଯାଇଛି। ସମ୍ଭାବ୍ୟ ବନ୍ୟା ମୁକାବିଲା ପାଇଁ ପ୍ରଶାସନ ପ୍ରସ୍ତୁତ ଥିବା ଜିଲାପାଳ କହିଛନ୍ତି । ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନ କାଶୀନଗରର ବଂଶଧାରା ଅବବାହିକାର ଗ୍ରାମାଞ୍ଚଳଗୁଡିକୁ ଗସ୍ତକରି ସ୍ଥିତି ଅନୁଧ୍ୟାନ କରି ଆବଶ୍ୟକୀୟ ପଦକ୍ଷେପ ନିମନ୍ତେ ବ୍ଲକସ୍ତରୀୟ ଅଧିକାରୀଙ୍କୁ ସତର୍କ କରାଇଛନ୍ତି। ସେହିପରି କାଶୀନଗର ବିଡିଓ କପିଳେଶ୍ୱର ତାଣ୍ଡି, ତହସିଲଦାର ଅଶୋକ କୁମାର ପ୍ରଧାନ ପ୍ରମୁଖ ବଂଶଧାରା ନଦୀ ପ୍ରବାହିତ ଅଞ୍ଚଳ ଗସ୍ତ କରି ଟିକିନିଖି ନଜର ରଖିଛନ୍ତି।

## ଭରାନଈ ପାରହେଲେ ବିଦ୍ୟାର୍ଥୀ
# ଗରଡ଼ମାକୁ ଯୋଗାଯୋଗ ବିଚ୍ଛିନ୍ନ

ମୋହନା, ୨।୮ (ମନ୍ମଥ ମିଶ୍ର)

ଲଘୁଚାପ ଜନିତ ଲଗାଣ ବର୍ଷାର ପ୍ରଭାବରେ ବେହାଲ ହୋଇଛି ମୋହନା ଅଞ୍ଚଳ। ତୁହାକୁ ତୁହା ବର୍ଷା ଲାଗିରହିଥିବା ଯୋଗୁ ଯୋଗାଯୋଗ ବିଚ୍ଛିନ୍ନ। ବିଭିନ୍ନ ନଦୀ ନାଳର ଜଳସ୍ତର ବୃଦ୍ଧି ପାଇଛି, ଫଳରେ ସାଧାରଣ ଜୀବନ ଯାତ୍ରା ପ୍ରଭାବିତ ହୋଇଛି। ଛେଳିଗଡ଼ ରାମ ନଦୀରେ ବନ୍ୟାଜଳ ପ୍ରବାହିତ ହେବାରୁ ନଦୀ ଆର ପଟେ ଥିବା ୧୫ ଟି ଗ୍ରାମର ଲୋକେ ନାନା ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ଭରାନଦୀରେ ବିପଦ ସଂକୁଳ ଅବସ୍ଥାରେ ଛେଳିଗଡ଼ ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ର ପାରହୋଇ ପରୀକ୍ଷା ପାଇଁ ଯିବା ଘଟଣା ସମସ୍ତଙ୍କୁ ଚକିତ କରିଛି। କାରଣ ଖରସ୍ରୋତା ନଦୀର ପ୍ରଖର ସ୍ରୋତରେ କୌଣସି ଅଘଟଣ ଘଟିବାର ମଧ୍ୟ ଆଶଙ୍କା ରହିଛି। ସାଧାରଣ ଜୀବନ ଯାତ୍ରାକୁ ପ୍ରଭାବିତ କରିଛି ବର୍ଷା। ସେହିଭଳି ଗଦାପୁରନଦୀର ପାପାଇଜୁ ନାଳରେ ପୋଲ ଉପରେ ବନ୍ୟାଜଳ ପ୍ରବାହିତ ହେଉଛି ଫଳରେ ଗମନା ଗମନ ଠପ୍ ହୋଇପଡିଛି। ମୋହନା ବ୍ଲକର ଗରଡ଼ମା ପଞ୍ଚାୟତ ସମେତ ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକର ଅନେକ ଗାଁ କୁ ଯୋଗାଯୋଗ ସମ୍ପୂର୍ଣ ବିଚ୍ଛିନ୍ନ ହୋଇଛି। ଅତିଶୀଘ୍ର ବ୍ଲକ ପ୍ରଶାସନ ସମସ୍ୟାରେ ଥିବା ଲୋକଙ୍କ ପାଖରେ ପହଞ୍ଚିବା ପାଇଁ ଦାବି କରିଛନ୍ତି ସ୍ଥାନୀୟ ଲୋକେ। ଅନ୍ୟପଟେ ଲଘୁଚାପ ବର୍ଷାର ମୁକାବିଲା ପାଇଁ ବ୍ଲକ ପ୍ରଶାସନ କାର୍ଯ୍ୟାଳୟ ମଧ୍ୟରେ ବୈଠକ କରୁଥିଲେ ମଧ୍ୟ ଲୋକଙ୍କ ନିକଟରେ ପହଞ୍ଚି ପାରିନି। ଲଗାଣ ବର୍ଷାରେ ଖାରିଗୁଡ଼ା ଗାଁ ମୁଖ୍ୟ ରାସ୍ତାରେ ତେନ୍ତୁଳି ଗଛ ପଡ଼ି ରାସ୍ତା ଅବରୋଧ ହୋଇଥିଲା। ଅଗ୍ନିଶମ ବିଭାଗ ଅଧିକାରୀ ଓ କର୍ମଚାରୀ ପହଞ୍ଚି ଗଛ କାଟି ହଟାଇଥିଲେ ପରେ ଯାନ ବାହାନ ଚଳାଚଳ ହୋଇଥିଲା।

**ସଂକ୍ଷେପରେ**

## ମିଳୁନି ସାପ, କୁକୁର କାମୁଡ଼ା ଇଞ୍ଜେକ୍ସନ

ଟିକିଟି, ୨।୮ (ପ୍ରକାଶ ଚନ୍ଦ୍ର ସାହୁ): ଟିକିଟି ବ୍ଲକ୍ ଅନ୍ତର୍ଗତ ନୂଆପଡ଼ା ଗ୍ରାମରେ ଅବସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସାପ ଓ କୁକୁର କାମୁଡା ଇଞ୍ଜେକ୍ସନ ମିଳୁନଥିବା ଅଭିଯୋଗ ହେଉଛି । ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଟିକିଟି ଓ ଦିଗପହଣ୍ଡି ବ୍ଲକ୍ର ୨୦ର ଉର୍ଦ୍ଧ୍ୱ ଗ୍ରାମର ଜନସାଧାରଣ ନିର୍ଭର କରନ୍ତି। ପ୍ରତ୍ୟେକ ଦିନ ଏହି ସ୍ୱାସ୍ଥ୍ୟ କେନ୍ଦ୍ରକୁ ସାପ ଓ କୁକୁର କାମୁଡା ରୋଗୀ ବହୁ ସଂଖ୍ୟାରେ ଆସିଥାନ୍ତି। କିନ୍ତୁ ଇଂଜେକ୍ସନ ନମିଳିବା ଫଳରେ ଲୋକମାନେ ହଇରାଣ ହେଉଛନ୍ତି। ଫଳରେ ଲୋକମାନେ ଟିକିଟି, ଦିଗପହଣ୍ଡି ଓ ବ୍ରହ୍ମପୁର ବଡ଼ମେଡିକାଲକୁ ଯାଇଥାନ୍ତି । ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ସାପ ଓ କୁକୁର କାମୁଡା ଇଞ୍ଜେକସନ ଯୋଗାଇ ଦେବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।

## ଶିଶୁ ଚାଲାଣ ରୋକିବାକୁ ସଭା

ସୋରଡା, ୨।୮ (ଲମ୍ବୋଦର ପାଣିଗ୍ରାହୀ) ବିଶ୍ୱ ଶିଶୁ ଚାଲାଣ ସପ୍ତାହ ପାଳନ ଅବସରରେ ଜନକଲ୍ୟାଣ ପ୍ରତିଷ୍ଠାନ ତରଫରୁ ବ୍ଲକର ଆଦିବାସୀ ବହୁଳ ଅଞ୍ଚଳ କୁରୁବନ୍ଧ, ଶଗଡ ବସା, ଝରକୋଣ ଗ୍ରାମଗୁଡ଼ିକରେ ସଚେତନତା ସଭା ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଶିଶୁମାନଙ୍କୁ ଉପଯୁକ୍ତ ଶିକ୍ଷା ପ୍ରଦାନ, ଶୃଙ୍ଖଳା ଜ୍ଞାନ ଉପରେ କୁହାଯାଇଥିଲା। ପ୍ରତିଷ୍ଠାନର ସଂଯୋଜକ ଅକ୍ଷୟ କୁମାର ମହାନ୍ତି, ଅଞ୍ଜନ ଶୋଭାସୁନ୍ଦର, ପ୍ରଶାନ୍ତ ବଳିଆର ସିଂ, ଅଜୟ ଗମାଙ୍ଗ, ଜୁଲି ପରିଡା ପରିଚାଳନା କରିଥିଲେ।

## ଅବସରପ୍ରାପ୍ତ ପ୍ରାଧ୍ୟାପକଙ୍କ ବିୟୋଗ

ଭଞ୍ଜନଗର, ୨।୮ (ବାବୁଲା ପ୍ରଧାନ) ଅବସରପ୍ରାପ୍ତ ପ୍ରାଧ୍ୟାପକ ବିଷ୍ଣୁ ପ୍ରସାଦ ପରିଚ୍ଛା ପଟ୍ଟନାୟକ(୭୫)ଙ୍କ ବୁଧବାର ଭୁବନେଶ୍ୱରରେ ବିୟୋଗ ହୋଇଛି। ସେ ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ଦୀର୍ଘଦିନ ଧରି ଇଂରାଜୀ ବିଭାଗ ପ୍ରାଧ୍ୟାପକ ଭାବେ କାର୍ଯ୍ୟରତ ଥିଲେ। ଅପରାହ୍ଣରେ କଲେଜରେ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ଦାସଙ୍କ ସଭାପତିତ୍ୱରେ ଶୋକସଭା ହୋଇଥିଲା। ଗଣିତ ବିଭାଗ ମୁଖ୍ୟ ପ୍ରାଧ୍ୟାପିକା ଆରତିବାଳା ପ୍ରଧାନ, ପ୍ରାଣୀ ବିଜ୍ଞାନ ବିଭାଗୀୟ ମୁଖ୍ୟ ଅଧ୍ୟାପକ ହରପ୍ରସାଦ ଶତପଥୀ, ଇତିହାସ ବିଭାଗ ମୁଖ୍ୟ ଅଧ୍ୟାପକ ଡ଼.ରବୀନ୍ଦ୍ର କୁମାର ମିଶ୍ର ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପଟ୍ଟନାୟକଙ୍କ କର୍ମମୟ ଜୀବନୀ ସମ୍ପର୍କରେ କହିଥିଲେ।

## ଶେରଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବହୁ ପଦବୀ ଖାଲି

ଶେରଗଡ଼, ୨।୮ (ସୂର୍ଯ୍ୟନାରାୟଣ ଦାଶ): ଶେରଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ରହିଛି ୫ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର। ପ୍ରତିଦିନ ଶତାଧିକ ରୋଗୀ ବିଭିନ୍ନ ରୋଗ ଦେଖାଇବାକୁ ଆସିଥାନ୍ତି। କିନ୍ତୁ ଏଠାରେ ସବୁ ବିଭାଗରେ ଡାକ୍ତର ନଥିବାରୁ ରୋଗୀମାନେ ଏଠାକୁ ଆସିବାକୁ ନାରାଜ ହେଉଛନ୍ତି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବହୁ ଦିନ ହେଲା ଇନଚାର୍ଜ କେହି ନାହାନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରର ଭେଷଜ, ସର୍ଜରୀ, ସ୍ତ୍ରୀ ପ୍ରସୂତି ବିଭାଗର ଡାକ୍ତର ବହୁଦିନ ହେଲା ଖାଲିପଡିଛି। ଏ ଦିଗରେ ନେତା କିମ୍ବା ପ୍ରଶାସନିକ ଅଧିକାରୀ କେହି ବି ଦୃଷ୍ଟି ଦେଉନାହାନ୍ତି। ଅଳ୍ପ କେତେଜଣ ଡାକ୍ତରଙ୍କୁ ନେଇ ସ୍ୱାସ୍ଥ୍ୟକେନ୍ଦ୍ର ଚାଲିଛି। ଭେଷଜ, ସର୍ଜରୀ, ବିଭାଗର ଡାକ୍ତର ନଥିବା ଯୋଗୁଁ ଲୋକମାନେ ବାଧ୍ୟହୋଇ ବାହାରକୁ ଯାଇ ଖର୍ଚ୍ଚାନ୍ତ ହେଉଛନ୍ତି। ଏ କ୍ଷେତ୍ରରେ ମୁଖ୍ୟମନ୍ତ୍ରୀ ଦୃଷ୍ଟିଦେବାକୁ ଦାବି ହେଉଛି।

# ଅବିଶ୍ରାନ୍ତ ବର୍ଷାରେ ଭାଙ୍ଗିଲା ଘର

ଖଜୁରୀପଡ଼ା, ୨।୮ (ବିଦୁର ବେହେରା)

ଗତ କିଛି ଦିନ ଧରି ଲଘୁଚାପ ଜନିତ ବର୍ଷା ଲାଗି ରହିଥିବାରୁ ଚାଷ କାମରେ ମଧ୍ୟ ବାଧା ହେବା ସହ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛନ୍ତି। ମଙ୍ଗଳବାରରୁ ଲାଗି ରହିଥିବା ବର୍ଷାରେ କନ୍ଧମାଳ ଜିଲାର ସହର ଏବଂ ଗ୍ରାମାଞ୍ଚଳ ସବୁ ଜଳମଗ୍ନ ହୋଇଛି। ଖଜୁରିପଡ଼ା ବ୍ଲକ ଅନ୍ତର୍ଗତ ଗ୍ରାମାଞ୍ଚଳ ଗୁଡ଼ିକରେ ପର୍ବତ ପାହାଡ ଉପରେ ଅବସ୍ଥିତ। ତେଣୁ ଏହି ଲଘୁଚାପ ଜନିତ ବର୍ଷାରେ ଗ୍ରାମାଞ୍ଚଳ ବେହାଲ ହୋଇଯାଇଛି। ପାହାଡ ଉପରୁ ଦୃତ ଗତିରେ ପାଣି ଆସି ଘର ଦୁଆରେ ପଶି ଯିବା ସହ ବିଦ୍ୟୁତ୍ ସେବା ବ୍ୟାଘାତ ରହିଛି। ପିଲା ସଲୁଙ୍କି ନଦୀରେ, ବାରପୁଲିଆ ନଦୀରେ ଏବଂ ପୁରୁଣା ପାଣି, କଣ୍ଡିଆନାଲ, ଟିଟ୍ରାପଙ୍ଗା ନଦୀରେ ଧୀରେ ଧୀରେ ଜଳ ସ୍ରୋତ ବଢ଼ିବାରେ ଲାଗିଛି। ବାରପୁଲିଆ ନିକଟସ୍ଥ ଶଙ୍ଖ ଯାହାକି ବଲସକୁମ୍ପାକୁ ସଂଯୋଗ କରୁଥିବା ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା ରାସ୍ତାରେ ଆରମ୍ଭରେ ପଡେ ସେଇଠୁ ମାଟି ଧୋଇ ନେବା ସହିତ ନାଳଟି ବିପଦ ସଙ୍କୁଳ ସଂକେତ ରହିଛି। ପ୍ରବଳ ବର୍ଷା ଯୋଗୁ ବେଡ଼ଙ୍ଗ ପାଜୁ ଗ୍ରାମର ବସନ୍ତ ଗଣ୍ଡାଙ୍କ କଚ୍ଚା ଘର କାନ୍ଥ ଭୁଶୁଡ଼ି ପଡ଼ିବା ସହ ବର୍ଷାରେ ଶ୍ରମିକମାନେ ଆର୍ଥୀକ ଅନଟନରେ ରହିଛନ୍ତି। ଏଭଳି ବର୍ଷା ଲାଗି ରହିଲେ ସର୍କେଲେସରେ ପାଣି ଆସିବାର ସମ୍ଭାବନା ରହୁଛି। ଯେଉଁ ମାନଙ୍କ ଘର କାନ୍ଥ ଏବଂ ଘର ଭାଙ୍ଗି ଯାଇଛି ସେମାନଙ୍କ ପାଖରେ ରାଜସ୍ୱ ନିରୀକ୍ଷକ ଅଧିକାରୀମାନେ ପହଞ୍ଚି ପଲିଥିନ ପ୍ରଦାନ କରୁଛନ୍ତି। ବର୍ତ୍ତମାନ ସୁଦ୍ଧା ଖଜୁରିପଡ଼ା ତହସିଲ ଅଞ୍ଚଳରେ ୬ ଟି ଘର କାନ୍ଥ ଭାଙ୍ଗିଥିବା ଅଭିଯୋଗ ଆସିଛି। ଦୁଇଟି ଟିମ ହୋଇ ଲୋକଙ୍କ ପାଖରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରୁଥିବା ତହସିଲଦାର ବିଜୟ ପ୍ରଧାନ ସୂଚନା ଦେଇଛନ୍ତି।



ଭାଙ୍ଗି ଯାଇଥିବା ଘର

# ଲଗାଣ ବର୍ଷା: ସହରରେ ଦୁର୍ବିଷହ ଜୀବନ

**ରାସ୍ତା, ସ୍କୁଲ ଉପରେ ପଡିଲା ଗଛ**

ଫୁଲବାଣୀ, ୨।୮ (ରାକେଶ କୁମାର ରାଉତ)

କନ୍ଧମାଳ ଜିଲାରେ ଲଗାଣ ବର୍ଷାର ପ୍ରଭାବ ଜାରି ରହିଛି । ବୁଧବାର ବର୍ଷା ସାଙ୍ଗକୁ ଦିନ ତମାମ ବିଦ୍ୟୁତ୍ କାଟ ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଇଛି। ବର୍ଷା ସାଙ୍ଗକୁ ପବନ ଜୋରରେ ବୋହିବାରୁ କେତେକ ସ୍ଥାନରେ ରାସ୍ତା ଏବଂ ସ୍କୁଲ ଉପରେ ଗଛ ପଡି ଯାଇଛି। ବର୍ଷା ଜନିତ ସ୍ଥିତି ଅନୁଧ୍ୟାନ କରି ଜିଲାପାଳ ଆଶିଷ ଇଶ୍ୱର ପାଟିଲ ସମସ୍ତ ଶିକ୍ଷାନୁଷ୍ଠାନରେ ଛୁଟି ଘୋଷଣା କରିଛନ୍ତି।

ଫୁଲବାଣୀ ସହରର ପ୍ରାୟ ସମସ୍ତ ତଳିଆ ଅଞ୍ଚଳରେ ଥିବା ଘର ସହ ଦୋକନରେ ଡ୍ରେନ୍ ପାଣି ପସିଯାଇଛି। ଫୁଲବାଣୀ ତହସିଲ ଅଞ୍ଚଳରେ ୩୩ଟି ଘର ଆଂଶିକ କ୍ଷତିଗ୍ରସ୍ତ ହୋଇଛି। କୋଟଗଡ଼ ବ୍ଲକରେ ଗୋଟିଏ ଘର ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଅନ୍ୟ ସ୍ଥାନରେ ୧୪ ଘର ଆଂଶିକ କ୍ଷତିଗ୍ରସ୍ତ ହୋଇଥିବା ଜିଲା ଆପଦକାଳୀନ ଅଧିକାରୀ ରଞ୍ଜନ କୁମାର ମାର୍ଥା କହିଛନ୍ତି । ଏଥିସହ ଜି ଉଦୟଗିରି, ଫିରିଙ୍ଗିଆ, ତୁମୁଡିବନ୍ଧ, ରାଇକିଆ ବ୍ଲକ ଗୁଡ଼ିକରେ ଅନେକ ସ୍ଥାନରେ ରାସ୍ତା ଧୋଇ ହୋଇ ଯାତାୟାତ ବାଧାପ୍ରାପ୍ତ ହୋଇଥିବା କହିଛନ୍ତି। ଫୁଲବାଣୀ ସହରର ରୁଜାଙ୍ଗିଠାରେ ଏକ ଗଛ ପଡି ଯିବାରୁ ଫୁଲବାଣୀ-ବ୍ରହ୍ମପୁର-ବାଲିଗୁଡାକୁ ଯାଉଥିବା ଯାନବାହାନ ରାସ୍ତା ଉପରେ ଠିଆ ହୋଇ ରହିଥିଲା। ଅଗ୍ନିଶମ ବାହିନୀ କର୍ମଚାରୀ ସେଠାରେ ପହଞ୍ଚି ଗଛ କାଟି ରାସ୍ତା ସଫା କରିବା ପରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା।

ସେହିପରି ଫିରିଙ୍ଗିଆ ବ୍ଲକ କ୍ରାଣ୍ଡିବାଲି ଉନ୍ନୀତ ଉଚ୍ଚବିଦ୍ୟାଳୟ କାନ୍ଥକୁ ଲାଗି ରହିଥିବା ଏକ ବିରାଟ ପୁରୁଣା ବରଗଛ ଭାଙ୍ଗିପଡ଼ିଛି । ଫଳରେ ସ୍କୁଲ ଘର ସମେତ ପାଖରେ ଥିବା ଅଙ୍ଗନବାଡ଼ି ଗୃହ, ପାଚେରୀ ଭାଙ୍ଗି ଯାଇଛି । ଏଥିରେ ଏକ ଟ୍ରାନ୍ସଫର୍ମର ମଧ୍ୟ କ୍ଷତିଗ୍ରସ୍ତ ହୋଇଛି । ସ୍କୁଲ ଛୁଟି ଥିବାରୁ ଏକ ବଡ଼ ଦୁର୍ଘଟଣା ଟଳି ଯାଇଛି । ସେହିପରି ରାସ୍ତା ଉପରେ ବିଦ୍ୟୁତ୍ ତାର ଛିଡି ପଡ଼ି ଥିବାରୁ ଗୋଚ୍ଛାପଡ଼ା-ବାଲନ୍ଦାପଡ଼ା ରାସ୍ତାରେ ପ୍ରାୟ ଚାରି ଘଣ୍ଟା ଯାଏ ଯାତାୟାତ ବନ୍ଦ ରହିଥିଲା। ସେହିପରି ବହୁ ସ୍ଥାନରେ ରାସ୍ତା ଓ କଲଭର୍ଟ ଧୋଇ ହୋଇଯିବା ସହ ବହୁ କଚ୍ଚା ଘର ଭାଙ୍ଗି ଯାଇଛି । ସାଡିଙ୍ଗିଆ ପଞ୍ଚାୟତର ବେଡାକେତା ଗାଁ ନିକଟରେ ଥିବା ଏକ ଚେକ ଡ୍ୟାମ ଭାଙ୍ଗି ଯିବାରୁ ପ୍ରାୟ ୨୦ ଏକର ଚାଷ ଜମିରେ ଫସଲ ନଷ୍ଟ ହୋଇଯାଇଛି । ସଲାଗୁଡା ପଞ୍ଚାୟତର ମନିଜିରୀ ପୋଲ ଉପରେ ପାଣି ଚାଲୁଥିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି । ମୁଣ୍ଡାସାହି ଠାରୁ ଗାଡି ପଦର ରାସ୍ତା ଧୋଇ ହୋଇ ଯାଇଥିବାରୁ ଏହି ରାସ୍ତା ଉପରେ ନିର୍ଭର କରି ଅସୁଥିବା ୧୦ରୁ ଉର୍ଦ୍ଧ ଗାଁ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇ ପଡିଛି । ଗୋଚ୍ଛାପଡା ଓ ବାଲନ୍ଦାପଡା ରାସ୍ତାର ପକାରୀ ଘାଟି ନିକଟରେ ଏକ ଗଛ ପଡି ରାସ୍ତା ଅବରୋଧ ହେବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ସେହିପରି ପାଙ୍ଗା ପଞ୍ଚାୟତର ବାଘନଦୀ ଉପରେ ନିର୍ମାଣ ହୋଇଥିବା ଅସ୍ଥାୟୀ କାଠ ପୋଲ ଭାଙ୍ଗି ଯିବାରୁ ମାର୍କାଳୀ, ସିକେରି, ବ୍ରାହାପଦର, ଡେଡିସରୁ ଗାଁ ବାହ୍ୟଜାଗତରୁ ବିଚ୍ଛିନ୍ନ ହୋଇପଡିଛି । ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ବିଡିଓ, ତହସିଲଦାର, ଆରଆଇ ମାନଙ୍କୁ ସାମ୍ଭାବ୍ୟ ପରିସ୍ଥିତି ଉପରେ ନଜର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ଜିଲାପାଳଙ୍କ କାର୍ଯ୍ୟାଳୟରେ ଏକ ୨୪ ଘଣ୍ଟିଆ କଂଟ୍ରୋଲ ରୁମ ଖୋଲାଯାଇଛି । ଜିଲାରେ ଫିରିଙ୍ଗିଆ ବ୍ଲକରେ ସର୍ବାଧିକ ୨୧୯.୨ ମିମି ବର୍ଷା ହୋଇଥିଲା ବେଳେ ବାଲିଗୁଡାରେ ୨୧୦, କ.ନୂଆଗାଁରେ ୨୦୬.୪, ଫୁଲବାଣୀରେ ୨୦୫.୬, ଚକାପାଦରେ ୧୪୭, କୋଟଗଡରେ ୧୩୬, ଖଜୁରିପଡାରେ ୧୩୩.୨, ତୁମୁଡିବନ୍ଧରେ ୧୩୯, ଟିକାବାଲିରେ ୧୨୭ ଓ ରାଇକିଆରେ ୧୧୭.୮ ମିମି, ଦାରିଙ୍ଗବାଡିରେ ୭୮, ଜି.ଉଦୟଗିରିରେ ୭୪.୪ ମିମି ବର୍ଷା ରେକର୍ଡ ହୋଇଛି।



ସ୍କୁଲ ଉପରେ ପଡିଥିବା ଗଛ।

# ମାଣିତରା ପଞ୍ଚାୟତ କାର୍ଯ୍ୟ ଖସଡ଼ାରେ ଅନିୟମିତତା

**ନାଏବ ସରପଞ୍ଚ ଓ ୱାର୍ଡ ସଭ୍ୟଙ୍କ ଅଭିଯୋଗ**

ବୁଗୁଡା, ୨।୮ (କାଳି ଚରଣ ଦାଶ):

ବୁଗୁଡା ବ୍ଲକ ମାଣିତରା ପଞ୍ଚାୟତରେ ପ୍ରସ୍ତୁତ ହୋଇଥିବା ୨୦୨୨-୨୩ ଓ ୨୦୨୩-୨୪ କାର୍ଯ୍ୟଖସଡ଼ା ପଞ୍ଚାୟତ ବୈଠକରେ ଅନୁମୋଦନ ନ ହୋଇ ବ୍ଲକ ଅଫିସରେ ଦାଖଲ ହୋଇଥିବା ନେଇ ମାଣିତରା ନାଏବ ସରପଞ୍ଚ ସ୍ୱର୍ଣ୍ଣଲତା ନାଇକ ଏବଂ ୧୫ ଜଣ ୱାର୍ଡ ମେମ୍ବର ଜୁଲାଇ ୩୧ରେ ଜିଲାପାଳଙ୍କ ଅନୁପସ୍ଥିତିରେ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଅଭିଯୋଗ ପତ୍ର ପ୍ରଦାନ ସହ ଆଲୋଚନା କରି ଫେରିଥିବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ମାଣିତରା ପଞ୍ଚାୟତର ମୋଟ ୧୮ ଜଣ ୱାର୍ଡ ମେମ୍ବରଙ୍କ ମଧ୍ୟରୁ ୧୬ ଜଣ ୱାର୍ଡ ମେମ୍ବର ସରପଞ୍ଚ ପ୍ରକାଶ ଚନ୍ଦ୍ର ବେହେରାଙ୍କୁ ଜୁଲାଇ ୩୦ ତାରିଖରେ ପଞ୍ଚାୟତ କାର୍ଯ୍ୟାଳୟରେ ଭେଟି ୱାର୍ଡ ମେମ୍ବରଙ୍କ ବିନା ଅନୁମୋଦନରେ କିପରି କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରାଯାଇଛି ବୋଲି ପଚାରିଥିଲେ। ସରପଞ୍ଚ ପ୍ରଶ୍ନର ସଠିକ୍ ଉତ୍ତର ଦେଇ ନ ପାରି ଯାହା ବି ହୋଇଛି ତାହା ପ୍ରଫୁଲ୍ଲ ପଣ୍ଡା ନାମକ ଜଣେ ବ୍ୟକ୍ତି କରିଛନ୍ତି ବୋଲି କହିଥିଲେ। ଫଳରେ ସମସ୍ତ ୱାର୍ଡ ମେମ୍ବର ପଞ୍ଚାୟତ ଅଫିସରୁ ଫେରି ଆସିଥିଲେ ଏବଂ ଜୁଲାଇ ୩୧ରେ ଅଭିଯୋଗ ପତ୍ର ପ୍ରଦାନ କରିଥିଲେ। ଏ ସମ୍ପର୍କରେ ବିଡିଓ ବାସୁଦେବ ନାୟକ ଉତ୍ତର ଦେବାକୁ ଅମଙ୍ଗ ହୋଇଥିବା ସ୍ଥଳେ ସଂପୃକ୍ତ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ କାମିନୀ ରଞ୍ଜନ ନାହାକ ଫୋନ୍ ଉଠାଉ ନାହାନ୍ତି।

# ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଛାତରୁ ପାଣି ଗଳୁଛି

ତୁମୁଡିବନ୍ଧ, ୨।୮ (ଦିପକ କୁମାର ପରାସେଠ): ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଛାତରୁ ପାଣି ଗଳୁଛି। ଫଳରେ ରୋଗୀ ହନ୍ତସନ୍ତ ହେବା ସହିତ ଚିକିତ୍ସା ବାଧାପ୍ରାପ୍ତ ହୋଇଛି। ବହିଃଚିକିତ୍ସା ୱାର୍ଡ ପାଣି ଘେରରେ ଥିବାବେଳେ ଅନ୍ତଃ ଚିକିତ୍ସା ୱାର୍ଡରେ ପାଣି ଗଳୁଛି। ବର୍ଷା ହେଲେ ବାହାରର ପାଣି ବହିଃ ଚିକିତ୍ସା ୱାର୍ଡକୁ ପସି ଆସିବାରୁ ରୋଗୀ ଚିକିତ୍ସାରେ ବାଧା ସୃଷ୍ଟି ହେଉଛି। ସମସ୍ତ ୱାର୍ଡ ଗୁଡିକରେ ଛାତରୁ ପାଣି ଟପ ଟପ ହୋଇ ପଡୁଛି। ଶଯ୍ୟାଗୁଡିକ ଓଦା ହୋଇଯାଇଥିବାରୁ ରୋଗୀମାନେ ଚିକିତ୍ସାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗୋଷ୍ଠୀ ଚିକିତ୍ସା ଅଧିକାରୀଙ୍କୁ ପଚାରିବାରୁ ଏହି ବାବଦରେ ବହୁତ ଥର ଚିଠି ମାଧ୍ୟମରେ ଜଣାଇଛୁ ମରାମତି କରିବା ପାଇଁ। ନୂତନ କୋଠା ଘର ନିର୍ମାଣ ହେବାର ଅଛି ବୋଲି ମନା କରିଥିବା ନେଇ ସେ କହିଛନ୍ତି।

# ହିଲ୍ ଭ୍ୟୁ ଘାଟିରେ ଭୂସ୍ଖଳନ



**ବିପଦ ସାଜିଛି ଘାଟି**

ଦାରିଙ୍ଗବାଡି, ୨।୮ (ଅରୁଣ ସାହୁ)

ଦାରିଙ୍ଗବାଡି ବ୍ଲକ ଅଞ୍ଚଳରେ ଲଘୁଚାପ ଜନିତ ବର୍ଷା ଲାଗି ରହିବାରୁ ଅନେକ ସ୍ଥାନରେ ନାଳ, ନଦୀରେ ଜଳସ୍ତର ବୃଦ୍ଧି ପାଇବା ସହ ଦୁର୍ଗମ ଗ୍ରାମ ରାସ୍ତା ଗୁଡିକରେ ଜଳ ଜମା ହୋଇ କାଦୁଅ ସୃଷ୍ଟି ହୋଇଛି। ରାଇପୁରଠାରୁ ଗୋପାଳପୁରକୁ ସଂଯୋଗ କରୁଥିବା ୫୯ନଂ ରାଜପଥର ଦାରିଙ୍ଗବାଡି ହିଲଭ୍ୟୁ ନିକଟ ଘାଟିରେ ୨ଶହ ମିଟର ଭିତରେ ଛୋଟବଡ଼ ତିନୋଟି ଭୂସ୍ଖଳନ ହୋଇଛି। ଅପରହ୍ନରେ ପୁଣି ସେହି ସ୍ଥାନରେ ଗଛ ପଡ଼ି ରାଜପଥ ଅବରୋଧ ହୋଇଥିଲା। ଫଳରେ ଉଭୟ ପାର୍ଶ୍ୱରେ ଏକାଧିକ ଗାଡ଼ି ଅଟକି ରହିଥିଲା। ଅଗ୍ନିଶମ ବିଭାଗ ପହଞ୍ଚି ଗଛ କାଟି ରାସ୍ତା ସଫା କରିଥିଲେ। ଭୂସ୍ଖଳନ ହେବାରୁ ପାହାଡ଼ରୁ ବଡ଼ ବଡ଼ ପଥର, ମାଟି ଖସିବା ସହ ବଡ଼ ବଡ଼ ଗଛ ଖସିଛି । ଏଥିରେ କାହାର କିଛି କ୍ଷତି ହୋଇନଥିଲେ ମଧ୍ୟ ଏଭଳି ବର୍ଷା ଲାଗିରହିଲେ ଉକ୍ତ ଘାଟିରେ ଆହୁରି ଭୂସ୍ଖଳନ ହେବା ଆଶଙ୍କା କରାଯାଉଛି। ପ୍ରକାଶ ଯେ, ଉକ୍ତ ଘାଟି ରାସ୍ତାର ଗୋଟିଏ ପାଖ ପାଇନ ଜଙ୍ଗଲ ରହିଥିବା ବେଳେ ରାସ୍ତା ସମ୍ପ୍ରସାରଣ ପାଇଁ ରାସ୍ତା କଡ଼ରେ ମାଟି କଟାଯାଇଛି ତାକୁ ସୁରକ୍ଷା ପାଇଁ କୌଣସି ଗାର୍ଡ ୱାଲ ନଥିବାରୁ ବର୍ଷା ହେଲେ ପାହାଡ଼ ଉପରୁ ମାଟି, ପଥର ଓ ପାଇନ ଗଛ ଗୁଡିକ ଧସି ତଳକୁ ଆସୁଛି ତେବେ ରାଜପଥ ଏବେ ଅଧିକା ଓସାର ହୋଇ ଥିବାରୁ ଭୂସ୍ଖଳନ ଘଟିଥିଲେ ସୁଦ୍ଧା ରାସ୍ତା ଅବରୋଧ ହୋଇନଥିବା ଜଣାପଡିଛି।

# ବିବାହ ପାଇଁ ଜିଦ୍ ଧରିବାରୁ ହତ୍ୟାକଲେ ପ୍ରେମିକ

- ମାଟିତଳୁ ଯୁବତୀଙ୍କ ମୃତଦେହ ଜବତ ଘଟଣା
- ମୁଖ୍ୟ ଅଭିଯୁକ୍ତ ଫେରାର, ୨ ଭାଇ କୋର୍ଟଚାଲାଣ

କୁକୁଡାଖଣ୍ଡି/ହିଞ୍ଜିଳିକାଟୁ, ୨।୮ (ପ୍ରତାପ କୁମାର ସାହୁ/ଦୁତୀକୃଷ୍ଣ ପଣ୍ଡା):

ହିଞ୍ଜିଳି ଥାନା କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ବୋରିଗାଁ ପଞ୍ଚାୟତର ମହୁଲପଲ୍ଲୀ ଗ୍ରାମର ଦଣ୍ଡାସୀପଦରରୁ ରବିବାର ମାଟିତଳୁ ଜଣେ ଯୁବତୀଙ୍କ ମୃତଦେହ ଜବତ ହୋଇଥିଲା । ମଙ୍ଗଳବାର ଅପରାହ୍ଣରେ ଆସିକା ଏସ୍‌ଡିପିଓ ଉମାଶଙ୍କର ସିଂ ଏବଂ ହିଞ୍ଜିଳି ଆଇଆଇସି ଅଭିମନ୍ୟୁ ଦାସ ୨ ଅଭିଯୁକ୍ତଙ୍କୁ ନେଇ ମହୁଲପଲ୍ଲୀ, ରଙ୍ଗେଇଲୁଣ୍ଡା ବ୍ଲକ ବଡକୁସ୍ଥଳୀ ଗ୍ରାମ କେନାଲ, କୁକୁଡ଼ାଖଣ୍ଡି ବ୍ଲକର ଗୁରୁଣ୍ଡି ଗ୍ରାମ ଓ ପାର୍ଶ୍ୱବର୍ତ୍ତୀ ଏକ କେନାଲ ନିକଟରେ ପହଞ୍ଚି ସିନ ରିକ୍ରେସନ କରିଥିଲେ। ମୃତଦେହ ଚିହ୍ନଟ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ବୁଧବାର ହିଞ୍ଜିଳି ଥାନା ପରିସରରେ ଆସିକା ଏସଡିପିଓ ଉମାଶଙ୍କର ସିଂ ଏକ ଖବରଦାତା ସମ୍ମିଳନୀରେ ଘଟଣାର ବିସ୍ତୃତ ବିବରଣୀ ଦେଇଛନ୍ତି।

ସୂଚନା ଅନୁସାରେ, ମୃତକ ଜଣକ ହେଉଛନ୍ତି ପାଟପୁର ଥାନା ଅନ୍ତର୍ଗତ ପାଟପୁର ଗ୍ରାମର ବର୍ଷାରାଣୀ ପୁରୋହିତ। ସ୍ୱାମୀଙ୍କ ସହ ତିକ୍ତତା ପରେ ନିମଖଣ୍ଡି ଥାନା ଅଞ୍ଚଳର ଗୁରୁଣ୍ଡି ଗ୍ରାମର ପ୍ରଶାନ୍ତ ବେହେରାଙ୍କ ସହିତ ତାଙ୍କର ପ୍ରେମ ସମ୍ପର୍କ ଗଢିଉଠିଥିଲା। ବର୍ଷା ବିବାହ କରିବା ପାଇଁ ପ୍ରେମିକଙ୍କୁ ବାଧ୍ୟ କରିବାରୁ ସେ ଉତ୍ତ୍ୟକ୍ତ ହୋଇ ରଙ୍ଗେଇଲୁଣ୍ଡା ବ୍ଲକ ବଡକୁସ୍ଥଳି କେନାଲ କଡ଼ରେ ତାଙ୍କୁ ହାତୁଡିରେ ମୁଣ୍ଡକୁ ଗଭୀର ଆଘାତ କରି ହତ୍ୟା କରିଥିଲେ। ପରେ ଦୁଇ ଭାଇଙ୍କ ସହଯୋଗରେ ଜରି ଅଖାରେ ମୃତକଙ୍କୁ ଭର୍ତ୍ତି କରି ଅଟୋରେ ଆଣି ମହୁଲପଲି ଦଣ୍ଡାସି ପଦରର ଏକ ସମାଧି ପାର୍ଶ୍ୱରେ ମାଟିତଳେ ପୋତି ଦେଇଥିଲେ। ମୁଖ୍ୟ ଅଭିଯୁକ୍ତ ତଥା ପ୍ରେମିକ ଫେରାର ଥିବାବେଳେ ମୃତଦେହ ପୋତିବାରେ ସହଯୋଗ କରିଥିବା ଦୁଇ ଭାଇ ନିମଖଣ୍ଡି ଥାନା ଅଞ୍ଚଳର ଗୁରୁଣ୍ଡି ଗ୍ରାମର ରାମଚନ୍ଦ୍ର ବେହେରାଙ୍କ ଦୁଇ ପୁଅ ସନ୍ତୋଷ (୩୦) ଏବଂ ସୁଶାନ୍ତ (୨୮)ଙ୍କୁ ଗିରଫ କରିଛି। ମୃତକଙ୍କ ପରିବାର ପକ୍ଷରୁ ଏଯାବତ କୌଣସି ଅଭିଯୋଗ ନଥିବା ବେଳେ ପୋଲିସ ମାମଲା ରୁଜୁ କରି ବୁଧବାର କୋର୍ଟ ଚାଲାଣ କରିଛି । ହତ୍ୟାରେ ବ୍ୟବହୃତ ମାରଣାସ୍ତ୍ର, ମୋବାଇଲ, ଡ୍ରେସ, ବାଇକ (ଓଆର୦୭ଆର-୫୨୪୫) ଏବଂ ଏକ ଅଟୋ (ଓଡି୦୭ଡି-୫୧୩୧) ବିଭିନ୍ନ ସ୍ଥାନରୁ ଜବତ କରାଯାଇଛି।

ମୃତକଙ୍କ ଭାଇ ବିକାଶ ପୁରୋହିତ କହିଛନ୍ତି, ବର୍ଷାରାଣୀ ବିବାହ ତଥା ସନ୍ତାନ ପ୍ରସବ ପରେ ସ୍ୱାମୀଙ୍କ ସହ ପାରିବାରିକ କଳହ ଘଟିଥିଲା। ତେଣୁ ସ୍ୱାମୀଙ୍କୁ ଛାଡି ବର୍ଷା ହାଇଦ୍ରାବାଦ ଚାଲିଯାଇଥିଲେ । ସେଠାରେ ଏକ ହୋଟେଲରେ କାମ କରିବା ବେଳେ ପ୍ରଶାନ୍ତଙ୍କ ସହ ପ୍ରେମ ସମ୍ପର୍କ ଗଢିଉଠିଥିଲା ଏବଂ ଉଭୟେ ମନ୍ଦିରରେ ବିବାହ କରିଥିଲେ। ଦୁହେଁ ଗାଁକୁ ଫେରିଆସିଲେ। କିନ୍ତୁ ବର୍ଷା ଭିନ୍ନ ଜାତିର ହୋଇଥିବାରୁ ପ୍ରଶାନ୍ତଙ୍କ ପରିବାର ଲୋକ ବିବାହ ପାଇଁ ସହମତ ହୋଇନଥିଲେ। ତେବେ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ ସହ ଆଉ କିଏ ସମ୍ପୃକ୍ତ ରହିଛନ୍ତି ତାହା ବର୍ତ୍ତମାନ ତଦନ୍ତ ଚାଲିଛି ବୋଲି ଥାନା ଅଧିକାରୀ ଭାବାନନ୍ଦ ନ୍ପ୍ରଧାନ ସୂଚନା ଦେଇଛନ୍ତି।



ଗିରଫ ୨ ଅଭିଯୁକ୍ତ ।

# ବର୍ଷାରେ ବ୍ୟାସନଗର ସହର ବେହାଲ

- ବିଦ୍ୟୁତ୍ ସେବା ବିଚ୍ଛିନ୍ନ
- ପାନୀୟ ଜଳ ସଙ୍କଟ
- ତଳିଆ ଅଞ୍ଚଳ ଲୋକେ ଦୁର୍ଦ୍ଦଶାରେ

ଯାଜପୁରରୋଡ୍, ୨।୮ (ପବିତ୍ର ମହାନ୍ତି):

ଲଘୁଚାପଜନିତ ବର୍ଷାରେ ବ୍ୟାସନଗର ସହର ବେହାଲ ହୋଇପଡ଼ିଛି। ବର୍ଷା ଜଳ ନିଷ୍କାସନ ହୋଇ ନ ପାରି ରାସ୍ତା ଉପରେ ଜମିରହିଛି। ବିଭିନ୍ନ ୱାର୍ଡରେ ବର୍ଷା ଜଳ ଜମି ରହିବା ଦ୍ୱାରା ଲୋକେ ଘରୁ ବାହାରି ପାରୁନାହାନ୍ତି। ମଙ୍ଗଳବାରଠାରୁ ବର୍ଷା ଲାଗିରହିଥିବାରୁ ଅଧିକାଂଶ ଦୋକାନ ବଜାର ବନ୍ଦ ରହିଛି। ସହରର ତଳିଅଞ୍ଚଳରେ ଥିବା ଛପର ଘରଗୁଡ଼ିକର କାନ୍ଥ ଭାଙ୍ଗି ପଡ଼ିଛି। ପୌର ପରିଷଦ ଅନ୍ତର୍ଗତ ଚୂନଭାଟି, ରେଲୱେ ପ୍ଲଟ, ମୁଣ୍ଡମାଳ, ସାପଗାଡ଼ିଆ, ଡିଗିସାହି, ଉମାପଦା ଦଳିତ ସାହି, ଚୋରଦା ଶବର ସାହି, ଧଳଗିରି ଆଦିବାସୀ ସାହି, କାଚହୁଡି, ଯୋଗୀସାହି, ସୋବରା ଓ କୋର୍ଟ ଛକ ଆଦିବାସୀ ବସ୍ତି ଅଞ୍ଚଳଗୁଡ଼ିକ ବିଶେଷ ଭାବେ ପ୍ରଭାବିତ ହୋଇଛି। କର୍ମଜୀବୀମାନେ ଦୁଇ ଦିନ ହେବ କୌଣସି କାମ ଧନ୍ଦାକୁ ଯାଇ ନ ପାରି ଭୋକ ଉପାସରେ ପଡ଼ି ରହିଛନ୍ତି।

ମୁଖ୍ୟତଃ ସହରର ଆବଶ୍ୟକ ମୁତାବକ ଡ୍ରେନ ନ ଥିବାରୁ ବର୍ଷାଜଳ ନିଷ୍କାସନ ହୋଇ ନ ପାରି ବିଭିନ୍ନ ଅଞ୍ଚଳରେ ଜମିରହୁଛି। ବର୍ଷାଦିନ ପୂର୍ବରୁ ପୌର ପରିଷଦ ପକ୍ଷରୁ ଡ୍ରେନ୍‌ଗୁଡ଼ିକୁ ପରିଷ୍କାର କରାଯାଉ ନାହିଁ, ଯଦ୍ଦ୍ୱାରା ଜଳ ନିଷ୍କାସନ ହୋଇ ନ ପାରି ବନ୍ୟା ପରିସ୍ଥିତି ସୃଷ୍ଟି କରୁଛି। ସହରର ଷ୍ଟେଶନ ବଜାର, ରାଧାନାଥ ମାର୍ଗ, ଉମାପଦା, ନହକା, ମହିପାଲ କଲୋନୀ, ଦଳା, ପଣ୍ଡା କଲୋନୀ, ପ୍ରିୟଦର୍ଶିନୀ ରୋଡ୍, ଡା. ପରମେଶ୍ୱର ନାୟକ ଗଳି, ସର୍ଭିସ ଷ୍ଟେସନ ଗଳି ରାସ୍ତାଗୁଡ଼ିକ ଉପରେ ଆଣ୍ଠୁଏ ପାଣି ଚାଲୁଛି। ପୂର୍ବରୁ ବିଭିନ୍ନ ଖାଲ ଓ ଡ୍ରେନରେ ଜମି ରହିଥିବା ବର୍ଜ୍ୟଜଳ ବର୍ଷା ଜଳରେ ମିଶି ରାସ୍ତା ଉପରେ ଲହଡି ମରିବା ସହ ଲୋକଙ୍କ ଘରେ ପଶୁଛି ଓ ଅଞ୍ଚଳରେ ଦୁର୍ଗନ୍ଧ ସୃଷ୍ଟି କରୁଛି। ଅନ୍ୟପଟେ ବିଦ୍ୟୁତ୍ ଓ ପାନୀୟ ଜଳ ସମସ୍ୟା ଉପୁଜିଛି। ମଙ୍ଗଳବାର ରାତିରୁ ବିଦ୍ୟୁତ୍ ସରବରାହ ବନ୍ଦଥିବାରୁ ଚାରିଆଡ଼େ ଅନ୍ଧାର ହୋଇଛି। ସହରରେ ପାନୀୟ ଜଳ ସଙ୍କଟ ଦେଖାଦେଇଛି। ପୌର ପ୍ରଶାସନ କିମ୍ବା କୌଣସି ଜନ ପ୍ରତିନିଧି ସହରବାସୀ ଓ ବସ୍ତି ଅଞ୍ଚଳର ଅଭାବୀ ଲୋକଙ୍କ ପାଖରେ ପହଞ୍ଚି ନ ଥିବାରୁ ଅସନ୍ତୋଷ ଦେଖାଦେଇଛି। ସହରାଞ୍ଚଳ ଲୋକଙ୍କ ପାଇଁ ସରକାର ବିଭିନ୍ନ ଯୋଜନାରେ ଘର ଯୋଗାଇ ଦେଉଥିବାବେଳେ ବର୍ତ୍ତମାନ ସୁଦ୍ଧା ଏଠାରେ ବହୁ ଗରିବ ଲୋକଙ୍କ ମୁଣ୍ଡ ଗୁଞ୍ଜିବାକୁ ଘରନାହିଁ। ଏ ଦିଗରେ ସ୍ଥାନୀୟ ଜନପ୍ରତିନିଧି ଓ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ବସ୍ତିବାସିନ୍ଦା ଗୁହାରି କରିଛନ୍ତି। ଏ ସମ୍ପର୍କରେ ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ତରୁଣ କୁମାର ମହାପାତ୍ରଙ୍କୁ ପଚାରିବାରେ ସେ କହିଛନ୍ତି, ସକାଳ ୮ଟାରୁ ବର୍ଷା ଜଳ ଜମିରହିଥିବା ଅଞ୍ଚଳଗୁଡ଼ିକୁ ଯାଇ ଜଳ ନିଷ୍କାସନ ବ୍ୟବସ୍ଥା କରିଛନ୍ତି। ପୌର ପରିଷଦ ଏମ୍‌ଇ ଓ ଅନ୍ୟ ଅଧିକାରୀମାନଙ୍କ ସହ ପରାମର୍ଶ କରି ପଦକ୍ଷେପ ନେଉଛନ୍ତି। ବ୍ୟାସନଗର ଅତିରିକ୍ତ ତହସିଲଦାର ବିକ୍ରମ ମଳିକଙ୍କୁ ପଚାରିବାରେ ସେ କହିଛନ୍ତି, ସହର ତଳିଅଞ୍ଚଳ ଓ ପାଣିଘେରରେ ଥିବା ଲୋକମାନଙ୍କୁ ପଲିଥିନ ଏବଂ ଶୁଖିଲା ଖାଦ୍ୟ ଯୋଗାଇ ଦେବାକୁ ଆର୍‌ଆଇମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।


ଲଗାଣ ବର୍ଷା ଯୋଗୁ ବ୍ୟାସନଗର ପୌର ପରିଷଦର ଏକ ବସ୍ତିରେ ପାଣି ଜମିରହିଛି।


ବର୍ଷା ଯୋଗୁ ମାଟିଘର କାନ୍ଥ ଭୁଶୁଡିବା ଅବସ୍ଥାରେ ରହିଛି।


ବର୍ଷା ଯୋଗୁ ପାନୀୟଜଳ ଯୋଗାଣ ବନ୍ଦ ରହିଛି।


ଗାଁଦାଣ୍ଡରେ ବର୍ଷା ପାଣିର ସୁଅ।


ସହରର ଏକ ରାସ୍ତାରେ ପାଣି ଲହଡ଼ି ମାରୁଛି।

## ବିଦ୍ୟାଳୟରେ ଭିତ୍ତିଭୂମି ଅଭାବ



ବରୀ, ୨।୮ (ମହେନ୍ଦ୍ର ସ୍ୱାଇଁ):

ବରୀ ଶିକ୍ଷା ମଣ୍ଡଳ ଅଧୀନରେ ରହିଛି ୧୭୪ ବିଦ୍ୟାଳୟ। ମାତ୍ର ଭିତ୍ତିଭୂମି ଅଭାବ ସହ ଆବଶ୍ୟକ ଶିକ୍ଷକ ନ ଥିବାରୁ ପିଲାଙ୍କ ପାଠପଢ଼ା ବାଧାପ୍ରାପ୍ତ ହେଉଛି। ମଧ୍ୟାହ୍ନଭୋଜନ ରୋଷେଇ କ୍ଷେତ୍ରରେ ନାହିଁ ନ ଥିବା ଅସୁବିଧା ଦେଖିବାକୁ ମିଳିଛି। ବ୍ଲକ୍ ଅଧୀନ ବ୍ରାହ୍ମଣୀ ନଦୀର ଦକ୍ଷିଣପାର୍ଶ୍ୱରେ ଥିବା ଚନ୍ଦନପୁର, ରତ୍ନଗିରି, ଅମଠପୁର, ମନ୍ଦାରୀ ଆଦି ପଞ୍ଚାୟତର ବିଦ୍ୟାଳୟଗୁଡ଼ିକରେ ଥିବା ନଳକୂପରୁ ହଳଦିଆ ପାଣି ବାହାରିବା ଯୋଗୁ ଏହା ପାନୀୟ ଉପଯୋଗୀ ହୋଇପାରୁନାହିଁ। ଫଳରେ ଛାତ୍ରୀଛାତ୍ର ଘରୁ ବୋତଲ ସାହାଯ୍ୟରେ ପାଣି ନେଇ ବିଦ୍ୟାଳୟକୁ ଆସୁଛନ୍ତି। ନଳକୂପରୁ ବାହାରୁଥିବା ପାଣି ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ ନିମନ୍ତେ ଉପଯୋଗୀ ହୋଇ ନ ଥିଲେ ମଧ୍ୟ ବାଧ୍ୟ ହୋଇ ପାଚିକାମାନେ ଏହି ପାଣିକୁ ବ୍ୟବହାର କରୁଛନ୍ତି ବୋଲି ମତ ରଖିଛନ୍ତି। ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା କ୍ଷେତ୍ରରେ ସରକାର ଡିଣ୍ଡିମ ପିଟୁଥିବାବେଳେ ଅଧ୍ୟୟନରତ

### ଦୂଷିତ ପାଣିରେ ତିଆରି ହେଉଛି ମଧ୍ୟାହ୍ନଭୋଜନ

କୋମଳମତି ଛାତ୍ରୀଛାତ୍ର ଦୂଷିତ ପାଣିରୁ ତିଆରି ମଧ୍ୟାହ୍ନଭୋଜନ ଖାଉଥିବାରୁ ସେମାନେ ଦୂରାରୋଗର ଶିକାର ହେବା ସମ୍ଭାବନା ରହିଛି। ରତ୍ନଗିରି ପଞ୍ଚାୟତର ଅଲିଆବାଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ଉଦାହରଣ ଭାବେ ନିଆଯାଇଛି। ଏହି ବିଦ୍ୟାଳୟରେ ୧୨୬ ଛାତ୍ରୀଛାତ୍ର ଅଧ୍ୟୟନରତଥିବାବେଳେ ୪ ଶିକ୍ଷୟିତ୍ରୀଶିକ୍ଷକ ନିଯୁକ୍ତି ପାଇଛନ୍ତି। ବିଦ୍ୟାଳୟର ପାନୀୟ ଜଳ ସମସ୍ୟା ବିଷୟରେ ପ୍ରଧାନଶିକ୍ଷୟିତ୍ରୀ ବରୀ ମଣ୍ଡଳ ଉନ୍ନୟନ ଅଧିକାରୀ, ବରୀ ଶିକ୍ଷା ମଣ୍ଡଳ ଅଧିକାରୀଙ୍କୁ ଲିଖିତ ଭାବେ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ଏହାର ସୁଫଳ ମିଳିପାରି ନାହିଁ ବୋଲି ସେ ପ୍ରକାଶ କରିଛନ୍ତି। ତେଣୁ ଆବଶ୍ୟକ ଶିକ୍ଷକ ନିଯୁକ୍ତି, ବିଦ୍ୟାଳୟର ଭିତ୍ତିଭୂମି ସଜାଡ଼ିବା ଓ ବିଶୁଦ୍ଧ ପାନୀୟ ଜଳ ଯୋଗାଣ କ୍ଷେତ୍ରରେ ଜିଲାପାଳ ଦୃଷ୍ଟିଦେବାକୁ ଦାବି ହୋଇଛି।

## ବନ୍ଦାଳ ପଞ୍ଚାୟତ ବାହ୍ୟଜଗତରୁ ବିଚ୍ଛିନ୍ନ

- ଗାଁଦାଣ୍ଡରେ ପାଣି ସୁଅ
- ଘରୁ ବାହାରିବା ଅସମ୍ଭବ

କୋରେଇ, ୨।୮ (ଚନ୍ଦ୍ରକାନ୍ତ ପତି):

ଲଘୁଚାପ ଜନିତ ଲଗାଣ ବର୍ଷା ଜନଜୀବନକୁ ଅସ୍ତବ୍ୟସ୍ତ କରିଛି। ଘରୁ ବାହାରିବା ଏକ ପ୍ରକାର ଅସମ୍ଭବ ହୋଇପଡୁଛି। ମଜୁରୀ ଲାଗି ପରିବାର ଚଳାଉଥିବା ଲୋକଙ୍କ ପାଇଁ ବର୍ଷା ଦାଉସାଧିଛି। ଚାଷଜମି ଜଳମଗ୍ନ। ରାସ୍ତା ଘାଟ ସବୁଆଡେ ପାଣି। ଗାଁ ଦାଣ୍ଡରେ ପାଣି ସୁଅ ଚାଲିବା ଦ୍ୱାରା ଦାଣ୍ଡର ପ୍ରକୃତ ସ୍ଥିତି ମଧ୍ୟ ଜଣାପଡୁନାହିଁ। ଫଳରେ ଦୁର୍ଘଟଣା ଆଶଙ୍କା କରି ଘରୁ ବାହାରିବାକୁ ଭୟ କରୁଛନ୍ତି ଲୋକେ। ଏଭଳି ପରିସ୍ଥିତି ସୃଷ୍ଟି ହେଇଛି ଯାଜପୁର ଜିଲା କୋରେଇ ବ୍ଲକ୍ ଅଞ୍ଚଳରେ। କୋରେଇର ପ୍ରତି ଗାଁ ରାସ୍ତାରେ ପାଣି। ଜନଜୀବନ ଅସ୍ତବ୍ୟସ୍ତ ହେବା ସହିତ କିଏ ବର୍ଷା ଦାଉରୁ ରକ୍ଷା ପାଇବା ପାଇଁ ପାଲ ଟାଙ୍ଗୁଛି ତ କାହାର ଚୁଲି ଜଳିବା ପାଇଁ କାଠନାହିଁ। କେଉଁଠି ଗଛ ଉପୁଡି ପଡି ରାସ୍ତାରେ ପଡିଥିଲାବେଳେ କିଛି ଲୋକଙ୍କ ଘର ଓ ଗୁହାଳ ଭାଙ୍ଗି ଯାଇଥିବା ସୂଚନା ମିଳିଛି। ଏପରିସ୍ଥଳେ ବୈତରଣୀ ନଦୀରେ ବନ୍ୟା ଆଶଙ୍କା ସୃଷ୍ଟି ହେଇଛି। ନଦୀ କୂଳରେ ଥିବା କୋରେଇର ଅସନଝର, ରଣପୁର, ଗୈରପୁର, ବରୁଣ୍ଡେଇ, ମୁକୁନ୍ଦପୁର, ଅମୃତିଆ, ବନ୍ଦାଳ, ମୂଳାପାଳ, ପଥରପଦା ଓ ପାଣିକୋଇଲି ଆଦି ୧୦ଟି ପଞ୍ଚାୟତ ବନ୍ୟା ପ୍ଳାବିତ ଅଞ୍ଚଳ। ବନ୍ୟା କଥା ଶୁଣି ଏହି ଗ୍ରାମର ଲୋକେ ଭୟଭିତ ହେଲେଣି। ବନ୍ଦାଳ ପଞ୍ଚାୟତ ଏକ ପ୍ରକାର ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଥିବା ଖବର ମିଳିଛି। ବନ୍ୟାକୁ ଦୃଷ୍ଟିରେ ରଖି ବ୍ଲକ ପ୍ରଶାସନ ତରଫରୁ ତତ୍ପରତା ପ୍ରକାଶ ପାଇଛି। ବିଡିଓ ରଞ୍ଜନ କୁମାର ପରିଡ଼ାଙ୍କ ସହ ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ପରମେଶ୍ୱର ମଲ୍ଲିକ, ଉପାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଦାସ, ଅସନଝର ପଞ୍ଚାୟତ ସମିତିସଭ୍ୟ ଗୋଲଖ କୁମାର କର ଓ ଚତୁର୍ଭୁଜ ନାୟକ ପ୍ରମୁଖ ଅଞ୍ଚଳ ବୁଲି ସ୍ଥିତ ପରଖିଥିବା ସୂଚନା ମିଳିଛି।


ଗାଁରେ ବର୍ଷା ପାଣି ଜମି ରହିଛି।


ଗଛପଡ଼ି ରାସ୍ତା ଅବରୋଧ ହୋଇଛି।

## ଗଛପଡ଼ି ଘର ଭାଙ୍ଗିଲା, ସହାୟତା ଦାବି


ଅଗ୍ନିଶମ କର୍ମଚାରୀମାନେ ଗଛକାଟି ସଫା କରୁଛନ୍ତି।

ପାଣିକୋଇଲି, ୨।୮ (ବିକାଶ ମଲ୍ଲିକ):

ରାଜ୍ୟରେ ଲଗାଣ ବର୍ଷା କାରଣରୁ ବିଭିନ୍ନ ସ୍ଥାନ ଜଳାର୍ଣ୍ଣବହେବା ସହ ଗଛପଡ଼ି କୋରେଇ ବ୍ଲକ ପାଣିକୋଇଲି ପଞ୍ଚାୟତ ଖଜୁରିପୁର ଗ୍ରାମର ଦୈତାରି ମଲିକଙ୍କ ଘର ଭାଙ୍ଗିଛି। ମଙ୍ଗଳବାର ରାତିରେ ଏକ ବଡ଼ ଅଶ୍ୱତ୍ଥ ଗଛ ପଡ଼ିବାରୁ ତାଙ୍କର ଦୁଇ ବଖରା ଚାଳଘର ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି।

ଖବର ପାଇ ଯାଜପୁର ରୋଡ୍ ଓ ବୈତରଣୀ ରୋଡ୍ ଦମକଳ ବାହିନୀ ପହଞ୍ଚି ଗଛକାଟି ସଫା କରିଥିଲେ। ସରପଞ୍ଚ ପଦ୍ମାବତୀ ପଣ୍ଡା, ନାଏବ ସରପଞ୍ଚ ଦେବେନ୍ଦ୍ର କୁମାର ସ୍ୱାଇଁ, ପାଣିକୋଇଲି ରାଜସ୍ୱ ନିରୀକ୍ଷକ କିଶୋର ମଲ୍ଲିକ ଓ ଲୋକନାଥ ପଣ୍ଡା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ବିପନ୍ନ ପରିବାରକୁ ପାଲ ପ୍ରଦାନ କରିଛନ୍ତି। ଦୈତାରୀ ଗରୀବ ଶ୍ରେଣୀର ହୋଇଥିବାରୁ ତାଙ୍କୁ ସରକାରୀ ସହାୟତା ପ୍ରଦାନ ପାଇଁ ଦାବି ହୋଇଛି। ଅନ୍ୟପକ୍ଷରେ ଅଞ୍ଚଳର ବିଭିନ୍ନ ସ୍ଥାନରେ ଗଛ ଉପୁଡି ପଡିଛି। ଫଳରେ ରାସ୍ତା ମଧ୍ୟ ବନ୍ଦ ରହିଛି। ବର୍ଷାଯୋଗୁ ବଜାରଘାଟ ଶୂନଶାନ ରହିଛି। ଘରୁ ବାହାରି ପାରୁନାହାନ୍ତି ଲୋକେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନ ବିଜ୍ଞାନମେଳା

କାଏମା, ୨।୮ (ଶିବପ୍ରସାଦ ମହାନ୍ତି):

ଧର୍ମଶାଳା ବ୍ଲକ କାଏମା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଂଶତମ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଲକ୍ଷ୍ମୀନାରାୟଣ ଉଚ୍ଚ ବିଦ୍ୟାଳୟ ନାହଙ୍ଗାପାଟଣାର ପ୍ରଧାନ ଶିକ୍ଷୟିତ୍ରୀ ଭଞ୍ଜନା ସାହୁ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମେଳାରେ ୨୫୭ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବିଚାରକ ରୂପେ ବିଭିନ୍ନ ବିଦ୍ୟାଳୟରୁ ୬ ଜଣ ଶିକ୍ଷୟିତ୍ରୀଶିକ୍ଷକ ଯୋଗଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ରୀତାରାଣୀ ସ୍ୱାଇଁ, ସଭାପତି ପଦ୍ମନାଭ ସାହୁ, ପ୍ରାକ୍ତନ କୋଷାଧ୍ୟକ୍ଷ ବିଦ୍ୟାଧର ସାହୁ, ସମ୍ପାଦକ ଇଂ. ଚିତ୍ତରଞ୍ଜନ ମଲ୍ଲିକ, ସହସମ୍ପାଦକ ପ୍ରଶାନ୍ତ କୁମାର ରାଉତ, କୋଷାଧ୍ୟକ୍ଷ ସୁକାନ୍ତ କୁମାର ପଣ୍ଡା, କବିରପୁର ସଂକୁଳର ପୂର୍ବତନ ସଙ୍କୁଳ ପ୍ରମୁଖ ଧ୍ରୁବଚରଣ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ ହରିହର ପଣ୍ଡା ଯୋଗଦାନ କରି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଗୁରୁମାଗୁରୁଜୀ ଓ ସେବିକା ସହଯୋଗ କରିଥିଲେ।


ଜ୍ଞାନ ବିଜ୍ଞାନ ମେଳାରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

## ଯାଜପୁର-ଢେଙ୍କାନାଳ ଯୋଗାଯୋଗ ବିଚ୍ଛିନ୍ନ

- ଡମଶାଳ ନାଳରେ ପାଣି
- ଖଣିକୁ ଆସି ପାରିଲେନି କର୍ମଚାରୀ

କାଳିଆପାଣି, ୨।୮ (ଅସିତ ମହାନ୍ତ):

ଲଘୁଚାପ ଜନିତବର୍ଷା ଲାଗି ରହିଥିବାରୁ ଡମଶାଳ ନାଳରେ ପାଣିଆସି ୨ ଯାଜପୁର ଓ ଢେଙ୍କାନାଳ ଜିଲାକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ବହୁ ବର୍ଷ ପୂର୍ବରୁ ଡମଶାଳ ନାଳରେ ନିର୍ମାଣ ହୋଇଥିବା ପୋଲ ଭାଙ୍ଗି ଅସୁରକ୍ଷିତ ଅବସ୍ଥାରେ ରହିଥିବାବେଳେ ଦୁଇପଟ ସୁରକ୍ଷା ବାଡ଼ନାହିଁ। ବର୍ଷା ହୋଇ ନ ଥିବାବେଳେ ପଥଚାରୀ ଓ ଯାନବାହନ ଯାତାୟାତ ସୁରକ୍ଷିତ ନ ଥିଲା। ଏବେ ନାଳର ୨ କୁଳ ଖାଉଥିବାବେଳେ ପୋଲ ଉପରେ ୩ ଫୁଟ ପାଣି ଚାଲୁଛି। ମଙ୍ଗଳବାର ରାତିରୁ ଲଗାଣ ବର୍ଷା ଯୋଗୁ ଡମଶାଳ ନାଳର ଉତ୍ପତ୍ତିସ୍ଥଳ ମହାଗିରି ପାହାଡ଼ ପାଦଦେଶ କଅଁସ ପଞ୍ଚାୟତ ଟିକରପଡ଼ା ଅଞ୍ଚଳର ପାହାଡ଼ରୁ ପାଣି ସହ ବିଭିନ୍ନ ଖଣି ଡମ୍ଫର ପଟୁ ମିଶା ପାଣି ନାଳରେ ଆସୁଛି। ଫଳରେ ଡମଶାଳ ନାଳ ଦେଇ ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। କାଳିଆପାଣି ଅଞ୍ଚଳରୁ ଢେଙ୍କାନାଳ ଓ କେନ୍ଦୁଝର ଅଞ୍ଚଳକୁ ସେହି ରାସ୍ତା ଦେଇ ଅନେକ ବସ୍ ଯାତାୟାତ କରିଥାଏ। ସେହିପରି କାଠପାଳ, ଡଙ୍ଗାପାଳ, ମରୁଆବିଲ, କୁଚିଡ଼ାବାଙ୍କ, ସେଣ୍ଡସର, ବିରାଶାଳ, ଭାଲୁଟାଙ୍ଗର, ବନ୍ଦାଣିଆ, କୁସୁମଘୁଟ ଓ ବାଟଗାଁର ଲୋକେ କାଳିଆପାଣି ଖଣି ଅଞ୍ଚଳରେ କାର୍ଯ୍ୟ କରୁଛନ୍ତି। ହେଲେ ବର୍ଷା ପାଣି ନାଳ ପୋଲ ଉପରେ ଚାଲିବାରୁ ଖଣି କାର୍ଯ୍ୟରେ କେହି ପହଞ୍ଚି ପାରିନାହାନ୍ତି। ବେଦାନ୍ତ ଫେକର କମ୍ପାନୀର କଲୋନୀ କାଠପାଳରେ ରହିଥିବାବେଳେ ଖଣି ଓସ୍ତପାଳ, କଳରଙ୍ଗୀରେ ରହିଛି। ସେ ଖଣିର କୌଣସି କର୍ମଚାରୀ କାର୍ଯ୍ୟ କରିବା ପାଇଁ ଯାଇପାରିନାହାନ୍ତି। ଫଳରେ ଖଣି ସହ ଅତ୍ୟାବଶ୍ୟକ କାର୍ଯ୍ୟ ପ୍ରଭାବିତ ହୋଇଛି। ଦୀର୍ଘଦିନ ହେବ ଅଞ୍ଚଳ ଲୋକେ ଡମଶାଳ ନାଳଉପରେ ଏକ ସେତୁ ନିର୍ମାଣ କରିବାକୁ ଦାବି କରି ଆସୁଥିଲେ ମଧ୍ୟ ତାହା ହୋଇପାରୁନାହିଁ। ପ୍ରଶାସନ ଓ ରାଜନେତାଙ୍କ ଆନ୍ତରିକତା ଅଭାବରୁ ପୋଲ ହୋଇପାରୁ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ତେଣୁ ଜିଲା ପ୍ରଶାସନ ତୁରନ୍ତ ପଦକ୍ଷେପ ନେଇ ସେତୁ ନିର୍ମାଣ କରିବାକୁ ଦାବି ହୋଇଛି।


ଡମଶାଳ ନାଳରେ ପାଣି ସୁଅ ଛୁଟୁଛି।

**ଅଙ୍ଗନୱାଡି କେନ୍ଦ୍ରରୁ ଚୋରି**

**କୁଜଙ୍ଗ,(ମନୋଜ ପ୍ରଧାନ) :** ଅଭୟଚାନ୍ଦପୁର ଥାନା ଅନ୍ତର୍ଗତ ନୂଆଗାଁ ମଝିସାହିସ୍ଥିତ ଅଙ୍ଗନୱାଡି କେନ୍ଦ୍ରର ତାଲା ଭାଙ୍ଗି ମଙ୍ଗଳବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ସମସ୍ତ ଜିନିଷ ଚୋରି କରି ନେଇଛନ୍ତି। ଏ ନେଇ ଅଙ୍ଗନୱାଡ଼ି କେନ୍ଦ୍ରର କର୍ମୀ ମିନାର୍ଭା ରାୟ ବୁଧବାର ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ନଂ.୨୨୭/୨୩ରେ ମାମଲା ରୁଜୁ କରିଛି। ପୋଲିସ ଘଟଣାସ୍ଥଳକୁ ଯାଇ ଛାନ୍‌ଭିନ କରିବା ସାଙ୍ଗକୁ ଅପରାହ୍ନରେ ସନ୍ଧାନୀ କୁକୁରକୁ ଘଟଣାସ୍ଥଳକୁ ନିଆଯାଇ ତଦନ୍ତ କରି ଫେରିଥିବା ସବ୍ ଇନ୍ସପେକ୍ଟର ଶୁଭ୍ରଜିତ ଦାସ କହିଛନ୍ତି।

## ସଂକ୍ଷେପରେ

### ମହିଳାଙ୍କୁ ବଳାତ୍କାର: ଅଭିଯୁକ୍ତ ଜେଲ ଗଲେ

**କୁଜଙ୍ଗ,୨।୮(ମନୋଜ ପ୍ରଧାନ):** କୁଜଙ୍ଗ ଥାନା ଅଞ୍ଚଳରେ ଜଣେ ବିବାହିତା ମହିଳାଙ୍କୁ ବଳାତ୍କାର ଅଭିଯୋଗରେ ଅଭିଯୁକ୍ତଙ୍କୁ ଗିରଫ ପରେ ବୁଧବାର କୋର୍ଟ ଚାଲାଣ କରାଯାଇଥିଲା। କୋର୍ଟରେ ତାଙ୍କ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୀଡ଼ିତାଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ. ୩୭୧/୨୩ରେ ମାମଲା ରୁଜୁ କରିଥିଲା।

### ପାରାଦୀପ: ୩୦ ଘଣ୍ଟା ବିଏସ୍‌ଏନ୍‌ଏଲ୍ ସେବା ଅଚଳ

**ପାରାଦୀପ,୨।୮(ଶରତ ରାଉତ)**

ପାରାଦୀପ ବନ୍ଦର ସହର ଓ କୁଜଙ୍ଗ ଅଞ୍ଚଳରେ ମଙ୍ଗଳବାର ସକାଳ ୬ ଟାରୁ ବୁଧବାର ମଧ୍ୟାହ୍ନ ପର୍ଯ୍ୟନ୍ତ ବିଏସ୍‌ଏନ୍‌ଏଲ ସେବା ସମ୍ପୂର୍ଣ୍ଣ ଅଚଳ ହୋଇଥିଲା। ଏହି ସମୟରେ ଉପଭୋକ୍ତା, ବ୍ୟାଙ୍କ, ଡାକଘର ସମେତ ଅନେକ ସରକାରୀ ଓ ବେସରକାରୀ ଅଫିସରେ ଲୋକେ ହନ୍ତସନ୍ତ ହୋଇଥିଲେ। ଏଭଳି ସମସ୍ୟା ସମ୍ପର୍କରେ ବଡ଼ପଡ଼ିଆଠାରେ ଥିବା ବିଏସ୍‌ଏନ୍‌ଏଲ ଅଫିସକୁ ଲୋକମାନେ ଯାଇଥିଲେ ହେଁ ସେଠାରେ କେହି ନ ଥିଲେ। ଏ ସମ୍ପର୍କରେ କଟକ ମଣ୍ଡଳ ଡିଜିଏମ୍ (ଡେପୁଟି ଜେନେରାଲ ମ୍ୟାନେଜର)ରାଜେନ୍ଦ୍ର ବେହେରାଙ୍କୁ ବୁଧବାର ଅପରାହ୍ନରେ ପଚାରିବାରେ କେନ୍ଦ୍ରାପଡ଼ା-ଜଗତ୍‌ସିଂହପୁର ଜିଲାର ଅଧିକାଂଶ ସ୍ଥାନରେ ଏଭଳି ଘଟିଥିଲା। ଆମର ପିଲାମାନେ ଯାଇ କାମ କରି ସଜାଡିଛନ୍ତି। ବର୍ଷା ଯୋଗୁ ଲାଇନ୍ ସଂଯୋଗ ବିଳମ୍ବ ହୋଇଥିଲା। ବିଏସ୍‌ଏନ୍‌ଏଲ ଅଫିସରେ କର୍ମଚାରୀ ନ ରହିବା ସମ୍ପର୍କରେ କହିଥିଲେ ସେଠାରେ ଜଣେ ଜେଟିଓ ଅଛନ୍ତି। ସେ ଫିଲ୍ଡକୁ ଗଲେ ଅଫିସ ଖାଲି ରହୁଛି।

### ଛାତ୍ରୀଛାତ୍ରଙ୍କ ପାଇଁ ନୈତିକ ଶିକ୍ଷା ଗୁରୁତ୍ୱପୂର୍ଣ୍ଣ

**ଏରସମା,୨।୮(ଦୀପ୍ତି ରଞ୍ଜନ ଖଣ୍ଡୁଆଳ)**

ଏରସମା ବ୍ଲକ ଅନ୍ତର୍ଗତ କୃଷ୍ଣଚନ୍ଦ୍ରପୁର ପଞ୍ଚାୟତସ୍ଥିତ ଶ୍ରୀଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟରେ ନୂତନ ଛାତ୍ରୀଛାତ୍ରଙ୍କ ପ୍ରବେଶ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶ ଅନୁସାରେ ମହାବିଦ୍ୟାଳୟ ପକ୍ଷରୁ ଏହି ଅବସରରେ ଯୁକ୍ତ ୨ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷାର ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଇଥିଲା। ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଅଶୋକ କୁମାର ଗିରି ସଭାପତିତ୍ୱ କରି କହିଥିଲେ, ପ୍ରତ୍ୟେକଛାତ୍ରୀଛାତ୍ରଙ୍କ ପାଇଁ ପାଠ ପଢା ସହିତ ନୈତିକ ଶିକ୍ଷା ଗୁରୁତ୍ୱପୂର୍ଣ୍ଣ। ସଭାରେ ଆଶୋକ କୁମାର ସାମଲ, ବିଭୁରଞ୍ଜନ ଦାସ, ଚିତରଞ୍ଜନ ମହାପାତ୍ର, ସଞ୍ଜୟ କୁମାର ବିଶ୍ୱାଳ, ଶିବ ସୁନ୍ଦର ମୁଦୁଲି, ତିଥି ରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ଶିକ୍ଷା ବିଭାଗ ଚୁପ୍: ପିଲାଙ୍କ ଭବିଷ୍ୟତ ସହ ଖେଳ

**ରଘୁନାଥପୁର,୨।୮ (ରାଜେନ୍ଦ୍ର ନାରାୟଣ ସିଂହ)**

- ମହେଶ୍ୱର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଜୟପୁର
- ଶିକ୍ଷୟିତ୍ରୀଙ୍କ ଡେପୁଟେଶନ ବାତିଲ ଘଟଣା
- ୮ ଦିନ ଧରି ସ୍କୁଲକୁ ଆସୁନାହାନ୍ତି ଛାତ୍ରୀଛାତ୍ର
- ଅଭିଭାବକ ଜିଦ୍‌ରେ ଅଟଳ




ବିଦ୍ୟାଳୟ ଖୋଲାଥିବାବେଳେ ଛାତ୍ରୀଛାତ୍ରମାନେ ଆସୁନଥିବାରୁ ଶ୍ରେଣୀଗୃହ ଖାଲି ପଡିଛି।

ଜଗତ୍‌ସିଂହପୁର ଜିଲା ରଘୁନାଥପୁର ମଣ୍ଡଳ ଶିକ୍ଷାଧିକାରୀଙ୍କ ଅଧୀନରେ ଥିବା ଛପଡ଼ା ପଞ୍ଚାୟତ ଜଇପୁରସ୍ଥିତ ମହେଶ୍ୱର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ସରସ୍ୱତୀ ଶାସମଲଙ୍କ ଡେପୁଟେଶନ ବାତିଲ ଦାବି ଘଟଣାକୁ ୮ ଦିନ ବିତିଲା। ଅଦ୍ୟାବଧି ଅଭିଭାବକମାନେ ନିଜ ଜିଦରେ ଅଟଳ ରହିଥିବାବେଳେ ଜଣେ ହେଲେ ବି ଛାତ୍ରୀଛାତ୍ର ସ୍କୁଲକୁ ଆସୁନାହାନ୍ତି। କେବଳ ଶିକ୍ଷୟିତ୍ରୀଶିକ୍ଷକମାନେ ସ୍କୁଲକୁ ଆସି ବସିବସି ଯିବା ସାର ହେଉଛି। ଅପରପକ୍ଷେ ଏଭଳି ସ୍ପର୍ଶକାତର ଘଟଣାରେ ଜଗତ୍‌ସିଂହପୁର ଜିଲା ଓ ରଘୁନାଥପୁର ମଣ୍ଡଳ ଶିକ୍ଷା ବିଭାଗ ଚୁପ ରହିଥିବା ବେଳେ ପିଲାଙ୍କ ପାଠ ପଢାରେ ଡୋରି ବନ୍ଧା ହୋଇଛି। ସେମାନଙ୍କ ଭବିଷ୍ୟତ ସହ ଖେଳ ଖେଳାଯାଉଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଅନ୍ୟପକ୍ଷେ ଏକ କ୍ଲଷ୍ଟର ସ୍କୁଲରେ ଏତେଦିନ ପିଲାମାନେ ପଢ଼ିବାକୁ ଆସୁ ନ ଥିବା ବେଳେ ଏହାର ସମାଧାନ କରିବାକୁ କିହିଁକି ଶିକ୍ଷା ବିଭାଗର କର୍ମଚାରୀ ଆଗଭର ହେଉନାହାନ୍ତି ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।

ତୃଣମୂଳ ସ୍ତରରୁ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ସ୍କୁଲରେ ଶତପ୍ରତିଶତ ଉପସ୍ଥାନ ପାଇଁ ପରିଚାଳନା କମିଟି ଓ ଅଭିଭାବକ ଶିକ୍ଷକ କମିଟି ଜରିଆରେ ସଚେତନତା ସୃଷ୍ଟି କରୁଛନ୍ତି। ଏହାଛଡା ପିଲା ଯେପରି ପ୍ରତିଦିନ ସ୍କୁଲ ଆସିବେ ସେଥିପାଇଁ ମଧ୍ୟାହ୍ନଭୋଜନ, ପୋଷାକ ଯୋଗାଇବା ସହ ବିଭିନ୍ନ ପ୍ରକାର ଖେଳ ସାମଗ୍ରୀ ଯୋଗାଇ ଦେଇଛନ୍ତି। ଉକ୍ତ ଘଟଣାକୁ ନେଇ ଛାତ୍ରୀଛାତ୍ରମାନେ ବିଦ୍ୟାଳୟକୁ ନ ଆସିବା ଏବଂ ଶିକ୍ଷା ବିଭାଗ ଏହାକୁ ଗୁରୁତର ସହ ନ ନେବା ଯାହାକି ପ୍ରଶାସନର ପାରିବାପଣିଆ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଛି। ଡେପୁଟେଶନରେ ଯାଇଥିବା ଶିକ୍ଷୟିତ୍ରୀ ଏହି ବିଦ୍ୟାଳୟକୁ ଆସିବା ବର୍ଷେ ହୋଇ ନ ଥିବାବେଳେ ପୁଣି ଅନ୍ୟତ୍ର ଡେପୁଟେଶନରେ ପଠାଯିବା ନେଇ ପରିଚାଳନା କମିଟି ଆପତ୍ତି ଉଠାଇଛି। ଗତ ଶନିବାର ଜିଲାପାଳ ପାରୁଲ ପଟୱାରୀ ଆରଡିସିଙ୍କ ସହ ରେଢୁଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିବା ବେଳେ ଅଭିଭାବକ ଓ ପରିଚାଳନା କମିଟି ସଦସ୍ୟମାନେ ତାଙ୍କୁ ଭେଟି ଲିଖିତ ଭାବେ ଜଣାଇଥିଲେ। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବା ପାଇଁ ଅଞ୍ଚଳର ବୁଦ୍ଧିଜୀବୀଙ୍କ ପକ୍ଷରୁ ଅନୁରୋଧ କରାଯାଇଛି। ଏ ସମ୍ପର୍କରେ ବିଇଓ ବିଜୟ କୁମାର ସ୍ୱାଇଁଙ୍କୁ ପଚାରିବାରେ ଅଭିଭାବକଙ୍କୁ ବୁଝେଇବା ପରେ ବି ସେମାନେ ନିଜ ପିଲାଙ୍କ ପାଠପଢ଼ା କଥା ଚିନ୍ତା କରୁନାହାନ୍ତି। ଶିକ୍ଷକମାନେ ପିଲାଙ୍କ ଘରକୁ ଯାଇ ବୁଝାବୁଝି କରି ସ୍କୁଲ ଆସିବା ପାଇଁ ଉଦ୍ୟମ କରିବେ ବୋଲି ସେ କହିଥିଲେ। ଶିକ୍ଷକମାନେ ପିଲାଙ୍କ ଘରକୁ ଯାଇ ଅଭିଭାବକଙ୍କୁ ବୁଝାବୁଝି କରିଥିଲେ ବି ସେମାନେ ଶିକ୍ଷୟିତ୍ରୀଙ୍କ ଡେପୁଟେଶନ ବାତିଲ ନ ହେବା ପର୍ଯ୍ୟନ୍ତ ପିଲାଙ୍କୁ ସ୍କୁଲକୁ ପଠାଇବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ଅନ୍ୟପକ୍ଷେ ପିଲାଙ୍କ ଟିସି ଆଣି ଅନ୍ୟତ୍ର ପଢ଼ାଇବା ସମ୍ପର୍କରେ ପରିଚାଳନା କମିଟି ସଭାପତି ପ୍ରତାପ କୁମାର ସ୍ୱାଇଁ ପ୍ରକାଶ କରିଛନ୍ତି।

# ମହିଳାଙ୍କୁ ଡାହାଣୀ ଆଖ୍ୟା ଦେବା ଯନ୍ତ୍ରଣାଦାୟକ




ଆଲୋଚନାଚକ୍ରରେ ରାଜ୍ୟ ମହିଳା ଆୟୋଗ ଅଧ୍ୟକ୍ଷା ମିନତୀ ବେହେରା ଓ ଅନ୍ୟମାନେ।

**ଜଗତ୍‌ସିଂହପୁର, ୨।୮ (ପ୍ରମୋଦ କୁମାର ନାୟକ)**

- ଡାହାଣୀ ଚିହ୍ନଟରୁ ମହିଳାଙ୍କ ସୁରକ୍ଷା ଶୀର୍ଷକ ଆଲୋଚନାଚକ୍ର
- ବିଜ୍ଞାନ ଭିତ୍ତିକ ଚିନ୍ତାଧାରା ଏହି ବିଷ ବୃକ୍ଷର ବିନାଶ କରିପାରିବ

ଏକ ସୁସ୍ଥ ଓ ଉନ୍ନତ ସମାଜ ଗଠନ ପାଇଁ ମହିଳାପୁରୁଷଙ୍କ ସହଭାଗିତା ରହିଛି। ମାତ୍ର ନାରୀଙ୍କ ଅସ୍ତିତ୍ୱକୁ ଅନେକ ସମୟରେ ଉପେକ୍ଷା କରାଯାଉଛି। ସମାଜରେ ପ୍ରଚଳିତ ବିଭିନ୍ନ କୁସଂସ୍କାର ଓ ଅନ୍ଧବିଶ୍ୱାସ ଏଥିପାଇଁ ଦାୟୀ। ଏପରିକି ଅନେକ ସ୍ଥାନରେ ମହିଳାମାନଙ୍କୁ ତଥାକଥିତ ଡାହାଣୀର ଆଖ୍ୟା ଦିଆଯାଉଛି। ଏପରି କରାଯାଉଛି ଯାହାଦ୍ୱାରା ସେମାନେ ମୁଖ୍ୟ ସ୍ରୋତରୁ ବଞ୍ଚିତ ହୋଇଯାଉଛନ୍ତି। ଆଧୁନିକ ସମାଜରେ ଲୋକଙ୍କ ଭିତରେ ଥିବା ଏଭଳି ଘୃଣ୍ୟ ମାନସିକତା ଚିନ୍ତାର କାରଣ ହୋଇଛି। ଜାତୀୟ ମହିଳା ଓ ରାଜ୍ୟ ମହିଳା ଆୟୋଗଙ୍କ ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ଡାହାଣୀ ଚିହ୍ନଟରୁ ମହିଳାଙ୍କ ସୁରକ୍ଷା ଶୀର୍ଷକ ଆଲୋଚନାଚକ୍ରରେ ପୌରୋହିତ୍ୟ କରି ରାଜ୍ୟ ମହିଳା ଆୟୋଗ ଅଧ୍ୟକ୍ଷା ମିନତି ବେହେରା ଏହା କହିଛନ୍ତି। ଏହି ଅବସରରେ ସେ ଘରୋଇ ହିଂସାର କାରଣ, ନିରାକରଣ ଏବଂ ବିଭିନ୍ନ ଆଇନ ସୁରକ୍ଷା ଦିଗ ଉପରେ ଆଲୋଚନା କରିଥିଲେ। ପରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆକ୍ସନ୍ ଏଡ୍‌ର କାର୍ଯ୍ୟାନୁଷ୍ଠାନ ଅଧିକାରୀ ଘାସିରାମ ପଣ୍ଡା ଏହାର ମାରାତ୍ମକ ଦିଗ ଉପରେ ତଥ୍ୟ ଭିତ୍ତିକ ଆଲୋଚନା କରିଥିଲେ। ବିଶେଷ କରି ବିଜ୍ଞାନ ଭିତ୍ତିକ ଚିନ୍ତାଧାରା ଏବଂ ସାମାଜିକ ସଚେତନତା ଦ୍ୱାରା ହିଁ ଏହି ବିଷ ବୃକ୍ଷର ବିନାଶ କରିବା ସମ୍ଭବ। ଓଡ଼ିଶା ପ୍ରିଭେନ୍ସନ୍ ଅଫ ୱିଚ୍ ହଣ୍ଟିଂ ଆକ୍ଟ ୨୦୧୩ ଅନୁପାଳନ ପୂର୍ବକ ଜିଲାର ଏ ସଂକ୍ରାନ୍ତୀୟ ମାମଲାଗୁଡିକ ଉପରେ ଯଥାଶୀଘ୍ର ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ଆୟୋଗର ରିସୋର୍ସପର୍ସନ ଏନ୍. ଟୁନା ସାହୁ ସମ୍ପ୍ରତି ଦେଖା ଦେଇଥିବା ସାଇବର କ୍ରାଇମଠାରୁ ସୁରକ୍ଷିତ ରହିବା ଉପରେ ଗୁରୁତ୍ୱ ଦେଇଥିଲେ। ଏଥିସହ ଅନଲାଇନ୍ କ୍ରୟବିକ୍ରୟ, ବ୍ୟାଙ୍କ ଆକାଉଣ୍ଟ ସମ୍ବନ୍ଧରେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଉପସ୍ଥାପନ କରିବା ସହ ଠକାମିର ଶିକାର ହେଲେ ଟୋଲ ଫ୍ରି ନମ୍ବର ୭୫୪୦୦୦୬୭୦୯ରେ ଯୋଗାଯୋଗ କରିବାକୁ ପରାମର୍ଶ ଦେଇଥିଲେ। ପୂର୍ବତନ ଅତିରିକ୍ତ ଏସ୍‌ପି ତଥା ମହିଳା କମିଶନ ସଦସ୍ୟ ବିଜୟ ବରୁଆ ଡାହାଣୀ ଭୟ ଉପରେ ମତପ୍ରକାଶ କରିଥିଲେ। ଜିଲାସ୍ତରୀୟ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭାପତି ମନୋଜ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲାକୁ ଏକ କୁସଂସ୍କାର ଓ ଅନ୍ଧବିଶ୍ୱାସରୁ ଦୂର କରି ଉନ୍ନତ ଜିଲାରେ ପରିଣତ କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଜଗତ୍‌ସିଂହପୁର ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂହ, ବିରିଡି ବ୍ଲକ ଅଧ୍ୟକ୍ଷା ମମତା ପାତ୍ର, ଜିଲା ପରିଷଦର ଅମିତା ସ୍ୱାଇଁ, ଡଳି ପଣ୍ଡା ପ୍ରମୁଖ ନିଜ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏହି ଆଲୋଚନାଚକ୍ରରେ ଜିଲାର ବିଭିନ୍ନ ସରକାରୀ ଓ ବେସରକାରୀ ସଂସ୍ଥାର ଅଧିକାରୀ, ମିଶନ ଶକ୍ତି ଗୋଷ୍ଠୀର ମହିଳା, ନର୍ସିଂ ଛାତ୍ରୀ ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଜିଲା ସମାଜ ମଙ୍ଗଳ ଅଧିକାରିଣୀ ନମିତା ରାଉତ ଅତିଥି ପରିଚୟ ଓ ଜିଲା ସମାଜ ମଙ୍ଗଳ ଅଧିକାରିଣୀ ଅଂଶୁପା ସାହୁ ଧନ୍ୟବାଦ ଦେଇଥିଲେ।

# ଶ୍ରୀଅନନ୍ତ ହରି ଜଗନ୍ନାଥ ଜୀଉ ମଠ ଟ୍ରଷ୍ଟ ଗଠନ

**କୁଜଙ୍ଗ ୨।୮ (ମନୋଜ ପ୍ରଧାନ)**

କୁଜଙ୍ଗ ତହସିଲ ମହ୍ଲାସାହି ଅନ୍ତର୍ଗତ ଶ୍ରୀଅନନ୍ତ ହରି ଜଗନ୍ନାଥ ଜୀଉ ମଠ ଟ୍ରଷ୍ଟ ବୋର୍ଡ ସରକାରଙ୍କ ସମସ୍ତ ନୀତି ନିୟମ ଅନୁଯାୟୀ ଗଠନ କରାଯାଇଛି। ମାତ୍ର କେତେଜଣ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଟ୍ରଷ୍ଟ ବୋର୍ଡ ଗଠନ ଅବୈଧ ବୋଲି ଯେଉଁ ଅଭିଯୋଗ ଆଣିଛନ୍ତି ତାହା ଅମୂଳକ ବୋଲି ଟ୍ରଷ୍ଟ ବୋର୍ଡର ମ୍ୟାନେଜିଂ ଟ୍ରଷ୍ଟି ଶ୍ରୀବଲ୍ଲଭ ପାଣି ଏକ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ଜଣାଇଛନ୍ତି। ସେ କହିଛନ୍ତି ଯେ, ମହନ୍ତ ପ୍ରଫୁଲ୍ଲ ଦାସଙ୍କୁ ଦେବୋତ୍ତର ବିଭାଗ ୨୦୨୧ ଏପ୍ରିଲ ୨୮ରେ ବଂଶାନୁକ୍ରମିକ ଟ୍ରଷ୍ଟି ଭାବେ ସ୍ୱୀକୃତି ପ୍ରଦାନ କରିଥିଲେ। ପରବର୍ତ୍ତୀ ସମୟରେ ମହନ୍ତ ପ୍ରଫୁଲ୍ଲ ଦାସ ପକ୍ଷାଘାତ ଓ ମସ୍ତିଷ୍କାଘାତର ଶିକାର ହୋଇ ଶାରୀରିକ ଭାବେ ଅକର୍ମଣ୍ୟ ହୋଇ ପଡ଼ିଥିଲେ। ଫଳରେ ମଠର ନୀତିକାନ୍ତି ଓ ରକ୍ଷଣାବେକ୍ଷଣ ତାଙ୍କ ପକ୍ଷେ ଅସମ୍ଭବ ଦର୍ଶାଇ ୨୦୨୨ ଜୁନ ୨୭ରେ ଏ ନେଇ ଦେବୋତ୍ତର ବିଭାଗକୁ ଜଣାଇବା ସହ ଏକ ନୂତନ ଟ୍ରଷ୍ଟ ବୋର୍ଡ ଗଠନ ନିମନ୍ତେ ଅନୁରୋଧ କରିବା ସାଙ୍ଗକୁ ଏକ ୧୧ ଜଣିଆ ସଭ୍ୟଙ୍କ ତାଲିକା ପଠାଇ ଥିଲେ। ଉକ୍ତ ତାଲିକାକୁ ଭିତ୍ତିକରି ୨୦୨୩ ଜୁନ ୨୪ରେ ଦେବୋତ୍ତର ବିଭାଗ ଟ୍ରଷ୍ଟ ବୋର୍ଡକୁ ଅନୁମୋଦନ କରିଥିଲେ। ସେହି ଅନୁଯାୟୀ ଜୁନ ୩୦ରେ ଟ୍ରଷ୍ଟ ବୋର୍ଡର ସଭ୍ୟମାନେ ବସି ଆଲୋଚନା ମାଧ୍ୟମରେ ଶ୍ରୀବଲ୍ଲଭ ପାଣିଙ୍କୁ ମ୍ୟାନେଜିଂ ଟ୍ରଷ୍ଟି ରୂପେ ମନୋନୀତ କରିଛନ୍ତି। କିନ୍ତୁ ମହ୍ଲାସାହି ସରପଞ୍ଚଙ୍କ ସମେତ କେତେଜଣ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ମଠର ଉନ୍ନୟନ ପାଇଁ ଆସିଥିବା ସରକାରୀ ଅନୁଦାନକୁ ଠିକାଦାରି କରିବା ଉଦ୍ଦେଶ୍ୟରେ ନବଗଠିତ ଅନ୍ତରୀଣ ଟ୍ରଷ୍ଟ ବୋର୍ଡକୁ ବିରୋଧ କରୁଥିବା ଟ୍ରଷ୍ଟି ପାଣି କହିଛନ୍ତି। ସେ ଆହୁରି କହିଛନ୍ତି, ଯେଉଁମାନେ ମଠର ଦୁର୍ଦ୍ଦିନ ସମୟରେ ଥରୁଟିଏ ପହଞ୍ଚି ନାହାନ୍ତି ସେହିମାନେ ହିଁ ବିରୋଧ କରୁଛନ୍ତି। ତେଣୁ ମଠର ସୁପରିଚାଳନା ପାଇଁ ଅଞ୍ଚଳବାସୀଙ୍କ ସହଯୋଗ କାମନା କରିଛନ୍ତି। ଏ ସମ୍ପର୍କରେ ମହ୍ଲାସାହି ସରପଞ୍ଚ ଧ୍ରୁବଚରଣ ନାୟକଙ୍କୁ ପଚାରିବାରେ ଲୁଚା ଛପା ଟ୍ରଷ୍ଟ ବୋର୍ଡ ଗଠନକୁ ସେ ବିରୋଧ କରିଛନ୍ତି। ତାଙ୍କର ଠିକାଦାରି ଲାଇସେନ୍ସ ନାହିଁ କି ଠିକାଦାରି କରିବାର ପ୍ରୟାସ ନାହିଁ। ଯେତେବେଳେ ସେ ସରପଞ୍ଚ ଭାବେ ନିର୍ବାଚିତ ହେଲେ ସେବେଠାରୁ ମଠର ଭଲ ମନ୍ଦ ବିଷୟରେ ମହନ୍ତଙ୍କ ସହ ଆଲୋଚନା କରନ୍ତି। ଅନ୍ୟମାନେ କିଏ ସେ ଜାଣନ୍ତି ନାହିଁ ବୋଲି ସେ କହିଛନ୍ତି।



# ଏଏମ୍‌ଏନ୍‌ଏସ୍ ପରିସରରେ ମକ୍ ଡ୍ରିଲ୍



ମକ୍ ଡ୍ରିଲ୍ କାର୍ଯ୍ୟକ୍ରମରେ ସାମିଲ୍ ହୋଇଥିବା ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

**ପାରାଦୀପ, ୨।୮(ଶରତ ରାଉତ)**

ପାରାଦୀପର ଏଏମ୍‌ଏନ୍‌ଏସ୍ (ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ)କମ୍ପାନୀ ପରିସରରେ ସୁରକ୍ଷା ନିରାପତ୍ତା ସମ୍ବନ୍ଧୀୟ ମକ୍ ଡ୍ରିଲ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ପାରାଦୀପ ବନ୍ଦର ସମେତ ଇଫ୍‌କୋ, ପିପିଏଲ, ତୈଳ ବିଶୋଧନାଗାର ଆଦି କମ୍ପାନୀ ସୁରକ୍ଷା ଟିମ୍ ଭାଗ ନେଇଥିଲେ। ଜଗତ୍‌ସିଂହପୁର ଉପଜିଲାପାଳ ସନ୍ଧ୍ୟା ସମର୍ଥଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କାରଖାନା ବାଷ୍ପିତ ବିଭାଗର ଉପନିର୍ଦ୍ଦେଶକ ମନୋଜ କୁମାର ପଣ୍ଡା, ସହକାରୀ ନିର୍ଦ୍ଦେଶକ ଚନ୍ଦ୍ରକାନ୍ତ ଦଳେଇ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ ଅଧିକାରୀ ପୁଷ୍କର ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। କମ୍ପାନୀ ବରିଷ୍ଠ ଅଧିକାରୀ ସଞ୍ଜୀବ କୁମାର ମୁଦୁଲି, ସରୋଜ ପଟ୍ଟନାୟକ, ହରିପ୍ରସାଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପାୱାର ପ୍ଲାଣ୍ଟ ଜି ଟି ୨ଠାରେ ଆଗ୍ନିକ ଦୁର୍ଘଟଣା ଓ ଏହାର ନିୟନ୍ତ୍ରଣ ଉପରେ ମକ୍ ଡ୍ରିଲ ହୋଇଥିଲା।

# ୧୬ବର୍ଷ ହେଲା କ୍ଲବ ଘରେ ଚାଲିଛି ସ୍କୁଲ

**ପାରାଦୀପ,୨।୮(ଶରତ ରାଉତ)**

- ଲୋକନାଥ କଲୋନି ପ୍ରାଥମିକ ବିଦ୍ୟାଳୟ
- ଗୋଟିଏ କକ୍ଷରେ ପ୍ରଥମରୁ ପଞ୍ଚମ ପାଠପଢା ଯାଉଛି
- ମଧ୍ୟାହ୍ନଭୋଜନ ପରେ ପିଲା ଆସନ୍ତି ନାହିଁ
- ୧୦୦ ପିଲାଙ୍କ ପାଇଁ ୪ ଶିକ୍ଷୟିତ୍ରୀଶିକ୍ଷକ

ଓଡ଼ିଶାର ଅର୍ଥନୈତିକ ମୁଖଶାଳା କୁହାଯାଉଥିବା ପାରାଦୀପ ବନ୍ଦର ସହରରେ ସରକାରୀ ଶିକ୍ଷା ବ୍ୟବସ୍ଥା ଏବେ ଅଧୋଗତି ହେବାରେ ଲାଗିଛି। ୧୨ଟି ସରକାରୀ ବିଦ୍ୟାଳୟ ମଧ୍ୟରୁ ହାତଗଣତି ୩ଟିରେ ଏକାଧିକବାର ମରାମତି, ରୂପାନ୍ତରଣ, ସୌନ୍ଦର୍ଯ୍ୟକରଣ ହେଉଥିବାବେଳେ ଅନ୍ୟଗୁଡିକ ଦୟନୀୟ ଅବସ୍ଥାରେ ଚାଲିଛି। ସେଥିମଧ୍ୟରୁ ଅନ୍ୟତମ ହେଲା ପାରାଦୀପ ପୌରପାଳିକା ୮ ନଂ. ୱାର୍ଡ ଅନ୍ତର୍ଗତ ଲୋକନାଥ କଲୋନୀ ପ୍ରାଥମିକ ବିଦ୍ୟାଳୟ। ୨୦୦୮ରେ ସର୍ବଶିକ୍ଷା ଯୋଜନାରେ ଏହି ବିଦ୍ୟାଳୟ ଆରମ୍ଭ ହୋଇଥିଲା। ଏହା ମଧ୍ୟରେ ୧୬ ବର୍ଷ ହେଲାଣି। ଏପର୍ଯ୍ୟନ୍ତ ବିଦ୍ୟାଳୟ ପାଇଁ ନିଜସ୍ୱ ଘର ନାହିଁ। ପାଠପଢା ହେଉଛି ଲୋକନାଥ କଲୋନୀରେ ଥିବା ଜଗତଜନନୀ କ୍ଲବ ଘରେ। ଶିକ୍ଷୟିତ୍ରୀଶିକ୍ଷକ ବସନ୍ତି ପାଖରେ ଥିବା ପୌରପାଳିକା ୱାର୍ଡ ଅଫିସରେ। ଗୋଟିଏ କକ୍ଷ ମଧ୍ୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଶହେ ପିଲା ବସନ୍ତି। ସେହି କକ୍ଷରେ ପାଠପଢା ଚାଲିଛି। ବିଦ୍ୟାଳୟରେ ୪ ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନିଯୁକ୍ତ ମିଳିଛି। ଅର୍ଥାତ ପ୍ରଥମ ଶ୍ରେଣୀ ପିଲାଙ୍କୁ ଯେତେବେଳେ ପଢାଯାଏ ତାକୁ ସବୁ ପିଲା ଶୁଣନ୍ତି। ସେହିପରି ସବୁ ଶ୍ରେଣୀର ପାଠପଢା ଚାଲୁଛି। ଭୌଗୋଳିକ ସ୍ଥିତି ହେଲା ପ୍ରଥମେ ଜଗତଜନନୀ କ୍ଲବ ଘର, ପାଖକୁ ରହିଛି ଗୋଷ୍ଠୀ ଶୌଚାଳୟ, ତା' ପର ୱାର୍ଡ ଅଫିସ ଗୃହ। କ୍ଲବ ଘରେ ପିଲାଙ୍କ ପାଠପଢା ପରେ ମହିଳା ସମିତି ବୈଠକ ହୁଏ। କ୍ଲବ ପିଲା ସନ୍ଧ୍ୟାରେ ବସନ୍ତି। କହିବାକୁ ଗଲେ ଉକ୍ତ ଘରେ ବହୁମୁଖୀ କାର୍ଯ୍ୟ ଚାଲୁଛି। ଉକ୍ତ ବସ୍ତିରେ ଅଧିକାଂଶ ଅନୁସୂଚିତ ଜନଜାତି ଲୋକ ବସବାସ କରନ୍ତି। ସେହି ପିଲାମାନେ ଏହି ସରକାରୀ ବିଦ୍ୟାଳୟରେ ପଢ଼ନ୍ତି। ମଧ୍ୟାହ୍ନଭୋଜନ ଖାଇବା ପାଇଁ ଘରକୁ ଯାଇ ପିଲାମାନେ ଥାଳି ଧରି ଆସନ୍ତି। ଖାଦ୍ୟ ନେଇ ଘରକୁ ଯିବା ପରେ ୯୦ ପ୍ରତିଶତ ପିଲା ଆଉ ବିଦ୍ୟାଳୟ ଆସନ୍ତି ନାହିଁ ବୋଲି ସେହି ବିଦ୍ୟାଳୟ ଶିକ୍ଷୟିତ୍ରୀଶିକ୍ଷକମାନେ କହିଛନ୍ତି।

ଉକ୍ତ ବିଦ୍ୟାଳୟ ପଛ ପଟରେ ବଡ ଡ୍ରେନ୍ ରହିଛି। ଉପରେ ପିପିଏଲ କମ୍ପାନୀ କନଭେୟର ବେଲ୍ଟଲାଇନ ଯାଇଛି। ବିଦ୍ୟାଳୟ ପାଇଁ ଏକାଧିକ ବାର ଅର୍ଥ ଆସି ଫେରିଯାଇଛି ବୋଲି କୁହନ୍ତି ପ୍ରଧାନ ଶିକ୍ଷୟିତ୍ରୀ ଜୟନ୍ତୀ ଭୋଇ। ବନ୍ଦର ଜାଗା ହୋଇଥିବାରୁ ବିଦ୍ୟାଳୟ ଘର ହୋଇପାରୁନାହିଁ। ବିଦ୍ୟାଳୟ ପରିଚାଳନା କମିଟି ଓ ସ୍ଥାନୀୟ ଜନନେତାଙ୍କ ସହ ଆଲୋଚନା ଜାରି ରହିଛି। କିନ୍ତୁ ଜାଗା ସ୍ଥିରୀକୃତ ହୋଇ ପାରୁନାହିଁ। ଏ ସମ୍ପର୍କରେ କୁଜଙ୍ଗ ମଣ୍ଡଳ ଶିକ୍ଷାଧିକାରୀ ପବିତ୍ର କରଙ୍କୁ ପଚାରିବାରୁ ଏ ବିଷୟରେ କିଛି କହିବି ନାହିଁ। ଜିଲା ଶିକ୍ଷାଧିକାରୀ ନିରଞ୍ଜନ ବେହେରାଙ୍କୁ ପଚାରିବାରେ କ'ଣ ଅଭିଯୋଗ ଅଛି ତାହା ଦେଖିବି ବୋଲି ସେ କହିଥିଲେ।




ଜଗତଜନନୀ କ୍ଲବରେ ବିଦ୍ୟାଳୟ ଚାଲିଛି।



ୱାର୍ଡ ଅଫିସରେ ଶିକ୍ଷୟିତ୍ରୀଶିକ୍ଷକମାନେ ବସୁଛନ୍ତି।

## ସ୍ୱାମୀ ଅରୂପାନନ୍ଦ ଜୁନିୟର କଲେଜ | ‘ଶିକ୍ଷାକୁ ପ୍ରାଧାନ୍ୟ ଦେଇ ଭଲମଣିଷ ହୁଅ’

**ରଘୁନାଥପୁର,୨।୮(ରାଜେନ୍ଦ୍ର ନାରାୟଣ ସିଂହ):** ରଘୁନାଥପୁର ବ୍ଲକ କୁର୍ଯ୍ୟାଙ୍ଗସ୍ଥିତ ସ୍ୱାମୀ ଅରୂପାନନ୍ଦ ଜୁନିୟର କଲେଜରେ ନବାଗତ ଯୁକ୍ତ ୨ କଳା, ବାଣିଜ୍ୟ ଓ ବିଜ୍ଞାନ ବିଭାଗର ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କୁ ଶ୍ରେଣୀ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସେମାନଙ୍କୁ ଗୋଲାପ ଫୁଲ ଓ ଚନ୍ଦନ ଟିପା ଲଗାଯାଇ ସ୍ୱାଗତ କରାଯାଇଛି। ଏଥିରେ ବରିଷ୍ଠ ଅଧ୍ୟାପକ ରମେଶ ଚନ୍ଦ୍ର ସାହୁ ପୌରୋହିତ୍ୟ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ ଛାତ୍ରୀଛାତ୍ରଙ୍କୁ ଶୃଙ୍ଖଳା ଓ ସମାୟାନୁବର୍ତ୍ତିତା ହେବାକୁ ଦିଗଦର୍ଶନ ଦେଇଥିଲେ। ଅଧ୍ୟାପକ ସୁମନ୍ତ ଚନ୍ଦ୍ର ଦାସ, ମୋହନ ଚରଣ ରାଉତରାୟ, ରବୀନ୍ଦ୍ର ଓଝା, ଅସଲମ ଅଲ୍ଲୀ, ସ୍ମାରକ ମିଶ୍ର, ପୁଷ୍ପଲତା ଦାସ, ପ୍ରତିଭାରାଣୀ ପଣ୍ଡା ଓ ସ୍ନେହମୟୀ ଦାସ ମହାବିଦ୍ୟାଳୟରେ ଅଧ୍ୟାପନା ଓ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ଶିକ୍ଷାକୁ ପ୍ରାଧାନ୍ୟ ଦେଇ ଜୀବନରେ ଜଣେ ଭଲମଣିଷ ହେବାକୁ ନବାଗତ ଛାତ୍ରୀଛାତ୍ରଙ୍କୁ ଉତ୍ସବରେ ପରାମର୍ଶ ଦିଆଯାଇଥିଲା। ମିଟୁ ରାଉତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବାବେଳେ ବିଭୂତି ମହାପାତ୍ର ଅଭିନନ୍ଦନ ଜଣାଇ ସଭା ଶେଷ କରିଥିଲେ।

## ସଂକ୍ଷେପରେ

### ନୀଳମାଧବଙ୍କ ହୁଣ୍ଡିରୁ ମିଳିଲା ୩ ଲକ୍ଷ ଟଙ୍କା



ଖଣ୍ଡପଡ଼ା,୨।୮(ଅଜୟ କୁମାର ମହାରଣା)

ଜଗନ୍ନାଥ ସଂସ୍କୃତିର ଆଦି ଦେବତା ଭାବେ ପରିଚିତ କଣ୍ଟିଲୋ ଶ୍ରୀ ନୀଳମାଧବ ଜୀଉଙ୍କ ମନ୍ଦିର ଭିତରେ ଥିବା ହୁଣ୍ଡି(ଦାନ ବାକ୍ସ)ରୁ ବୁଧବାର ୩ଲକ୍ଷ ୭ ଶହ ୭୯ ଟଙ୍କା ମିଳିଥିବା ଖଣ୍ଡପଡ଼ା ଦେବୋତ୍ତର କାର୍ଯ୍ୟ ନିର୍ବାହୀ ଅଧିକାରିଣୀ ତଥା ତହସିଲଦାର ଲିପ୍ସା ରାୟ ସୂଚନା ଦେଇଛନ୍ତି। ପୂର୍ବାହ୍ନରେ କାର୍ଯ୍ୟନିର୍ବାହୀ ଅଧିକାରିଣୀ ରାୟ ମନ୍ଦିର ପରିସରରେ ପହଞ୍ଚିବା ପରେ ନୀଳମାଧବ ପୂଜକ ସମାଜର ସମ୍ପାଦକ ନୀଳମାଧବ ମିଶ୍ରଙ୍କ ସମେତ ଅନ୍ୟ ସଦସ୍ୟ ଏବଂ ଖଣ୍ଡପଡା ଆଇଆଇସି ଜ୍ୟୋତିପ୍ରକାଶ ସ୍ୱାଇଁ, କଣ୍ଟିଲୋ ଫାଣ୍ଡି ଅଧିକାରୀ ରମେଶ କୁମାର ଜେନାଙ୍କ ସମେତ ପୋଲିସ କର୍ମଚାରୀଙ୍କ ଉପସ୍ଥିତରେ ହୁଣ୍ଡି ଖୋଲାଯାଇଥିଲା । ହୁଣ୍ଡିରେ ଦୀର୍ଘ ବର୍ଷ ହେବ ପଡିଥିବା କେତେକ ନୋଟ୍ ନଷ୍ଟ ହୋଇ ଯାଇଥିବା ଦେଖିବାକୁ ମିଳିଥିଲା । ସେହି ଟଙ୍କାକୁ ବ୍ୟାଙ୍କକୁ ବଦଳ ପାଇଁ ପଠାଇବା ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି କାର୍ଯ୍ୟନିର୍ବାହୀ ଅଧିକାରିଣୀ ରାୟ ସୂଚନା ଦେଇଛନ୍ତି ।

### ନୟାଗଡ଼ ବିଧାୟକଙ୍କ ସମୀକ୍ଷା

ନୟାଗଡ଼,୨।୮(ଲୋକନାଥ ମିଶ୍ର)

ବୁଧବାର ଅପରାହ୍ନରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ନୟାଗଡ ବିଧାୟକ ଅରୁଣ ସାହୁ ନୟାଗଡ ସହରର ବିକାଶ ଉପରେ ସମୀକ୍ଷା କରୁଥିଲେ । ଜିଲାପାଳ ରବୀନ୍ଦ୍ର ନାଥ ସାହୁ ସହଯୋଗ କରୁଥିଲେ । ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ । ବର୍ଷା ଲାଗି ରହିଥିବାରୁ ବନ୍ୟା ପରିସ୍ଥିତି ପାଇଁ ସତର୍କ ରହିବାକୁ ଜିଲାପାଳ ଅଧିକାରୀମାନଙ୍କୁ ଆଲର୍ଟ ରହିବାକୁ ନିର୍ଦ୍ଦେଶ ଦେଇଥିଲେ । ୫-ଟି କଲେଜଗୁଡିକ ପାଇଁ ସରକାରୀ ଅନୁଦାନ ମିଳିବା ଉପରେ ସମୀକ୍ଷା ହୋଇଥିଲା । ବଲାଙ୍ଗୀ ପାର୍କ ପୋଖରୀରୁ ମାଛ ବର୍ଷା ଯୋଗୁ ବାହାରକୁ ଚାଲିଯାଉଛନ୍ତି। ସେ ଦିଗରେ ପଦକ୍ଷେପ ନେବାକୁ ବିଧାୟକ ଡିଏଫଓଙ୍କୁ ପରାମର୍ଶ ଦେଇଥିଲେ। ବଲାଙ୍ଗୀ ପାର୍କର ଆଉ କିଛି କାର୍ଯ୍ୟ ଥିବାରୁ ସେଗୁଡିକ ଶେଷ କରିବାକୁ ନୟାଗଡ଼ ମ୍ୟୁନିସିପାଲିଟିର ନିର୍ବାହୀ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ । ନୟାଗଡ଼ ଜଗନ୍ନାଥ ମନ୍ଦିରର ବିକାଶ କରିବାକୁ ଏହି ବୈଠକରେ ନିଷ୍ପତ୍ତି ନିଆଯାଇଛି ।

### ରାସ୍ତାରୁ ଉଠିଲାଣି ଗୋଡ଼ି, ହେଉନି ମରାମତି

#### ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟିପଡୁନି

ଖଜୁରିପଡ଼ା ୨।୮(ବିଦ୍ୟୁର ବେହେରା):

ସରକାର ଗ୍ରାମାଞ୍ଚଳ ଗୁଡ଼ିକର ବିକାଶ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ରାସ୍ତା ନିର୍ମାଣ କରୁଛନ୍ତି। କିନ୍ତୁ ଦାୟିତ୍ୱରେ ଥିବା ବିଭାଗୀୟ ଅଧିକାରୀମାନଙ୍କ ଅବହେଳା ଯୋଗୁ ରାସ୍ତା ଗୁଡ଼ିକ ନିମ୍ନ ମାନର କାମ ହୋଇ କିଛି ବର୍ଷ ଭିତରେ ପିଚୁ ଉଠି ଯାଇ ମରଣ ଯନ୍ତା ପାଲଟୁଛି। ଏହା ଦେଖିବାକୁ ମିଳିଛି ଖଜୁରିପଡ଼ା ବ୍ଲକ ଅନ୍ତର୍ଗତ ଲମ୍ବା ଗୁଡୁରି ଠାରୁ କରୁଣା ( ପ୍ରେମ ଝୋରି )କୁ ସଂଯୋଗ କରୁଥିବା ୩ କିମି ପ୍ରଧାନ ମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା । ଯାହାର ମଧଭାଗ ଗୁଡିକରେ ପିଚୁ ଉଠି ଗଲାଣି । ଡକେଣି ପାଖରେ ଏମିତି ପିଚୁ ଉଠି ଯାଇଛି ଯେ ରାସ୍ତା ଅଛି କି ନାହିଁ ତାହା ଜଣା ପଡୁନି । ୨୬ ଡିସେମ୍ବର ୨୦୧୬ରେ ରାସ୍ତା ନିର୍ମାଣ କାମ ଆରମ୍ଭ ହୋଇଥିଲା ଏବଂ ୨୫ ସେପ୍ଟେମ୍ବର ୨୦୧୭ରେ କାର୍ଯ୍ୟ ଶେଷ ହୋଇଛି। ପାଞ୍ଚ ବର୍ଷିୟା ରାସ୍ତା ପ୍ରତିପୋଷଣ ୨୬ ସେପ୍ଟେମ୍ବର ୨୦୧୭ରୁ ଆରମ୍ଭ ହୋଇ ୨୫ ସେପ୍ଟେମ୍ବର ୨୦୨୨ ରେ ସମାପ୍ତ ହୋଇଛି ବୋଲି ସୂଚନା ଫଳକ ଲାଗିଛି। ରାସ୍ତା ନିର୍ମାଣ ହେବାର ୭ ବର୍ଷ ମଧ୍ୟରେ ରାସ୍ତାର ବେହାଲ ହୋଇଛି । ଏହି ରାସ୍ତା ମରାମତି ନିମନ୍ତେ କାହାର ନଜର ନାହିଁ। ଗ୍ରାମ୍ୟ ଉନ୍ନୟନ ବିଭାଜନ ବିଭାଗ ତରଫରୁ ରାସ୍ତା ନିର୍ମାଣ ହୋଇଥିଲା। ରାସ୍ତା ମରଣ ଯନ୍ତା ପାଲଟିଲେ ମଧ ବିଭାଗୀୟ ଅଧିକାରୀମାନଙ୍କ ନଜର ପଡୁ ନାହିଁ।

# ଆଦିବାସୀ ଅଞ୍ଚଳରେ ଧୋଇଗଲା ରାସ୍ତା

ଦଶପଲ୍ଲା,୨।୮(ପ୍ରକାଶ କୁମାର ପାଣି )

ଲଘୁଚାପ ପ୍ରଭାବରେ ଦଶପଲ୍ଲା ଅଞ୍ଚଳରେ ମଙ୍ଗଳବାର ଓ ବୁଧବାର ବର୍ଷା ଲାଗି ରହିଛି । ଏଥିପାଇଁ କେତେକ ଅଞ୍ଚଳ ସହିତ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି । ତଳିଆ ଅଞ୍ଚଳ ଜଳର୍ଣ୍ଣବ ହୋଇଛି । ଦଶପଲ୍ଲାର ଆଦିବାସୀ ବହୁଳ ନୂଆଗାଁ ପଞ୍ଚାୟତର ଦୋଳମୁଣ୍ଡେଇ କଳସାଠାରେ ଥିବା ଠୁକେଇ ନାଳରେ ବର୍ଷା ଯୋଗୁ ବନ୍ୟାଜଳ ପ୍ରବାହିତ ହେଉଛି । ଫଳରେ ରାସ୍ତା ଧୋଇଯିବାରୁ ଯାତାୟତ ବାଧାପ୍ରାପ୍ତ ହୋଇଛି । ଆଦିବାସୀମାନେ ଯାତାୟତରେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ନାଳର ଦୁଇ ପଟେ ଲୋକମାନେ ଅଟକି ରହିଥିଲେ । ପାଣି କମିବା ପରେ ସେମାନେ ନିଜ ଘରକୁ ଫେରିଛନ୍ତି।



ଧୋଇହୋଇଯାଇଥିବା ରାସ୍ତାରେ ବନ୍ୟାଜଳ ।

# ଭରଣପୋଷଣ, ସୁରକ୍ଷା ପାଇଁ ନିବେଦନ

ନୟାଗଡ଼,୨।୮(ଲୋକନାଥ ମିଶ୍ର)

- ଜିଲାପାଳଙ୍କୁ ଭେଟିଲେ ମହିଳା
- ଶାଶୁ ଘରୁ ଆସି ଝିଅ ସହ ରହୁଛନ୍ତି ସେବାଗୃହରେ

ନୟାଗଡ଼ ସେବା ଗୃହରେ ରହୁଥିବା ନିଜ ଛୋଟ ଝିଅ ସହ ଓଡ଼ଗାଁ ଥାନା ବାହାଡାଝୋଲା ଫାଣ୍ଡି ବେରୁଆଁବାରୀ ଗାଁର ସଂଯୁକ୍ତା ବେହେରା । ସେ ଭରଣପୋଷଣ, ସ୍ଥାୟୀ ରହଣୀ ଓ ସୁରକ୍ଷା ପାଇଁ ଜିଲାପାଳ, ଅତିରିକ୍ତ ଜିଲାପାଳ ଓ ଉପଜିଲାପାଳଙ୍କୁ ଭେଟିଛନ୍ତି । ଅଭିଯୋଗ ଅନୁଯାୟୀ, ପରକୀୟା ପ୍ରୀତି ନେଇ ବାରଣ କରିବାରୁ ସ୍ୱାମୀ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ ସହ ମାନସିକ ଓ ଶାରୀରିକ ନିର୍ଯାତନା ଦେଇ ଆସୁଥିଲେ। ଏପର କି ଜୀବନରେ ମାରି ଦେବାକୁ ଉଦ୍ୟମ ଓ ବାୟାଣି କରିଦେବାକୁ ଚେଷ୍ଟା ବି କରିଥିଲେ । ଏଣୁ ୪ ବର୍ଷ ତଳେ ଘଟଣା ସମ୍ପର୍କରେ ଦଶପଲ୍ଲା ଥାନାରେ ଅଭିଯୋଗ କରିଥିଲେ। ପରବର୍ତ୍ତୀ



ପର୍ଯ୍ୟାୟରେ ନିର୍ଯାତନା ହ୍ରାସ ବଦଳରେ ବଢ଼ିବାରୁ ଓଡ଼ଗାଁ ଥାନାରେ ଅଭିଯୋଗ କରିଥିଲେ । ତେବେ ପୋଲିସ ମାମଲା ବଦଳରେ ଘଟଣାର ରଫାଦଫା କରି ଦେଇଥିଲା । ପରେ ଜୁନ ୧୭ରେ ଦୁଇ ଝିଅଙ୍କ ସମ୍ମୁଖରେ ତାଙ୍କୁ ତଣ୍ଟି ଚିପି ହତ୍ୟା ଉଦ୍ୟମ ସହ ଘରେ ତାଲା ପକାଇ ରଖାଯାଇଥିଲା । ଜୀବନ ବଞ୍ଚାଇବା ପାଇଁ ଛୋଟ ଝିଅ ସହ ଖସି ଆସି ଜଣେ ଖବରଦାତାଙ୍କ ସହଯୋଗରେ ସେ ଜୁଲାଇ ୨ରେ ସେବା ଗୃହରେ ରହିଛନ୍ତି । ହେଲେ ସେବା ଗୃହକୁ ସ୍ୱାମୀ ଆସି ତାଙ୍କୁ ଏବେ ବି ମାନସିକ ନିର୍ଯାତନା ଦେବା ଆରମ୍ଭ କରିଥିବାରୁ ଭରଣପୋଷଣ ବ୍ୟବସ୍ଥା, ସ୍ଥାୟୀ ରହଣୀ ଓ ସୁରକ୍ଷା ଯୋଗାଇ ଦେବାକୁ ସେ ନିବେଦନ କରିଛନ୍ତି।

# ମଣ୍ଡଳସ୍ତରୀୟ ମୌଳିକ ଭାଷା ଓ ସଂଖ୍ୟାଜ୍ଞାନ ଆଲୋଚନାଚକ୍ର



ଆଲୋଚନାଚକ୍ରରେ ସମ୍ବର୍ଦ୍ଧିତ ହୋଇଥିବା ବ୍ୟକ୍ତିମାନେ।

ଓଡ଼ଗାଁ,୨।୮(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ସରକାରୀ କଲ୍ୟାଣ ମଣ୍ଡପ ପରିସରରେ ବୁଧବାର ମଣ୍ଡଳସ୍ତରୀୟ ମୌଳିକ ଭାଷା ଓ ସଂଖ୍ୟାଜ୍ଞାନ ସମ୍ପର୍କିତ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ବ୍ଲକ ମିଳିତ ପ୍ରାଥମିକ ଶିକ୍ଷକ ସଂଘ ଆନୁକୂଲ୍ୟରେ ଆୟୋଜିତ ଆଲୋଚନା ଚକ୍ରରେ ଜିଲା ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ଭକ୍ତରଞ୍ଜନ ମିଶ୍ରଙ୍କ ଅଧ୍ୟକ୍ଷତା କରିଥିଲେ । ଆଲୋଚନା ଚକ୍ରକୁ ସ୍ଥାନୀୟ ବିଧାୟକ ଅରୁଣ କୁମାର ସାହୁ ଓ ଜିଲା ପରିଷଦ ଅଧ୍ୟକ୍ଷ ଇଂ. ଦେବାଶିଷ ପଟ୍ଟନାୟକ ଯଥାକ୍ରମେ ମୁଖ୍ୟଅତିଥି ଓ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ । ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ, ଜିଲା ଶିକ୍ଷା ଅଧିକାରୀ ଅକ୍ରୁର ବାରିକ, ମଣ୍ଡଳ ଶିକ୍ଷା ଅଧିକାରିଣୀ ଗିତାଳୀ ସାହୁ ସମ୍ମାନୀତ ଅତିଥି ଭାବେ ଅଂଶ ଗ୍ରହଣ କରିଥିଲେ । ଆଲୋଚନା ଚକ୍ରର ପ୍ରଥମ ପର୍ଯ୍ୟାୟରେ ସିଆରସିସି ଶୁଭେନ୍ଦୁ କୁମାର ଷଡ଼ଙ୍ଗୀଙ୍କ ଦ୍ୱାରା ପରିଚାଳିତ ସେମିନାରରେ ରଞ୍ଜନ କୁମାର ଦାଶ, ଯଶୋବନ୍ତ ପଟ୍ଟନାୟକ, ରାଜେଶ କୁମାର ଷଡ଼ଙ୍ଗୀ, ରାଜସିଂ ବେହେରା ଓ ବିଜୟ କୁମାର ପୃଷ୍ଟି ପ୍ରମୁଖ ସାଧନା କର୍ମି ଆଲୋଚ୍ୟ ବିଷୟ ବସ୍ତୁ ଉପରେ ବକ୍ତବ୍ୟ ରଖିଥିଲେ । ସଭାର ୨ୟ ପର୍ଯ୍ୟାୟ ତଥା ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଏହି ବ୍ଲକ ପ୍ରାଥମିକ ଶିକ୍ଷା ବିଭାଗରୁ ଅବସର ନେଇଥିବା ୨ ଜଣ ଶିକ୍ଷା ଅଧିକାରୀ ଓ ୩୪ ଜଣ ପ୍ରଧାନ ଶିକ୍ଷୟିତ୍ରୀ/ଶିକ୍ଷକ ଓ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ମୁଖ୍ୟଅତିଥିଙ୍କ ସମେତ ଅତିଥିମାନେ ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ । ଏହା ସହିତ ଖବରଦାତା ଆଦର୍ଶ କୁମାର ପଟ୍ଟନାୟକ, ଅଶୋକ କୁମାର ମହାପାତ୍ର ଓ ସାରସ କୁମାର ମିଶ୍ରଙ୍କୁ ମୁଖ୍ୟଅତିଥି ଶିକ୍ଷକ ସଂଘ ତରଫରୁ ଉତ୍ତରୀୟ ପ୍ରଦାନକରି ସମ୍ବର୍ଦ୍ଧିତ କରିଥିଲେ । ଶିକ୍ଷକ ନେତା ଶ୍ରୀଧର ପରିଡା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ନରେଶ କୁମାର ପାଣିଗ୍ରାହୀ ଓ ଭାବଗ୍ରାହୀ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ । ସମସ୍ତ ସିଆରସିସିଙ୍କ ସହିତ ଅନ୍ୟ ସଦସ୍ୟ ମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସ୍ୱାସ୍ଥ୍ୟ,ଆରୋଗ୍ୟ କେନ୍ଦ୍ରରେ ଚାରା ରୋପଣ

ନୟାଗଡ଼,୨।୮(ଲୋକନାଥ ମିଶ୍ର)

ନୟାଗଡ଼ ବ୍ଲକ କେନ୍ଦୁଡିପିର ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ପରିସରେ ଚାରା ରୋପଣ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ପଞ୍ଚରିଡ଼ା ବନାଞ୍ଚଳ ଦର୍ପନାରାୟଣପୁର ବନପାଳ ରମେଶ ମଲିକ ମୁଖ୍ୟ ଅତିଥି ଭାବେ ଓ ବରିଷ୍ଠ ଚିକିତ୍ସା ତଦାରଖକାରୀ ଦୀପକ ଦଳବେହେରା ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଚାରା ରୋପଣର ଉପକାରିତା ବିଷୟରେ ବକ୍ତବ୍ୟ ରଖିଥିଲେ । ଗୋଷ୍ଠୀସ୍ୱାସ୍ଥ୍ୟ ଅଧିକାରିଣୀ ଅମ୍ରିତାରାଣୀ ସାହୁ ଯୋଗଦେଇ ବୃକ୍ଷ ହିଁ ଜୀବନ ଓ ବୃକ୍ଷ ବିନା ସୃଷ୍ଟି ଅସମ୍ଭବ ବୋଲି ମତ ପ୍ରକାଶ କରିଥିଲେ । ଏହି ଅବସରେ ଆଶାକର୍ମୀ ନଳିନୀ ସାହୁ, ଚିନ୍ମୟୀ ଜ୍ୟୋତିରଞ୍ଜନ ଓ ସ୍ଥାନୀୟ ଜନସାଧାରଣଙ୍କ ସହଯୋଗରେ ଔଷଧୀୟ ଓ ବିଭିନ୍ନ ଫଳନ୍ତି ଗଛର ଚାରା ରୋପଣ କରାଯାଇଥିଲା ।

# ମା' ତାରାତାରିଣୀ ପୀଠର ବିକାଶ କାର୍ଯ୍ୟ ଆରମ୍ଭ

ଶେରଗଡ, ୨।୮(ସୂର୍ଯ୍ୟନାରାୟଣ ଦାଶ):

ଶେରଗଡ ବ୍ଲକ ଡାକରଡ଼ା ପଞ୍ଚାୟତର ଶୋଭାଚନ୍ଦ୍ରପୁର ଗ୍ରାମ ନିକଟ ପାକିଡି ପାହାଡର ଅଧିଷ୍ଠାତ୍ରୀ ଦେବୀ ମା' ତାରାତାରିଣୀ। ୫ଟି ସଚିବଙ୍କ ଦୃଷ୍ଟିକୁ ଆଣିବା ପରେ ଏହି ପୀଠର ବିକାଶ କାର୍ଯ୍ୟ ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ୪୫ ଲକ୍ଷ ଅନୁଦାନରେ ବୁଧବାରଠାରୁ କାମ ଆରମ୍ଭ କରିଛି ମନ୍ଦିର ପରିଚାଳନା କମିଟି। ନୂତନ ମନ୍ଦିର ନିର୍ମାଣ, ପୀଠର ସୌନ୍ଦର୍ଯ୍ୟକରଣ, ପାର୍କ, ପାଣି, ଆଲୁଅ, ଗମନାଗମନର ସୁବିଧା ଆଦି କାର୍ଯ୍ୟ ଆରମ୍ଭ ହୋଇଛି। ପଥର ଯୋଡେଇ କାମ ଆରମ୍ଭ ହୋଇଥିବା ବେଳେ ଏକ ସମତୁଲ ହେବା ପରେ ମନ୍ଦିର କାମ ଆରମ୍ଭ ହେବ ବୋଲି ଯନ୍ତ୍ରୀ କଳ୍ପନା କୁମାରୀ, ଅଶୋକ କୁମାର ନାୟକ, ସୂର୍ଯ୍ୟନାରାୟଣ ଦାଶ କହିଛନ୍ତି।

# ୩୩୫ ପାଉଚ୍ ମଦ ଜବତ, ଜଣେ ଗିରଫ

ଭାପୁର,୨।୮(ଭରତ କୁମାର ବେହେରା )

ଫତେଗଡ଼ ଥାନା ଅନ୍ତର୍ଗତ ଦୁର୍ଗାପୁର ଗ୍ରାମ ନିକଟରୁ ୩୩୫ ପାଉଚ୍ ଅର୍ଥାତ୍ ସାଢେ ୩୩ ଲିଟର ଦେଶୀମଦ ଜବତ କରାଯାଇଛି । ଫତେଗଡ଼ ଥାନାଧିକାରୀ ସୁଜିତ କୁମାର ଦାଶ ଏ ସଂକ୍ରାନ୍ତରେ ଖବର ପାଇବା ପରେ ସେକେଣ୍ଡ ଅଫିସର ଶ୍ରଦ୍ଧା ନାୟକ,ଏସ୍ଆଇ ଅରୁପ ନାୟକ, ଏଏସ୍ଆଇ ପ୍ରତାପ ଚନ୍ଦ୍ର ପାହନ୍ତସିଂଙ୍କ ନେତୃତ୍ୱରେ ଦୁର୍ଗାପୁର ଗ୍ରାମର କୁମାର ବିଶ୍ୱାଳଙ୍କ ଘରେ ଚଢ଼ାଉ କରିଥିଲେ । ସେଠାରେ କୁମାରଙ୍କ(୪୯) ବାଡିପଟ ଏକ କାଠଗଦା ଭିତରୁ ୩୩୫ ପାଉଚ ଦେଶୀମଦ ଜବତ କରାଯାଇଥିଲା। କୁମାର ଦେଶୀମଦ ବିକ୍ରି କରୁଥିବା ନେଇ ଫତେଗଡ଼ ପୋଲିସ ପକ୍ଷରୁ ଏକ ମାମଲା(ନଂ. ୧୭୩/୨୩ ) ରୁଜୁ କରି କୋର୍ଟ ଚାଲାଣ କରାଯାଇଛି । କିଛି ଦିନ ତଳେ କୁମାରଙ୍କ ଘର ନିକଟରେ ଏଲପଡା ଗ୍ରାମର ଜଣେ ଯୁବକ ମଦ ବିକ୍ରି କରୁଥିବା ସମୟରେ ଧରାପଡିଥିଲେ । ତାଙ୍କ ପାଖରୁ ୨୩ଲିଟରେ ଦେଶୀମଦ ଜବତ କରାଯାଇଥିଲା।

# ଆହତ ହରିଣ ଆଖି ବୁଜିଲା



ଦଶପଲ୍ଲା,୨।୮(ପ୍ରକାଶ କୁମାର ପାଣି)

କୁକୁର କାମୁଡ଼ାରେ ଆହତ ହୋଇଥିବା ଏକ ହରିଣର ମୃତ୍ୟୁ ଘଟିଛି । ବୁଧବାର ସେହି ହରିଣକୁ କୁକୁର କାମୁଡ଼ିବା ପାଇଁ ଗୋଡ଼ାଇ ଥିଲା । ଗୁରୁତର ଆହତ ହେବା ପରେ ହରିଣଟି ଦଶପଲ୍ଲା ଦୁର୍ଗାବଜାର ପାର୍କ ନିକଟସ୍ଥ ଜଙ୍ଗଲ ନିକଟକୁ ପଳାଇ ଆସିଥିଲା । ଖବର ପାଇ ବନ ବିଭାଗ କର୍ମଚାରୀମାନେ ଆହତ ହରିଣକୁ ଉଦ୍ଧାର କରି ସ୍ଥାନୀୟ ପ୍ରାଣୀଧନ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ସେଠାରେ ଆବଶ୍ୟକ ଚିକିତ୍ସା କରାଯାଇଥିଲା । ହେଲେ ବୁଧବାର ସେହି ହରିଣର ମୃତ୍ୟୁ ଘଟିଥିଲା । ଏହାପରେ ଡାକ୍ତରଙ୍କ ଦ୍ୱାରା ମୃତଦେହ ବ୍ୟବଚ୍ଛେଦ କରାଯିବା ପରେ ପୋତି ଦିଆଯାଇଥିଲା।

# ସମବାୟବିତ୍‌ଙ୍କ ପରଲୋକ

ଖଣ୍ଡପଡ଼ା,୨।୮(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ସହର ତ୍ରିନାଥ ଛକର ବୟୋଜ୍ୟେଷ୍ଠ ବ୍ୟକ୍ତି ତଥା ସମବାୟବିତ୍ ପ୍ରଭାକର ଆଚାର୍ଯ୍ୟ(୮୩)ଙ୍କ ପରଲୋକ ହୋଇଯାଇଛି । ଗତ କିଛି ମାସ ଧରି ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ଥିଲେ । ତତ୍କାଳୀନ ଖଣ୍ଡପଡା ପଞ୍ଚାୟତର ୱାର୍ଡ ସଭ୍ୟ ଭବେ ସେ ନିର୍ବାଚିତ ହୋଇ ଦାୟିତ୍ୱ ତୁଲାଇଥିଲେ । ପରବର୍ତ୍ତୀ ସମୟରେ ଖଣ୍ଡପଡ଼ା ସେବା ସମବାୟ ସମିତିର ସଭପତି ଭାବେ ଦୁଇଥର ସୁଚାର ରୁପେ ଦାୟିତ୍ୱ ନିର୍ବାହ କରିଥିଲେ । ଏଥିପାଇଁ ସେ ବିଭିନ୍ନ ମହଲରେ ଜଣାଶୁଣା ଥିଲେ । ତାଙ୍କ ବିୟୋଗରେ ଖଣ୍ଡପଡ଼ା ଅଞ୍ଚଳରେ ଶୋକ ପ୍ରକାଶ ପାଇଛି । ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି ।

# ଲଗାଣ ବର୍ଷା ଯୋଗୁ ସ୍କୁଲ ଛୁଟି

ନୟାଗଡ଼,୨।୮(ଲୋକନାଥ ମିଶ୍ର)

- ନିଷ୍ପତ୍ତି ନେବାରେ ବିଳମ୍ବରୁ ଅସୁବିଧା
- ଓଦା ହୋଇ ସ୍କୁଲ ଗଲେ, ପୁଣି ଫେରିଲେ

ଲଗାଣ ବର୍ଷା ଯୋଗୁ ନୟାଗଡ଼ ଜିଲାର ସ୍କୁଲକୁ ନୟାଗଡ଼ ଜିଲାପାଳ ରବୀନ୍ଦ୍ର ନାଥ ସାହୁ ବୁଧବାର ଛୁଟି ଘୋଷଣା କରିଥିଲେ । ତେବେ ଛୁଟି ଘୋଷଣା ହେବା ବେଳକୁ ଛାତ୍ରୀଛାତ୍ର ଓଦା ହୋଇ ସ୍କୁଲରେ ପହଞ୍ଚି ସାରିଥିଲେ । କିଛି ସ୍କୁଲରେ ପାଠ ପଢ଼ା ଆରମ୍ଭ ହୋଇଥିଲା । ଆଉ କିଛି ସ୍କୁଲରେ ପ୍ରାର୍ଥନା ହେଉଥିଲା । ଜିଲାପାଳଙ୍କ ନିର୍ଦ୍ଦେଶ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ସରକାରୀ ଓ ବେସରକାରୀ ସ୍କୁଲଗୁଡ଼ିକ ଛୁଟି କରାଯାଇଥିଲା । ଏଣୁ ଛାତ୍ରୀଛାତ୍ର ଓଦା ହୋଇ ସ୍କୁଲରେ ପହଞ୍ଚି ସଙ୍ଗେ ସଙ୍ଗେ ପୁଣି ଫେରିଥିଲେ । ଏନେଇ ଗଣିଆର ମାଧବ ପ୍ରଧାନ, ନୟାଗଡ଼ର ଶରତ ନାୟକ, ରଣପୁରର ମାଧବ ସାହୁ ପ୍ରମୁଖ ଅଭିଭାବକ କୁହନ୍ତି, ଲଗାଣ ବର୍ଷା ଯୋଗୁ ସ୍କୁଲ ଛୁଟି କରିବା ଠିକ୍ ଥିଲା । ତେବେ ନିଷ୍ପତ୍ତି ନେବା ବିଳମ୍ବ ହେବାରୁ ଛାତ୍ରୀଛାତ୍ର ଓ ଶିକ୍ଷକଙ୍କୁ ବର୍ଷାରେ ଭିଜିବାକୁ ପଡିଲା । ମଙ୍ଗଳବାର ସନ୍ଧ୍ୟାରୁ ଲଗାଣ ବର୍ଷା ଲାଗି ରହିଥିବାରୁ ପୂର୍ବରୁ ଛୁଟି କରିବାର ଆବଶ୍ୟକତା ଥିଲା । ଗୁରୁବାର ପୁଣି ବର୍ଷା ହେବାର ଅଛି । ଏଣୁ ଜିଲାପାଳ ଆଗୁଆ ପଦକ୍ଷେପ ନେବା ଦରକାର ବୋଲି ଏହି ଅଭିଭାବକମାନେ କହିଛନ୍ତି ।

# ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ

ଖଣ୍ଡପଡ଼ା,୨।୮(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ଏବିଡିଓଙ୍କୁ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀମାନେ ବୁଧବାର ବିଭିନ୍ନ ଦାବି ସମ୍ବଳିତ ଏକ ଦାବିପତ୍ର ନୟାଗଡ଼ ଜିଲାପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଛନ୍ତି । ରାଜ୍ୟ ସଂଘର ନିଷ୍ପତ୍ତି କ୍ରମେ ସମସ୍ତ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଆସନ୍ତା ୭ରୁ ୧୭ ତାରିଖ ପର୍ଯ୍ୟନ୍ତ କଳା ବ୍ୟାଚ୍ ପରିଧାନ କରି ନୀରବ ପ୍ରତିବାଦ କରିବା ସହ ୧୮ରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଛୁଟିରେ ଯିବେ ବୋଲି ପ୍ରଶାସନକୁ ଜଣାଇଛନ୍ତି। କାର୍ଯ୍ୟରତ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ମାନଙ୍କୁ ୧୦ ବର୍ଷ ପରେ ପଦୋନ୍ନତି ଦେବା, ଯୁକ୍ତ ୨ଯୋଗ୍ୟତା ପରିବର୍ତ୍ତେ ସ୍ନାତକ ଡ଼ିଗ୍ରୀଧାରୀଙ୍କୁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ନୂତନ ନିଯୁକ୍ତି ଦେବା, ବେତନ ବାବଦ ପ୍ରାପ୍ୟ ୨,୭୦୦ରୁ ୩୫,୪୦୦ ଟଙ୍କାକୁ ବୃଦ୍ଧି କରିବା ଆଦି ଦାବି ନେଇ ଖଣ୍ଡପଡ଼ା ବ୍ଲକ ସଂଘର ସଭାପତି ଦେବରାଜ ଦଳେଇ ଓ ସମ୍ପାଦକ ମନୋଜ କୁମାର ପ୍ରଧାନ ଓ ସହଯୋଗୀ ମାନେ ଖଣ୍ଡପଡ଼ା ବ୍ଲକ କାର୍ଯ୍ୟାଳୟରେ ଅତିରିକ୍ତ ବ୍ଲକ ଉନ୍ନୟନ ଅଧିକାରୀ ସୁବାସ ଚନ୍ଦ୍ର ସେଠୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।

# ୧୫ ମିନିଟ୍ ଅପେକ୍ଷା ପରେ ବି ମିଳିଲାନି ଷ୍ଟ୍ରେଚର



ଅସୁସ୍ଥ ମହିଳାଙ୍କୁ ଅଟୋରିକ୍ସାରେ ଅଣାଯାଉଛି ।

ନୟାଗଡ଼,୨।୮(ଲୋକନାଥ ମିଶ୍ର)

- ଡିଏଚ୍‌ଏଚ୍‌ରେ ପ୍ରସୂତି ମହିଳାଙ୍କୁ ଅଣଦେଖାକୁ ନେଇ ଉତ୍ତେଜନା
- ବାଟରେ ପୁଅ ଜନ୍ମ ଦେଇଥିଲେ ମହିଳା

ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ (ଡିଏଚଏଚ)କୁ ଆସିବା ବାଟରେ ରାଜପାଟଣା ଅଞ୍ଚଳର ଜଣେ ମହିଳା ଏକ ପୁତ୍ରସନ୍ତାନ ଜନ୍ମ କରି ଦେଇଥିଲେ । ସଂପୃକ୍ତ ମହିଳା ଅସୁସ୍ଥ ଅନୁଭବ କରିବା ପରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟର ମାତୃ ଓ ଶିଶୁ ହସ୍ପିଟାଲକୁ ବୁଧବାର ସନ୍ଧ୍ୟାରେ ଅଣା ଯାଇଥିଲା । ପ୍ରସୂତି ମହିଳାଙ୍କର ଅବସ୍ଥା ଗୁରୁତର ହେଉଥିବାବେଳେ ଚିକିତ୍ସାଳୟକୁ ଯିବାକୁ ଷ୍ଟ୍ରେଚର ମିଳିଲାନି । ମହିଳା ଚିକିତ୍ସାଳୟକୁ ଯିବାକୁ ଅଟୋରିକ୍ସା ପାଖରେ ଠିଆ ହୋଇ ରହିଥିଲେ । କେହି ସହଯୋଗ କଲେନି । ପାଟିତୁଣ୍ଡ ହେବା ପରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା । ପରିସ୍ଥିତି ବିଗିଡିବା ଦେଖି ୧୫ ମିନିଟ ବିଳମ୍ବରେ ଷ୍ଟ୍ରେଚର ମିଳିଥିଲା । ସୂଚନା ଅନୁସାରେ ରାଜପାଟଣା ଅଞ୍ଚଳର ଜଣେ ମହିଳାଙ୍କ ପ୍ରସବବେଦନା ବଢ଼ି ଚାଲିଲା । ଆମ୍ବୁଲାନ୍ସ ସୁବିଧା ହୋଇ ନ ପାରିବାରୁ ଅଟୋରିକ୍ସାରେ ସଂପୃକ୍ତ ମହିଳା ଚିକିତ୍ସାଳୟକୁ ଆସୁଥିଲେ । ବାଟରେ ପୁତ୍ର ସନ୍ତାନ ଜନ୍ମ ହୋଇଥିଲା ।

# ଯୁବଶକ୍ତିଙ୍କ ମାନସିକତାରେ ପରିବର୍ତ୍ତନ ଲୋଡ଼ା

ଖଣ୍ଡପଡ଼ା,୨।୮(ଅଜୟ କୁମାର ମହାରଣା)

ସୁସ୍ଥ ସମାଜ ଗଠନ ପାଇଁ ଯୁବ ଶକ୍ତିର ମାନସିକତାରେ ପରିବର୍ତ୍ତନ ଜରୁରୀ ହୋଇ ପଡିଛି । ସାମ୍ପ୍ରତିକ ପରିସ୍ଥିତିରେ ଛାତ୍ର ସମାଜ ବିଭିନ୍ନ କ୍ଷେତ୍ରରେ ନିଜର ଦକ୍ଷତା ପ୍ରତିପାଦନ କରିପାରିଲେ ଦେଶ ତଥା ସମାଜର ଉନ୍ନତି ହୋଇପାରିବ ବୋଲି କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟରେ ମଙ୍ଗଳବାର ନବାଗତ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ଅନୁଷ୍ଠିତ ପ୍ରବେଶ ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ ମତ ପ୍ରକାଶ କରିଥିଲେ । କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ ପରିସରରେ ଆୟୋଜିତ ଉତ୍ସବରେ ନୂତନ ଛାତ୍ରୀଛାତ୍ରମାନଙ୍କୁ ସ୍ୱାଗତ କରାଯାଇଥିଲା । କଲେଜ ସଭାଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ରଣଜିତ କୁମାର ତ୍ରିପାଠୀ ଅଧ୍ୟକ୍ଷତା କରି ଶିକ୍ଷା ମଣିଷ ଭିତରେ ଆତ୍ମ ବିଶ୍ୱାସ ସୃଷ୍ଟି କରେ । ଅନୁଷ୍ଠାନର ଶୃଙ୍ଖଳତା ଦିଗରେ




ପ୍ରବେଶ ଉତ୍ସବରେ ଯୋଗ ଦେଇଥିବା ଅତିଥି।

### ନୀଳମାଧବ କଲେଜରେ ଯୁକ୍ତ ୨ ଛାତ୍ରୀଛାତ୍ରଙ୍କ ପ୍ରବେଶ ଉତ୍ସବ

ବିଦ୍ୟାର୍ଥୀମାନେ ଗୁରୁତ୍ୱ ଦେବା ପାଇଁ ମାର୍ଗ ଦର୍ଶନ ଦେଇଥିଲେ । ପ୍ରଥମେ ଅତିଥିମାନଙ୍କ ଦ୍ୱାରା ନୀଳମାଧବ ଜୀଉଙ୍କ ଫଟୋଚିତ୍ରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ଇଂଲିଶ ବିଭାଗ ମୁଖ୍ୟ ଅଧ୍ୟାପକ ପ୍ରଭାତ କୁମାର ବେହେରା ଉପସ୍ଥିତ ଅଧ୍ୟାପିକା, ଅଧ୍ୟାପକ ମାନଙ୍କ ପରିଚୟ ପ୍ରଦାନ କରିବା ସହ ଅନୁଷ୍ଠାନର ଐତିହ୍ୟ ସମ୍ପର୍କରେ ବିଦ୍ୟାର୍ଥୀମାନଙ୍କୁ ସୂଚନା ଦେଇଥିଲେ । ଶିକ୍ଷା ବିଭାଗର ମୁଖ୍ୟ ଅଧ୍ୟାପକ ରମେଶ ଚନ୍ଦ୍ର ସାହୁ ଶିକ୍ଷା ବିଭାଗର ନିର୍ଦ୍ଦେଶ କ୍ରମେ କାଉନସିଲ ଦ୍ୱାରା ପରିଚାଳିତ ପରୀକ୍ଷା ପଦ୍ଧତି ସମ୍ପର୍କରେ ବୁଝାଇଥିଲେ । ଇତିହାସ ବିଭାଗ ମୁଖ୍ୟ ଯୋଗେନ୍ଦ୍ର କୁମାର ବିଶ୍ୱାଳ ରୁଟିନ ଅନୁଯାୟୀ ସ୍ଥିରିକୃତ ପ୍ରକୋଷ୍ଠ ସମ୍ପର୍କରେ କହିଥିଲେ । ଅଧ୍ୟାପିକା ଜୟଶ୍ରୀ ସାହୁ, କଲ୍ୟାଣୀ ପଣ୍ଡା, ରୀନା ପ୍ରଧାନ, ରଶ୍ମିତା ସାହୁ, ଶାରଳା ବେହେରା, ଅଧ୍ୟାପକ ଓମ୍ ପ୍ରକାଶ ସାହୁ, ଶରତ କୁମାର ସାହୁ, ହୃଷିକେଶ ମିଶ୍ର, କାଶୀନାଥ ସୁବୁଦ୍ଧି, ସୁମନ୍ତ କୁମାର ଜେନା, ଅକ୍ଷୟ କୁମାର ସାହୁ, ମାନସ କୁମାର ବେହେରା, ସୌମ୍ୟ ସୁମନ ସାହୁ, ପ୍ରଶାନ୍ତ କୁମାର ନାୟକ, ପ୍ରଶାନ୍ତ କୁମାର ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ରଣା, ବୈଦ୍ୟନାଥ ପଣ୍ଡା, ମାନସ ଆଚାର୍ଯ୍ୟ, ପବିତ୍ର କୁମାର ବେହେରା ପ୍ରମୁଖ ନିଜ ନିଜ ସମ୍ପର୍କରେ ବିଦ୍ୟାର୍ଥୀମାନଙ୍କୁ ପରିଚୟ ପ୍ରଦାନ କରିଥିଲେ । ଅଧ୍ୟାପକ ନିରୋଦ କୁମାର ମନ୍ତ୍ରୀ ଧନ୍ୟବାଦ ଦେଇଥିଲେ ।

# ଆନନ୍ଦପୁର, ଆଖୁଆପଦାରେ ବନ୍ୟାଜଳ ବିପଦସଙ୍କେତ ଟପିଲା


ବୈତରଣୀ ନଦୀର ଆଖୁଆପଦାଠାରେ ପ୍ରବାହିତ ବନ୍ୟାଜଳ ।


ବୈତରଣୀ ନଦୀରେ ସମ୍ଭାବ୍ୟ ବନ୍ୟାକୁ ନେଇ ପ୍ରଣବ ପ୍ରକାଶ ଦାସ ଲୋକଙ୍କ ସହ ଆଲୋଚନା କରୁଛନ୍ତି ।

## ବୈତରଣୀ ନଦୀରେ ବନ୍ୟା

- ବଲ୍ଲଭିଘାଟରେ ବିପଦସଙ୍କେତ ନିକଟତର
- ବର୍ଷା କମିଲେ ବନ୍ୟାଜଳ ହ୍ରାସ ପାଇବ

ଯାଜପୁର,୨।୮(ହର୍ଷବର୍ଦ୍ଧନ ବେହେରା):

ଯାଜପୁର ଜିଲା ସମେତ ଉପରମୁଣ୍ଡ କେନ୍ଦୁଝର ଜିଲାରେ ପ୍ରବଳ ବର୍ଷା ଯୋଗୁ ବୈତରଣୀ ନଦୀ ଫୁଲି ଉଠିଛି। ବୈତରଣୀର ଉପରମୁଣ୍ଡ ଆନନ୍ଦପୁରଠାରେ ବୁଧବାର ପ୍ରାୟ ୯୬.୨ ମିମି ବର୍ଷା ରେକର୍ଡ ହୋଇଥିବାବେଳେ ଆଖୁଆପଦାଠାରେ ୬୮.୮ ମିମି, କେନ୍ଦୁଝରଠାରେ ୧୪୪.୮ ମିମି, ଚାମ୍ପୁଆଠାରେ ୧୧୧.୪ ମିମି, ଠାକୁରମୁଣ୍ଡାଠାରେ ୨୬୪ ମିମି ଓ ସ୍ୱୟଂପାଟଣାଠାରେ ୧୭୦.୨ ମିମି ବର୍ଷା ହୋଇଛି। ଫଳରେ ବୈତରଣୀ ନଦୀର ଆନନ୍ଦପୁରଠାରେ ଜଳପତନ ବିପଦସଙ୍କେତ ୩୮.୩୬ ମିଟର ସ୍ଥଳେ ସନ୍ଧ୍ୟା ୬ଟା ସୁଦ୍ଧା ୪୦.୦୨ ମିଟର, ଆଖୁଆପଦାଠାରେ ବିପଦସଙ୍କେତ ୧୭.୮୩ ମିଟର ସ୍ଥଳେ ୧୯.୩୬ ମିଟର ବନ୍ୟା ପାଣି ବୋହୁଛି। ଏହାବାଦ୍ ବଲ୍ଲଭିଘାଟରେ ବିପଦସଙ୍କେତ ୧୩.୩୪ ମିଟର ସ୍ଥଳେ ୧୩.୩୫ ମିଟର ଏବଂ ଦଶରଥପୁରଠାରେ ବିପଦସଙ୍କେତ ୯.୫୨ ମିଟର ସ୍ଥଳେ ୯ ମିଟର ବନ୍ୟା ପାଣି ପ୍ରବାହିତ ହେଉଛି। ଏହାଦ୍ୱାରା ବୈତରଣୀର ଯାଜପୁର ଜିଲା ନଦୀ ତଟବାସୀ କୋରେଇ, ଦଶରଥପୁର ଓ ଯାଜପୁର ବ୍ଲକବାସୀ ଆତଙ୍କିତ ହୋଇ ପଡିଛନ୍ତି ।

କାଣି ନଦୀର କଣ୍ଟପଡାଠାରେ ଥିବା ଡ୍ରେନେଜ ବିଭାଗର ମୁକୁଲା ମୁହାଣ ରାସ୍ତାରେ ବନ୍ୟା ପାଣି ପଶି ମଲ୍ଲିକାପୁର, ଦୁଦୁରାଅଣ୍ଡା, ନିଜାମପୁର ଓ ଶୁଶୁଆ ଅଞ୍ଚଳରେ ଜଳମଗ୍ନ ହେଉଥିବା ସୂଚନା ମିଳିଛି। ଗୁରୁବାର ପୂର୍ଣ୍ଣିମା ଥିବାରୁ ବନ୍ୟାଜଳ ବଙ୍ଗୋପସାଗରକୁ ଠିକ୍ ଭାବେ ପ୍ରବେଶ ହେଉ ନ ଥିବାରୁ ବୈତରଣୀ ପଛୁଆ ପାଣିର ଭୟ ରହିଥିବା ଆଶଙ୍କା କରାଯାଇଛି। ଫଳରେ ଜିଲା ପ୍ରଶାସନ ପକ୍ଷରୁ ବନ୍ୟାପ୍ରବଣ ଅଞ୍ଚଳବାସୀଙ୍କୁ ନିରାପଦ ଆଶ୍ରୟସ୍ଥଳୀକୁ ଚାଲି ଯିବାକୁ ପରାମର୍ଶ ଦିଆଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବର୍ଷା ବନ୍ଦ ନ ହେଲେ ବନ୍ୟା ପରିସ୍ଥିତି ଭୟଙ୍କର ହେବ ବୋଲି ଅନୁମାନ କରାଯାଉଛି । ଅନ୍ୟପକ୍ଷେ ଜଳସେଚନ ବିଭାଗ ପକ୍ଷରୁ ସମ୍ଭାବ୍ୟ ଘାଇ ସ୍ଥାନରେ ବାଲି ବସ୍ତା ଓ ଜରିପାଲ ଦିଆଯାଉଥିବା ସୂଚନା ମିଳିଛି। ତେବେ ଯାଜପୁର ଜିଲାରେ ବୁଧବାର ହାରାହାରି ୭୯.୫୬ ମିମି ବର୍ଷା ହୋଇଥିବାରୁ ବନ୍ୟା ବିପନ୍ନମାନଙ୍କ ପାଇଁ ସମସ୍ୟା ଆହୁରି ବଢି ଯାଇଛି। ଅଗ୍ନିଶମ ବିଭାଗ ଓ ଓଡ୍ରାଫ୍ ଟିମ୍‌କୁ ସତର୍କ ରହିବା ପାଇଁ ନିର୍ଦ୍ଦେଶ ଜାରି କରାଯାଇଛି । ଦେଶୀ ଡଙ୍ଗା, ପାୱାର ବୋଟ, ଗଛକଟା ମେସିନ, ଆସ୍କା ଲାଇଟ, ଟର୍ଚ୍ଚ, ଲାଇଫ୍ ଜ୍ୟାକେଟ ଇତ୍ୟାଦି ପ୍ରସ୍ତୁତ ରଖିବାକୁ ଜିଲାପାଳ ଚକ୍ରବର୍ତ୍ତି ସିଂହ ରାଠୋର ପରାମର୍ଶ ଦେଇଛନ୍ତି। ଯାଜପୁର ବିଧାୟକ ପ୍ରଣବପ୍ରକାଶ ଦାସ ସମ୍ଭାବ୍ୟ ବନ୍ୟା ଅଞ୍ଚଳ ବୁଲି ସମୀକ୍ଷା କରିଛନ୍ତି। ଯାଜପୁର ଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ ଶରତ ଚନ୍ଦ୍ର ଘଡେଇ ବନ୍ୟା ଆଶଙ୍କା ସ୍ଥାନକୁ ପରିଦର୍ଶନରେ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। ତାଙ୍କ କହିବା ଅନୁସାରେ ଆଗକୁ ଯଦି ବର୍ଷା ନ ହୁଏ ତେବେ ଗୁରୁବାର ସୁଦ୍ଧା ବନ୍ୟା ପାଣି ହ୍ରାସ ହେବାର ସମ୍ଭାବନା ରହିଛି। ବିଭିନ୍ନ ଦୁର୍ବଳ ସ୍ଥାନ ପ୍ରତି ଦୃଷ୍ଟି ରଖିବା ସହିତ ବାଲି, ବସ୍ତା, ଅଧିକ ଲୋକ ରଖି ବନ୍ୟା ପରିସ୍ଥିତିର ମୁକାବିଲା କରିବାକୁ ସତର୍କ ଦୃଷ୍ଟି ରଖିଛନ୍ତି । କର୍ମଚାରୀମାନଙ୍କୁ ରାତ୍ରୀକାଳୀନ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ହୋଇଛି। କାଣି ମୁହାଣ ନିକଟରେ ବାଲି ବସ୍ତା ରଖି ଅବରୋଧ କରାଯାଉଛି ବୋଲି କହିଛନ୍ତି।

ସୂଚନାଯୋଗ୍ୟ, ୨୦୨୦ ଅଗଷ୍ଟରେ ଗତ ଦୁଇ ଦଶନ୍ଧି ମଧ୍ୟରେ ଏକ ବଡ଼ ଧରଣର ବନ୍ୟା ଆସିଥିଲା। ଏହି ବନ୍ୟାରେ ଜିଲାରେ ୩୦ଟି ଛୋଟବଡ ଘାଇ ସୃଷ୍ଟି ହୋଇଥିଲା। ଏଥିରେ ପ୍ରାୟ ୧୦ଲକ୍ଷ ଲୋକ ପ୍ରଭାବିତ ହୋଇଥିଲାବେଳେ ୧୨ ଜଣ ଲୋକଙ୍କ ଜୀବନ ଯାଇଥିଲା। ସେହି ସମୟରେ ଆବଶ୍ୟକ ବନ୍ୟା ଆଶ୍ରୟସ୍ଥଳୀ ଅଭାବରୁ ଲକ୍ଷାଧିକ ଲୋକ ବନ୍ଧ ହିଡରେ ବିପଦସଙ୍କୁଳ ଅବସ୍ଥାରେ ଜୀବନ ଅତିବାହିତ କରିଥିବା ଦେଖିବାକୁ ମିଳିଥିଲା।

# କାଜୁ ଜଙ୍ଗଲ ସଂଲଗ୍ନ ସୁରକ୍ଷା ବନ୍ଧ ପ୍ରଭାବିତ


ବାହାକୁଦ କାଜୁ ଜଙ୍ଗଲ ସଂଲଗ୍ନ ମହାନଦୀରେ ବନ୍ୟାଜଳ ଲହଡ଼ି ମାରୁଛି ।

## ମହାନଦୀରେ ବନ୍ୟାଜଳ

ମହାକାଳପଡ଼ା,୨।୮(ପ୍ରତାପ ଚନ୍ଦ୍ର ସ୍ୱାଇଁ)

୨ଦିନ ଧରି ଲଘୁଚାପ ଜନିତ ଲଗାଣ ବର୍ଷା ଲାଗି ରହିଛି। ଏହାର ପ୍ରଭାବରେ ମହାନଦୀରେ ବନ୍ୟାଜଳ ପ୍ରବେଶ କରିଛି। କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ରାମନଗର ପଞ୍ଚାୟତ ବାହାକୁଦ ଗ୍ରାମ ନିକଟରେ ମହାନଦୀ ବଙ୍ଗୋପସାଗର ମୁହାଁଣରେ ମିଶିଛି। ମହାନଦୀର ବନ୍ୟାଜଳ ଦ୍ୱାରା ବାହାକୁଦ କାଜୁ ଜଙ୍ଗଲ ସୁରକ୍ଷା ବନ୍ଧ ପ୍ରଭାବିତ ହୋଇଥିବା ସୂଚନା ମିଳିଛି । ବୁଧବାର ସାମୁଦ୍ରିକ ଜୁଆର ମାଡ଼ି ଆସିବା ଯୋଗୁ କାଜୁ ଜଙ୍ଗଲ ପାଣିରେ ବୁଡ଼ି ରହିଛି । କେତେକ ସ୍ଥାନରୁ ବାଲି ଅତଡ଼ା ଧସିବାରେ ଲାଗିଛି। ଅନେକ କାଜୁ ଗଛ ମହାନଦୀରେ ଭାସି ଯାଉଥିବା ଦେଖିବାକୁ ମିଳିଛି । ସୂଚନାଯୋଗ୍ୟ, ବାହାକୁଦ କାଜୁ ଜଙ୍ଗଲ ୧୮୨ ଏକର ଜମିରେ ରହିଛି। ସେଠାରେ ୫ ହଜାର କାଜୁ ଗଛ ଠିଆ ହୋଇଛି । ମହାନଦୀରେ ବନ୍ୟାଜଳ ଆସିବା ଯୋଗୁ କାଜୁ ଜଙ୍ଗଲ ସଂଲଗ୍ନ ବାଲି ଅତଡ଼ା ଖସିବା ଯୋଗୁ ଶତାଧିକ ଗଛ ନଦୀ ଗର୍ଭରେ ଲୀନ ହୋଇ ଯାଉଛି ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଅପରପକ୍ଷେ ସ୍ଥାନୀୟ ମତ୍ସଜୀବୀ ଲଘୁଚାପ ଜନିତ ବର୍ଷା , ସାମୁଦ୍ରିକ ଜୁଆର ଓ ବନ୍ୟା ପରିସ୍ଥିତି ଯୋଗୁ ହାତବାନ୍ଧି ଘରେ ବସିଛନ୍ତି । ଆସନ୍ତା ୨ରୁ ୩ ଦିନ ମାଛ ଧରିବା ସମ୍ଭବ ହୋଇନି ବୋଲି ମତ୍ସ୍ୟଜିବୀ କୈଳାସ ମାଝି ,ଗନ୍ଧର୍ବ ବେହେରା , ବାବୁ ମାଝି , ସେକ ଜବାର , ନନ୍ଦ କିଶୋର ବେହେରା ପ୍ରମୁଖ କହିଛନ୍ତି। ଏପରି ବନ୍ୟା ପରିସ୍ଥିତିରେ ଛୋଟ ଡଙ୍ଗାରେ ମାଛ ମାରିବା ବିପଦପୂର୍ଣ୍ଣ ବୋଲି ସେମାନେ କହିଛନ୍ତି।

# ଆଜି ୪ ବ୍ଲକ୍‌ର ସମସ୍ତ ସ୍କୁଲ, କଲେଜ ବନ୍ଦ

ଯାଜପୁର,୨।୮(ହର୍ଷବର୍ଦ୍ଧନ ବେହେରା)

ଗତ ୨ ଦିନ ହେଲା ଲଘୁଚାପ ଜନିତ ବର୍ଷା ଚାଲିଛି । ଏହାସହ ବୈତରଣୀରେ ସମ୍ଭାବ୍ୟ ବନ୍ୟାକୁ ଦୃଷ୍ଟିକୁ ରଖି ଯାଜପୁର ଜିଲାର କୋରେଇ, ଯାଜପୁର, ବିଂଝାରପୁର ଓ ଦଶରଥପୁର ବ୍ଲକ୍ ପ୍ରଭାବିତ ହେବାର ଆଶଙ୍କା ରହିଛି। ତେଣୁ ଗୁରୁବାର ଗୋଟିଏ ଦିନ ପାଇଁ ଜିଲା ପ୍ରଶାସନ ପକ୍ଷରୁ ଉପରୋକ୍ତ ୪ ବ୍ଲକ୍‌ର ସମସ୍ତ ସରକାରୀ ଓ ବେସରକାରୀ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଏବଂ ଅଙ୍ଗନୱାଡିକେନ୍ଦ୍ରଗୁଡିକୁ ବନ୍ଦ ରଖାଯିବା ପାଇଁ ନିର୍ଦ୍ଦେଶ ଜାରି କରାଯାଇଛି। ଏଥି ନିମନ୍ତେ ଶିକ୍ଷାନୁଷ୍ଠାନଗୁଡିକୁ ବନ୍ଦ ରଖିବାକୁ ଜିଲାପାଳ ଚକ୍ରବର୍ତ୍ତି ସିଂହ ରାଠୋର ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ସମସ୍ତ ବରିଷ୍ଠ ଅଧିକାରୀମାନେ ସମ୍ଭାବ୍ୟ ବନ୍ୟାର ମୁକାବିଲା ପାଇଁ ସଜାଗ ରହିବା ଲାଗି ସେ ପରାମର୍ଶ ଦେଇଛନ୍ତି।

# ଓସିଏସ୍ ପରୀକ୍ଷାରେ ଶୁଭଲକ୍ଷ୍ମୀ କୃତକାର୍ଯ୍ୟ

ଦଶରଥପୁର,୨।୮ (ସରୋଜ ନାୟକ):



ଓଡ଼ିଶା ସିଭିଲ ସର୍ଭିସ୍ (ଓସିଏସ୍) ପରୀକ୍ଷା ଫଳ ପ୍ରକାଶ ପାଇଛି। ଏଥିରେ ଦଶରଥପୁର ବ୍ଲକ୍ ଚମ୍ପେଇପାଳ ପଞ୍ଚାୟତ ଉଦୟପୁର ଗ୍ରାମର ଶୁଭଲକ୍ଷ୍ମୀ ବାରିକ କୃତକାର୍ଯ୍ୟ ହୋଇଛନ୍ତି। ସେ ୧୩୬ ନମ୍ବର ସ୍ଥାନ ହାସଲ କରିଛନ୍ତି। ଗ୍ରାମର ହେମନ୍ତ କୁମାର ବାରିକଙ୍କ ଝିଅ ଶୁଭଲକ୍ଷ୍ମୀ ଛୋଟବେଳୁ ଜଣେ ମେଧାବୀ ଛାତ୍ରୀଭାବେ ପରିଚିତ ଥିଲେ। ୨୦୧୦ରେ ଦଶରଥପୁର ଉଚ୍ଚ ବିଦ୍ୟାଳୟରୁ ପ୍ରଥମ ଶ୍ରେଣୀରେ ମାଟ୍ରିକ୍ ପାସ କରିଥିବାବେଳେ ବାଲେଶ୍ୱର ଫକୀର ମୋହନ କଲେଜରୁ ଯୁକ୍ତ୨ ଶିକ୍ଷା ସମାପନ କରିଥିଲେ। ପରେ ସାଧୁ ଗୌଡ଼େଶ୍ୱର ମହାବିଦ୍ୟାଳୟ କନିକାପଡ଼ାରୁ ପ୍ରାଣୀ ବିଜ୍ଞାନରେ ସ୍ନାତକ ଶିକ୍ଷା ସମାପ୍ତ କରିଥିଲେ। ୨୦୧୮ରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ପ୍ରାଣୀ ବିଜ୍ଞାନରେ ପ୍ରଥମ ଶ୍ରେଣୀରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ। ସେ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ଦେବାସହ ଗତ ଜୁଲାଇ ୨୬ରେ ୱେଲଫେୟାର ଏକ୍ସଟେନସନ୍ ଅଫିସରଭାବେ ବିଞ୍ଝାରପୁର ବ୍ଲକ୍‌ରେ ଯୋଗଦେଇଥିଲେ। ଏହି ସଫଳତା ପାଇଁ ଦଶରଥପୁର ଅଞ୍ଚଳର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ଲିପି


@ ସୋନାଲି


@ ସ୍ୱାଗତମ୍


@ ଉତ୍ତମ


@ ଶିବପ୍ରସାଦ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବୈତରଣୀକୁ ଡେଇଁ ମହିଳା ନିଖୋଜ

ଯାଜପୁର ଟାଉନ,୨।୮ (ପ୍ରଜ୍ଞା ପ୍ରିୟଦର୍ଶିନୀ ମହାନ୍ତି):

ଯାଜପୁର ପୌର ପରିଷଦ ଅନ୍ତର୍ଗତ ୧୧ନଂ. ୱାର୍ଡ କୋଟବସନ୍ତପୁର ଗ୍ରାମର ଜଣେ ମହିଳା ବରାହ ପୋଲରୁ ବୈତରଣୀ ନଦୀକୁ ଡେଇଁ ନିଖୋଜ ଥିବା ଜଣାପଡିଛି। ଦମକଳବାହିନୀ ପକ୍ଷରୁ ଦୀର୍ଘ ସମୟ ଧରି ଖୋଜାଖୋଜି କରି ପରେ ମଧ ତାଙ୍କ ସନ୍ଧାନ ମିଳିପାରିନାହିଁ। ନିଖୋଜ ମହିଳା ହେଲେ ଗ୍ରାମର ମୋହନ ଚରଣ ପୃଷ୍ଟିଙ୍କ ଝିଅ ଗୀତାରାଣୀ ପୃଷ୍ଟି(୪୯)। ମଙ୍ଗଳବାର ରାତି ପ୍ରାୟ ୨ଟାରେ ସେ ଘରୁ ବାହାରି ପଳାଇଥିଲେ। ପରିବାର ପକ୍ଷରୁ ତାଙ୍କୁ ଖୋଜିଖୋଜି ପରେ ବରାହ ନାଥ ପୋଲ ପାଖରୁ ସେ ବ୍ୟବହାର କରିଥିବା ଏକ ଛତା ପାଇଥିଲେ। ସନ୍ଦେହ କରାଯାଉଛି ଗୀତାରାଣୀ ନଦୀକୁ ଡେଇଁ ପଡିଛନ୍ତି। ସାମାନ୍ୟ ମସ୍ତିଷ୍କ ବିକୃତି ଥିବାବେଳେ ସେ ବାପଘରେ ରହିଆସୁଥିଲେ। ତାଙ୍କ ନିଖୋଜ ସମ୍ପର୍କରେ ପରିବାର ପକ୍ଷରୁ ଯାଜପୁର ଥାନାରେ ଲିଖିତ ଲିଖିତ ଅଭିଯୋଗ ହୋଇଛି।

# କେନ୍ଦ୍ରାପଡ଼ାରେ ୩ ଦିନରେ ୭୮୬ ମି.ମି. ବର୍ଷା

- ବନ୍ୟା ଆଶଙ୍କାରେ ୫୫ ପଞ୍ଚାୟତବାସୀ
- ବିଭିନ୍ନ ଅଞ୍ଚଳରେ ଚାଷ କାମ ଆରମ୍ଭ

କେନ୍ଦ୍ରାପଡା,୨।୮(ଜଗନ୍ନାଥ ଧଳ)

ମୌସୁମୀ ସହିତ ବଙ୍ଗୋପସାଗରରେ ଲଘୁଚାପଜନିତ ବର୍ଷା ବିପ୍ରାତ କେନ୍ଦ୍ରାପଡ଼ା ଜିଲାରେ ପ୍ରଭାବ ପକାଇଛି। ଗତ ୩ ଦିନ ମଧ୍ୟରେ ଜିଲାରେ ୭୮୬ ମିମି. ବର୍ଷା ହୋଇଛି । ବୁଧବାର ମଧ୍ୟାହ୍ନ ସୁଦ୍ଧା ଝିପଝିପ ବର୍ଷା ସହିତ ପାଗ କୋହଲା ଅଛି । ଜିଲା ଜରୁରୀକାଳୀନ ବିଭାଗ ତଥ୍ୟ ଅନୁଯାୟୀ, ଗତ ୩୧ ତାରିଖରେ ଜିଲାର ବିଭିନ୍ନ ବ୍ଲକ ଅଞ୍ଚଳରେ ମୋଟ ୧୦୬ ମିମି ବର୍ଷା ହୋଇଛି । ସେହିପରି ୧ ତାରିଖରେ ମୋଟ ୩୭୭ ମିମି ବର୍ଷା ହୋଇଥିବା ବେଳେ ୨ ତାରିଖ ସକାଳ ୮ଟା ସୁଦ୍ଧା ୩୦୪ ମିମି ବର୍ଷା ବିଭିନ୍ନ ବ୍ଲକ ଅଞ୍ଚଳରେ ହୋଇଯାଇଛି । ଗତ ୪୮ ଘଣ୍ଟା ମଧ୍ୟରେ ରାଜକନିକା ବ୍ଲକ ଅଞ୍ଚଳରେ ସର୍ବାଧିକ ୧୨୪ ମିମି ବର୍ଷା ହୋଇଛି । ସେହିପରି ଆଳି ବ୍ଲକ ଅଞ୍ଚଳରେ ୧୦୩ ମିମି,କେନ୍ଦ୍ରାପଡ଼ାରେ ୧୦୧ ମିମି. ମାର୍ଶାଘାଇରେ ୮୩ ମିମି, ମହାକାଳପଡାରେ ୭୫ ମିମି, ରାଜନଗରରେ ୬୬ ମିମି., ଡେରାବିଶରେ ୬୧ ମିମି, ପଟ୍ଟାମୁଣ୍ଡାଇରେ ୩୮ ମିମି, ଓ ଗରଦପୁର ବ୍ଲକ ଅଞ୍ଚଳରେ ୩୦ ମିମି ବର୍ଷା ହୋଇଛି । ଗ୍ରାମାଞ୍ଚଳର ବିଭିନ୍ନ ସ୍ଥାନରେ କଚାଘର ଓ ଗୁହାଳର କାନ୍ଥ ପଡିବା ଅବସ୍ଥାକୁ ଆସିଯାଇଛି । ସହରର ଜଳ ନିଷ୍କାସନ ବ୍ୟବସ୍ଥା ଫେଲ ମାରିଛି । ଜିଲାରେ ପ୍ରବାହିତ ୭ ନଦୀରେ ବନ୍ୟା ଆଶଙ୍କା ଥିବାରୁ ଉପାନ୍ତ ଅଞ୍ଚଳର ୫୫ ପଞ୍ଚାୟତବାସୀ ଆଶଙ୍କାରେ ଅଛନ୍ତି । ଅପରପକ୍ଷେ ଖରିଫ ଚାଷ ପାଇଁ ବର୍ଷା ଅମୃତ ଧାରା ହୋଇ ଚାଷ କ୍ଷେତରେ ପ୍ରାଣ ସଞ୍ଚାର ସମ୍ଭାବନା ସୃଷ୍ଟି କରିଛି ।


ଡେ଼ରାବିଶରେ ଧାନତଳି ଉପୁଡ଼ା କାମ ଚାଲିଛି ।

**ସହରରେ ଜଳ ନିଷ୍କାସନ ବ୍ୟବସ୍ଥା ଫେଲ୍:**

ଲଗାଣ ବର୍ଷା କେନ୍ଦ୍ରାପଡା ସହରକୁ ବେହାଲ କରିଛି । ୧୫୨ ବର୍ଷର ପୌରାଞ୍ଚଳରେ ଜଳ ନିଷ୍କାସନ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ଫେଲ ମାରିଛି । ୨୧ଟି ୱାର୍ଡରେ ଥିବା ଘରଗୁଡିକରେ ଗତ ୨ଦିନ ଧରି ବର୍ଷା ଜଳ ପଶିରହିଛି । ଏହି ସହର ମଧ୍ୟରେ ପୂର୍ବରୁ ମଧୁସାଗର ନଦୀ ପ୍ରବାହିତ ହେଉଥିଲା । ଏଠାରେ ଥିବା ନାଳ ଓ ଜୋରଗୁଡିକ ମାଧ୍ୟମରେ ଉଦ୍‌ବୃତ ଜଳ ନଦୀକୁ ନିଷ୍କାସିତ ହେଉଥିଲା । ତେବେ ସହର ନିର୍ମାଣ ପରେ ମଧୁସାଗର ନଦୀ ସହିତ ଜଳ ନିଷ୍କାସନ ପଥ ପୋତି ହୋଇଯାଇଛି । ଏପରି କି ଜଳ ନିଷ୍କାସନ ପଥ ଉପରେ ସହର ଗଢ଼ି ଉଠିଥିବାରୁ ଏହି ସମସ୍ୟା ଦେଖା ଯାଇଥିବା ବଣିଆମାଳର ନିଳାଦ୍ରୀ ତ୍ରିପାଠୀ କହିଛନ୍ତି । ସହରର ଜଳ ନିଷ୍କାସନ ସମ୍ପର୍କରେ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଫୁଲ କୁମାର ବିଶ୍ୱାଳ କହିଛନ୍ତି, ସହରର ଜଳ ନିଷ୍କାସନ ପ୍ରତି ସତର୍କ ନଜର ରହିଛି । ଆବଶ୍ୟକସ୍ଥଳେ ପମ୍ପ ଯୋଗେ ଜଳ ବାହାର କରାଯିବାର ବ୍ୟବସ୍ଥା କରାଯାଇଛି ।

**ବନ୍ୟା ଆଶଙ୍କାରେ ୫୫ ପଞ୍ଚାୟତବାସୀ:**

ଜିଲାରେ ଲଗାଣ ବର୍ଷା ଫଳରେ ଏବେ ଖାଲୁଆ ଅଞ୍ଚଳରେ ପାଣି ଭର୍ତ୍ତି ହୋଇଛି । ଏହି ସମୟରେ ମହାନଦୀ, ବ୍ରାହ୍ମଣୀ ଓ ବୈତରଣୀରେ ଜଳ ପତନ ବୃଦ୍ଧି ପାଇବା ଜଳ ସମ୍ପଦ ବିଭାଗ ପକ୍ଷରୁ ଆକଳନ କରାଯାଇଛି । ଜିଲାର ଉପାନ୍ତ ଅଞ୍ଚଳର ୫୫ ପଞ୍ଚାୟତରେ ବନ୍ଧ ବାଡ ନାହିଁ । ଫଳରେ ନଦୀରେ ସାମାନ୍ୟ ଜଳ ଅଧିକ ହେଲେ ଏହି ଖୋଲାମେଲା ଅଞ୍ଚଳରେ ପ୍ରବାହିତ ହୋଇଥାଏ । ବନ୍ୟା ସମ୍ଭାବନା ଥିବାରୁ ଉପାନ୍ତ ଅଞ୍ଚଳବାସୀ ଆତଙ୍କିତ ଅବସ୍ଥାରେ ଅଛନ୍ତି। ଜିଲା ଜରୁରୀକାଳୀନ ଅଧିକାରୀ ଅନନ୍ୟା ତ୍ରିପାଠୀ କହିଛନ୍ତି, ଅଦ୍ୟାବଧି ବନ୍ୟା ସମ୍ପର୍କରେ କୌଣସି ସୂଚନା ନାହିଁ ।

**ଶୁଖିଲା ଚାଷଜମିରେ ପ୍ରାଣ ସଞ୍ଚାର:**

ଜିଲାର ଆଳି, ରାଜକନିକା ଓ ରାଜନଗର ବ୍ଲକ ଅଞ୍ଚଳରେ କେନାଲ ନାହିଁ । ସେହିପରି ମାତ୍ର ୩ଟି ବ୍ଲକକୁ ଛାଡି ଦେଲେ କେନାଲ ମାଧ୍ୟମରେ କ୍ଷେତକୁ ଜଳ ସେଚନ ବ୍ୟବସ୍ଥା ୩୫ ପ୍ରତିଶତରେ ପହଞ୍ଚି ନାହିଁ । ପାଣି ପଞ୍ଚାୟତ ମାଧ୍ୟମରେ ଉଠା ଜଳସେଚନ ବ୍ୟବସ୍ଥା ହୋଇଛି । ତେବେ ବିଭିନ୍ନ କାରଣରୁ ଉଠା ଜଳସେଚନ ବ୍ୟବସ୍ଥା ଫେଲ ମାରିଛି । ଇଲେକଟ୍ରିକ ବିଲ, ପାଣି ଉତ୍ସ, କ୍ଷେତକୁ ସଂଯୋଗ ନାଳ ଆଦିରେ ସମସ୍ୟା ରହିଛି । ବିଳମ୍ବରେ ହେଲେ ମଧ୍ୟ ମୌସୁମୀ ସହିତ ଲଘୁଚାପ ବର୍ଷା ଚାଷୀଙ୍କୁ କାମ କରିବାକୁ ସୁଯୋଗ ଦେଇଛି । ଚଳିତ ବର୍ଷ ଖରିଫ ଚାଷ ମରୁଡ଼ି ମୁହାଁ ହୋଇଥିବା ବେଳେ ବର୍ଷା ଯୋଗୁ ଚାଷ କାର୍ଯ୍ୟ ଆଗକୁ ଯିବ ବୋଲି ବହୁ ଚାଷୀ ମତ ଦେଇଛନ୍ତି । କ୍ଷେତରେ ଏବେ ବର୍ଷାଜଳ ଥିବାରୁ ରୁଆ ପୋତା କାର୍ଯ୍ୟ ଆରମ୍ଭ ହୋଇଥିବା ସେମାନେ ପ୍ରକାଶ କରିଛନ୍ତି ।

# ଅସ୍ଥାୟୀ ରାସ୍ତା ଉପରେ ୩ ଫୁଟ୍ ଉଚ୍ଚର ବନ୍ୟାଜଳ



ଅସ୍ଥାୟୀ ରାସ୍ତା ଉପରେ ବନ୍ୟା ଜଳ ପ୍ରବାହିତ ହେଉଛି ।

- ଗୋଡ଼ିପଡ଼ା ସମେତ ୧୫ରୁ ଊର୍ଦ୍ଧ୍ୱ ପଞ୍ଚାୟତ ବାହ୍ୟଜଗତରୁ ବିଚ୍ଛିନ୍ନ
- ୨୦ ମାସ ପରେ ବି ନିର୍ମାଣ ନୋହିଲା ଡିମିଶର ଦୁଆଣ୍ଟ ପୋଲ
- ପୋଲ ନିର୍ମାଣ ପାଇଁ ସୂଚନା ଫଳକ ଝୁଲୁଛି

ନୟାଗଡ଼,୨।୮ (ଲୋକନାଥ ମିଶ୍ର)

ନୟାଗଡ଼ ଜିଲାର ଶରଣକୁଳ ଲଡୁବାବାଙ୍କ ଧାମରୁ ଶ୍ରୀକ୍ଷେତ୍ର ପୁରୀକୁ ପଡିଥିବା ନୂଆ ଜଗନ୍ନାଥ ସଡ଼କର ଡିମିଶର ପନ୍ଦାରିଛକସ୍ଥିତ ଦୁଆଣ୍ଟ ପୋଲ ଭାଙ୍ଗିବାର ୨୦ ମାସ ବିତି ଯାଇଛି । ହେଲେ ସରକାର ପୋଲ ନିର୍ମାଣ କରିବାରେ ସକ୍ଷମ ହେଲେ ନାହିଁ । ଏଭଳି ସ୍ଥଳେ ମଙ୍ଗଳବାର ସନ୍ଧ୍ୟାରୁ ଲାଗି ରହିଥିବା ଲଗାଣ ବର୍ଷାରେ ପୋଲ ନିକଟରେ ହୋଇଥିବା ଅସ୍ଥାୟୀ ରାସ୍ତା ଉପରେ ୩ ଫୁଟ ଉଚ୍ଚର ବନ୍ୟା ଜଳ ପ୍ରବାହିତ ହେଉଛି। ଫଳରେ ଗୋଡିପଡ଼ା ସମେତ ୧୫ରୁ ଊର୍ଦ୍ଧ୍ୱ ପଞ୍ଚାୟତ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇ ପଡିଛି। ଅନ୍ୟପକ୍ଷେ ପୋଲ ନିର୍ମାଣ ପାଇଁ ଏକ ସୂଚନା ଫଳକ ଝୁଲୁଥିଲେ ମଧ୍ୟ କାମ ଆରମ୍ଭ ହେଉନି । ନିର୍ମାଣ ବିଭାଗ ପକ୍ଷରୁ ୧୧.୪୬ କୋଟି ଟଙ୍କା ପୋଲ ନିର୍ମାଣ ପାଇଁ ଅଟକଳ କରାଯାଇଛି । ୧୯।୨।୨୦୨୫ରେ ପୋଲ କାର୍ଯ୍ୟ ଶେଷ ହେବ ବୋଲି ଉଲ୍ଲେଖ ରହିଛି ।

ପ୍ରାୟ ୪୦ ବର୍ଷ ତଳେ ତତ୍କାଳୀନ ରଣପୁର ବିଧାୟକ ରମାକାନ୍ତ ମିଶ୍ର ଦୁଆଣ୍ଟ ନଦୀର ପୋଲକୁ ଉଦ୍‌ଘାଟନ କରିଥିଲେ । ପୋଲଟି ବହୁ ବର୍ଷର ପୁରୁଣା ହୋଇଥିଲେ ହେଁ ଭଲ ଥିଲା । ବାଲି ଚୋରମାନେ ନଦୀର ଶଯ୍ୟା ଖୋଳି ବାଲି ନେଇ ଯିବା ପରେ ବନ୍ୟା ଜଳ ପୋଲର ରାଫ୍ଟ ଫାଉଣ୍ଡେଶନର ପାର୍ଶ୍ୱରେ ଗର୍ତ୍ତ କରି ରହିଥିଲା । ରାଫ୍ଟ ଫାଉଣ୍ଡେଶନର ଗର୍ତ୍ତକୁ ମରାମତି ନେଇ ସ୍ଥାନୀୟ ଲୋକ ଦାବି କରିଥିଲେ ହେଁ ପୂର୍ତ୍ତ ବିଭାଗ ଅଣଦେଖା କରିଥିଲା । ଫଳରେ ପୋଲଟି ୨୦୨୧ ଡିସେମ୍ବର ୨୯ରେ ଦବି ଯାଇଥିଲା । ସରକାର ପୋଲକୁ ବିପଦସଙ୍କୁଳ ଘୋଷଣା କରି ଚୁପ ରହିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ପୋଲ ନିକଟରେ ନଦୀ ମଧ୍ୟରେ ପୂର୍ତ୍ତ ବିଭାଗ ଅସ୍ଥାୟୀ ରାସ୍ତା ନିର୍ମାଣ କରିଥିଲା । ତେବେ ବର୍ଷା ହେଲେ ସଂଯୋଗ ରାସ୍ତା ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇ ଯାଇଥାଏ । ଏଣୁ ଗୋଡିପଡ଼ା, ଡମସାହି, ପଞ୍ଚୁମୁ, ଭାଲିଆଡିହି ପରି ୧୫ ପଞ୍ଚାୟତର ୨ଶହରୁ ଊର୍ଦ୍ଧ୍ୱ ଗାଁ ବିଚ୍ଛିନ୍ନ ହୋଇ ରହୁଛି । ମଙ୍ଗଳବାର ସନ୍ଧ୍ୟାରୁ ଲଗାଣ ବର୍ଷା ଲାଗି ରହିବାରୁ ବନ୍ୟା ଜଳ ଅସ୍ଥାୟୀ ରାସ୍ତା ଉପରେ ଚାଲିଛି । ଅଳ୍ପ କେତେକ କାର, ଜିପ୍, ଆମ୍ବୁଲାନ୍ସ, ଅଟୋରିକ୍ସା ବିପଦସଙ୍କୁଳ ଭାବେ ପାଣି ଭିତରେ ଯାତାୟତ କରୁଛନ୍ତି । ତେବେ ଅସ୍ଥାୟୀ ରାସ୍ତା କଟ୍ ଅପ୍ ହୋଇଗଲେ ପୁରା ଗୋଡିପଡ଼ା ଓ ଆଖପାଖ ପଞ୍ଚାୟତକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇ ଯିବ ।ବନ୍ୟା ଜଳ ଯେଉଁଭାବେ ବଢ଼ୁଛି ରାତିରେ ଅସ୍ଥାୟୀ ରାସ୍ତା କଟ୍‌ଅପ୍ ହୋଇଯିବାର ସମ୍ଭାବନା ରହିଛି ।

ଏନେଇ ଗୋଡିପଡ଼ା ସରପଞ୍ଚ ଅନ୍ତର୍ଯ୍ୟାମୀ ସାହୁ, ସାମାଜିକ କର୍ମୀ ରବି ନାରାୟଣ ଦାଶ, ପୂର୍ବତନ ଡିମଶର ସରପଞ୍ଚ ସତ୍ୟବାନ ନାୟକ, ଭିକାରୀ ଜେନା ଓ ସୂର୍ଯ୍ୟମଣି ନାୟକ, ପଞ୍ଚୁମୁ ର ପୂର୍ବତନ ସରପଞ୍ଚ କୁବେର ବିଶୋଇ କୁହନ୍ତି,ପୋଲ ନିର୍ମାଣ କାର୍ଯ୍ୟ ବିଳମ୍ବ ହୋଇ ଚାଲିଛି । ବର୍ଷା ହେଲେ ଗୋଡିପଡ଼ା ଓ ଆଖପାଖ ପଞ୍ଚାୟତରୁ ବିଚ୍ଛିନ୍ନ ହୋଇ ରହୁଛି। ଏବେ ସେହି ପରିସ୍ଥିତି ସୃଷ୍ଟି ହୋଇଛି । ଗୋଡିପଡ଼ା କଲେଜକୁ ବିଭିନ୍ନ ଅଞ୍ଚଳରୁ ଆସୁଥିବା ଛାତ୍ରୀଛାତ୍ର ହଇରାଣ ହେବେ । ପୁଣି ପନିପରିବା ଓ ଅନ୍ୟାନ୍ୟ କ୍ଷେତ୍ରରେ ଗୋଡିପଡ଼ା ଉପରେ ନିର୍ଭର କରୁଥିବା ଲୋକ ଚିନ୍ତାରେ ପଡିଛନ୍ତି। ସରକାର ମଞ୍ଜୁର କରିଥିବା ଅର୍ଥରେ ଶୀଘ୍ର ପୋଲ କାମ ଆରମ୍ଭ ହେଉ ବୋଲି ସେମାନେ ଦାବି କରିଛନ୍ତି ।

ଡିମିଶର ଦୁଆଣ୍ଟ ନଦୀ ପାଖରେ ଟେଷ୍ଟ ଫାଇଲର ଲୋଡ ଟେଷ୍ଟ ହେବାରେ ବିଳମ୍ବ ଯୋଗୁ ପୋଲ କାମ ଆରମ୍ଭ ହୋଇ ପାରୁ ନ ଥିବା ସୂଚନା ମିଳିଛି ।ଏନେଇ ପୂର୍ତ୍ତ ବିଭାଗର ସହକାରୀ ଯନ୍ତ୍ରୀ ଅଭିଷେକ ଓଝା କୁହନ୍ତି, ନଦୀ ପାଖରେ ନିର୍ମାଣ କରାଯାଇଥିବା ଟେଷ୍ଟ ଫାଇଲର ଲୋଡ ଟେଷ୍ଟ ହୋଇଗଲେ ପୋଲ କାମ ଆରମ୍ଭ ହେବ । ତେବେ ଟିକେ ସମସ୍ୟା ଯୋଗୁ ଡେରି ହୋଇ ଯାଇଛି । ସେହି କାମ କିପରି ଶୀଘ୍ର ଶେଷ ହେବ ସେ ନେଇ ଗୁରୁତ୍ୱ ଦିଆଯାଉଛି । ଅନ୍ୟପକ୍ଷେ ପୋଲ ପାଖ ନଦୀ ଭିତର ସଂଯୋଗ ରାସ୍ତାରେ ବନ୍ୟା ଜଳ ପ୍ରବାହିତ ନେଇ ଅବଗତ ନ ଥିଲି । ଆମେ ନଜର ରଖିଛୁ । ବନ୍ୟାଜଳ ହ୍ରାସ ପାଇବା ପରେ ପରବର୍ତ୍ତି ପଦକ୍ଷେପ ନିଆଯିବ ବୋଲି ସେ ସୂଚନା ଦେଇଛନ୍ତି ।

ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଲିପି



@ ସୋନାଲି



@ ସ୍ୱାଗତମ୍



@ ଉତ୍ତମ



@ ଶିବପ୍ରସାଦ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବନ୍ୟାଜଳକୁ ନେଇ ଆତଙ୍କ

ଖଣ୍ଡପଡ଼ା,୨।୮ (ଅଜୟ କୁମାର ମହାରଣା)

ଲଘୁଚାପ ଜନିତ ଲଗାଣ ବର୍ଷା ଫଳରେ ଖଣ୍ଡପଡ଼ା ଅଞ୍ଚଳ ଦେଇ ପ୍ରବାହିତ ମହାନଦୀ ଓ ତାର ଶାଖାନଦୀ କୁସୁମୀ, କୁଆଁରିଆ, ଆମ୍ବନାଳ, ଡ଼ାହୁକା, ଲୁଣିଝରା ନଦୀରେ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଫଳରେ ନଦୀତଟବର୍ତ୍ତୀ ସିଧାମୂଳା, ବାଣପୁର, କଣ୍ଟିଲୋ, ମାଧପୁର ପଞ୍ଚାୟତ ଅଧୀନ ବିଭିନ୍ନ ଗ୍ରାମର ବାସିନ୍ଦାଙ୍କ ମଧ୍ୟରେ ସାମ୍ଭବ୍ୟ ବନ୍ୟା ଆଶଙ୍କା ପ୍ରକାଶ ପାଇଛି । ଲଗାଣ ବର୍ଷା ଲାଗି ରହିଥିବା ବେଳେ ମହାନଦୀ ଓ ଶାଖା ନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ନଦୀ କୂଳବର୍ତ୍ତୀ ଅଞ୍ଚଳବାସୀଙ୍କ ମନରେ ଆଶଙ୍କା ବଦଳରେ ଆନନ୍ଦର ଲହରୀ ଖେଳି ଯାଇଛି । ନଦୀର ସ୍ରୋତରେ ବିଭିନ୍ନ ନଦୀ କୂଳିଆ ଜଙ୍ଗଲରୁ କାଠ ଭାସି ଆସୁଥିବାରୁ ଲୋକେ ସେହି କାଠ ଧରିବାରେ ବ୍ୟସ୍ତ ରହିଛନ୍ତି । ଦିନ ମଜୁରିଆ ଶ୍ରେଣୀର ଲୋକମାନେ କାମଧନ୍ଦାକୁ ନ ଯାଇ ଘରେ ହାତବାନ୍ଧି ବସିଛନ୍ତି । ବର୍ଷା ଋତୁରେ ବିଷଧର ସାପଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇବାରେ ଲାଗିଛି । ବିଭିନ୍ନ ଅଞ୍ଚଳରୁ ବିଷଧର ସାପ ଜନବସତିକୁ ଚାଲି ଆସୁଥିବାରୁ ସାଧାରଣରେ ଭୟ ଓ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି । ଖଣ୍ଡପଡ଼ା ଅଞ୍ଚଳରେ ୨୩.୪ ମିଲି ମିଟର ବର୍ଷା ହୋଇଥିବା ଖଣ୍ଡପଡା ସ୍ଥିତ ପାଣିପାଗ ବିଭାଗ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି। ବର୍ଷା ଯୋଗୁ ଝାଟିମାଟି ଚାଳଛପର ଓ କଚ୍ଚା ଘରେ ବସବାସ କରୁଥିବା ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ସିଧାମୂଳା ଠାରେ ବିପଦ ସଙ୍କେତ ତଳେ ମହାନଦୀର ବନ୍ୟା ଜଳ ପ୍ରବାହିତ ହେଉଛି। ତେବେ କଣ୍ଟିଲୋଠାରେ ମହାନଦୀର ବିପଦ ସଂକେତ ୪୭.୯୮ ମିଟର ରହିଛି। ତେବେ ବୁଧବାର ସନ୍ଧ୍ୟା ସୁଦ୍ଧା ଏହାର ଜଳ ପତ୍ତନ ୪୬.୦୦ ମିଟର ଥିବା ଜଳ ସଂପଦ ବିଭାଗ ସୂତ୍ରରୁ ସୂଚନା ମିଳିଛି ।



ଲୋକମାନେ ବନ୍ୟାଜଳରୁ କାଠ ସଂଗ୍ରହ କରୁଛନ୍ତି ।

# ବନ୍ୟାକୁ ନେଇ ମହାନଦୀ କୂଳବାସୀ ଆତଙ୍କିତ



ନଦୀ ବନ୍ଧ ଉପରେ ବନ୍ୟାଜଳ ପ୍ରବାହିତ ।

ଗଣିଆ,୨।୮ (ସନ୍ତୋଷ କୁମାର ପ୍ରଧାନ)

ଗତ ମଙ୍ଗଳବାର ରାତିରୁ ଲଘୁଚାପଜନିତ ଲଗାଣ ବର୍ଷା ଲାଗି ରହିଛି । ଲଗାଣ ବର୍ଷା ଯୋଗୁ ମହାନଦୀ ଓ ଉପନଦୀରେ ଜଳସ୍ତର ବୃଦ୍ଧିପାଇବାରେ ଲାଗିଛି। ବୁଧବାର ଅପରାହ୍ନ ୫ଟା ସୁଦ୍ଧା ମହାନଦୀର ବଡ଼ମୂଳ ମାଳିସାହି ଗେଜ୍‌ପଏଣ୍ଟଠାରେ ଜଳସ୍ତର ୩୪.୫ ଫୁଟ ରହିଛି । ଏଠାରେ ବିପଦ ସଙ୍କେତ ୩୮ ଫୁଟ୍ । ମହାନଦୀର ଜଳସ୍ତର ସାଙ୍ଗକୁ ଗଣିଆ ବ୍ଲକର ମଣିଭଦ୍ରା ପର୍ବତ ନିକଟରେ ମହାନଦୀରେ ମିଶିଥିବା ଖରସ୍ରୋତା ବୃତଙ୍ଗ ନଦୀର ଜଳସ୍ତର ବୃଦ୍ଧି ପାଉଛି । ଯଦି ଲଗାଣ ବର୍ଷା ଲାଗିରହେ ଗଣିଆ ବ୍ଲକର ଛାମୁଣ୍ଡିଆ, ରାସଙ୍ଗ, ବେଲପଡାପାଟଣା ଓ କିଶୋରପ୍ରସାଦ ଗ୍ରାମପଞ୍ଚାୟତରେ ଆସନ୍ନ ବନ୍ୟା ପରିସ୍ଥିତି ସୃଷ୍ଟି ହେବା ସହ ବ୍ୟାପକ ଧାନ, ପୋଟଳ ପରି ବିଭିନ୍ନ ଫସଲ ନଷ୍ଟ ହେବାର ଆଶଙ୍କା କରାଯାଉଛି। ଏପରିସ୍ଥଳେ ଲଗାଣ ବର୍ଷା ଲାଗିରହିଲେ ମହାନଦୀରେ ବନ୍ୟା ହେବା ଏକ ପ୍ରକାର ନିଶ୍ଚିତ ବୋଲି ସ୍ଥାନୀୟ ଲୋକେ କହିଛନ୍ତି । ଏଥିପାଇଁ ଗଣିଆ ବ୍ଲକର ମହାନଦୀକୂଳିଆ ଲୋକେ ଆତଙ୍କିତ ଅବସ୍ଥାରେ ଅଛନ୍ତି । ବୁଧବାର ଅପରାହ୍ନ ୫ଟା ସୁଦ୍ଧା ଗଣିଆ-କୁତୁରୀ ରାସ୍ତାର ଛାମୁଣ୍ଡିଆ ପଞ୍ଚାୟତର କୁତୁରୀ, ବଡମୂଳ, ମାଳିସାହି ରାସ୍ତାରେ ୧ ରୁ ୩ଫୁଟ ଉଚ୍ଚର ବନ୍ୟାଜଳ ପ୍ରବାହିତ ହେଉଛି। ସେହିପରି ଛାମୁଣ୍ଡିଆ ଖଳିନାଳ ଉପରେ ୨ଫୁଟ, ଛାମୁଣ୍ଡିଆ-ମୁଦୁଲିଗାଡିଆ ରାସ୍ତାର ମୁଦୁଲିଗାଡିଆଠାରେ ୩ଫୁଟ ବନ୍ୟାଜଳ ପ୍ରବାହିତ ହେଉଛି । ବୃତଙ୍ଗ ସେତୁ ନିକଟ ନାଳ ଓ କଳାପାଟ ପୀଠ ନାଳରେ ୨ଫୁଟ ବନ୍ୟାଜଳ ପ୍ରବାହିତ ହେଉଛି । ସେହିପରି ସାଉଥ୍ ବଡମୂଳ ମଙ୍ଗାନାସୀଠାରେ ଥିବା ସାତକୋଶିଆ ପରିବେଶ ପର୍ଯ୍ୟଟନ କେନ୍ଦ୍ର ପରିସରରେ ବନ୍ୟାଜଳ ପ୍ରବେଶ କରିଛି। ଲଗାଣ ବର୍ଷା ପ୍ରଭାବରେ ବଡମୂଳ, ଛାମୁଣ୍ଡିଆ, ରାସଙ୍ଗ ଆଦି ଗହିରୀ ବିଲରେ ବନ୍ୟାଜଳ ପ୍ରବେଶ କରିଛି । ଏ ନେଇ ଗଣିଆ ବିଡିଓ ଓ ତହସିଲଦାରଙ୍କୁ ସଜାଗ କରାଯିବା ସହ ନଦୀକୂଳିଆ ଲୋକମାନଙ୍କୁ ସତର୍କ ରହିବା ପାଇଁ ନୟାଗଡ଼ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ତେବେ ସାମ୍ଭାବ୍ୟ ବନ୍ୟା ପରିସ୍ଥିତିକୁ ମୁକାବିଲା କରିବା ପାଇଁ ବ୍ଲକ ପ୍ରଶାସନ ତରଫରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବା ଗଣିଆ ବିଡିଓ ଖଗେଶ୍ୱର ପାତ୍ର କହିଛନ୍ତି ।

# ବଗିଚାରେ ପଶି ଫସଲ ନଷ୍ଟକଲେ ହାତୀପଲ

ନୂଆଗାଁ,୨।୮ (ଧନେଶ୍ୱର ସାହୁ)

ନୟାଗଡ ବନଖଣ୍ଡ ମହିପୁର ବନାଞ୍ଚଳ ମହିପୁର ସେକ୍ସନ କୋରଡା ଗ୍ରାମ ନିକଟରେ ଥିବା ଫସଲ ବାଡିରେ ମଙ୍ଗଳବାର ରାତିରେ ହାତୀ ପଲ ପଶି ନଷ୍ଟ କରିଛନ୍ତି। ବିଳମ୍ବିତ ରାତିରେ କୋରଡା ଗ୍ରାମର ଅଚ୍ୟୁତ ଖଣ୍ଡୁଆଳ, ଅଧିକାରୀ ଖଣ୍ଡୁଆଳ, ଗଙ୍ଗା ଖଣ୍ଡୁଆଳଙ୍କ ବଗିଚାରେ ୭ଟି ହାତୀ ପଶି ବଗିଚାରେ ଥିବା ନଡିଆ, କଦଳୀ, କଖାରୁ ଆଦି ଫସଲ ନଷ୍ଟ କରିଥିଲେ । ତତ୍ ସହିତ ପାଖରେ ଥିବା ପୋଖରୀରେ ପଶିବା ଦ୍ୱାରା ପୋଖରୀରୁ ଅନେକ ମାଛ ମରି ଯାଇଛନ୍ତି । ଖବର ପାଇ ମହିତମା ସେକ୍ସନ ଫରେଷ୍ଟର ରାକେଶ କୁମାର ସାହୁ, ବନରକ୍ଷୀ ଅର୍ଦ୍ଧେନ୍ଦୁ ପରିଡାଙ୍କ ସମେତ ବନ ବିଭାଗ ସ୍ୱାର୍ଡ ଘଟଣାସ୍ଥଳରେ ପହଞ୍ଚି ହାତୀ ଘଉଡାଇବା ପାଇଁ ଚେଷ୍ଟା କରିଥିଲେ। ହାତୀ ଦ୍ୱାରା ହୋଇଥିବା କ୍ଷୟକ୍ଷତିର ଆକଳନ କରି ବନ ବିଭାଗ ନିକଟରେ ଦାଖଲ କରିଥିବା ମହିତମା ଫରେଷ୍ଟର ସାହୁ ସୂଚନା ଦେଇଛନ୍ତି। ତେବେ କୋରଡା ଅଞ୍ଚଳରେ ହାତୀ ପଲ ଥିବାରୁ ଜନ ସାଧାରଣ ସତର୍କ ରହିବା ପାଇଁ ବନ ବିଭାଗ ତରଫରୁ ପରାମର୍ଶ ଦିଆଯାଇଛି ।



ହାତୀ ଉଜାଡି ଦେଇଥିବା ଫସଲ ।

# ବିଭିନ୍ନ ସ୍ଥାନରେ ଗଛ ଉପୁଡ଼ି ରାସ୍ତା ଅବରୋଧ

ଦଶପଲ୍ଲା,୨।୮ (ପ୍ରକାଶ କୁମାର ପାଣି)

ବୁଧବାର ଦଶପଲ୍ଲା-ଗଣିଆ ରାସ୍ତାରେ ଏକ ବିରାଟ ଆମ୍ବଗଛ ଉପୁଡି ରାସ୍ତା ଉପରେ ପଡିବାରୁ କିଛି ସମୟ ଧରି ଯାନବାହାନ ଚଳାଚଳ ବନ୍ଦ ରହିଥିଲା। ପ୍ରବଳ ବର୍ଷା ଯୋଗୁ ଏହି ଆମ୍ବଗଛଟି ରାସ୍ତା ଉପରେ ଉପୁଡି ପଡିଥିଲା । ଏ ସଂକ୍ରାନ୍ତରେ ଖବର ପାଇ ଦଶପଲ୍ଲା ଦମକଳ ବାହିନୀ ଗଛ କାଟି ରାସ୍ତାକୁ ସଫା କରିଥିଲେ । ଏଥିରେ ସ୍ଥାନୀୟ ଲୋକମାନେ ସହଯୋଗ କରିଥିଲେ । ରାସ୍ତାରୁ ଗଛ ହଟିବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା । ସେହିପରି ଦଶପଲ୍ଲା ଥାନା ନିକଟରେ ଏକ ବଡ଼ ଗଛ ଭାଙ୍ଗି ପଡିଥିଲା । ଦମକଳ କର୍ମଚାରୀମାନେ ସେହି ଗଛକୁ କାଟି ସଫାକରି ଥିଲେ । ସେହିପରି ଅପରାହ୍ନ ପ୍ରାୟ ୫ଟା ୩୦ ସମୟରେ ଖୋର୍ଦ୍ଧା-ବଲାଙ୍ଗୀର ୫୭ ନଂ ଜାତୀୟ ରାଜପଥର ଦଶପଲ୍ଲା ନିକଟସ୍ଥ ଟାକରା ଓ ବୁଗୁଡା ମଧ୍ୟବର୍ତ୍ତୀ, ମଣିନାଗ ବହୁମୁଖୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ନିକଟରେ ଏକ ବିରାଟ ଶାଳଗଛ ଉପୁଡ଼ି ପଡିଥିଲା। ଫଳରେ ଜାତୀୟ ରାଜପଥର ଦୁଇ ପାର୍ଶ୍ୱରେ ଶତାଧିକ ଗାଡ଼ି ଅଟକି ରହିଥିଲା। ଅଗ୍ନିଶମ ବାହିନୀ ଗଛ କାଟି ଗାଡ଼ି ଚଳାଚଳ ସ୍ୱାଭାବିକ କରିଥିଲେ।



ବୁଗୁଡା ନିକଟରେ ଦମକଳ କର୍ମଚାରୀମାନେ ଗଛକାଟି ସଫା କରୁଛନ୍ତି।

